R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୦
ତିଥି : ଦ୍ୱାଦଶୀ
୧୬ ମାର୍ଚ୍ଚ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 160
16 March 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ରାଜ୍ୟସଭା ଭୋଟ୍

ଭୁବନେଶ୍ୱର,୧୫।୩,(ସବ୍ୟୁ): ଆସନ୍ତାକାଲି (ସୋମବାର) ରାଜ୍ୟସଭା ନିର୍ବାଚନ । ବିଧାୟକମାନେ ଭୋଟ ଦେଇ ଓଡ଼ିଶାରୁ ୪ଜଣଙ୍କୁ ସଂସଦର ଉଚ୍ଚସଦନକୁ ପଠାଇବେ । ୪ଟି ଆସନ ପାଇଁ ପାଞ୍ଚ ଜଣ ପ୍ରାର୍ଥୀ ଅଛନ୍ତି । ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ ହେବ । ସକାଳ ୯ଟାରୁ ଭୋଟ ଦାନ ଆରମ୍ଭ ହେବାକୁ ଥିବା ବେଳେ ଅପରାହ୍ନ ୪ଟା ମତଦାନ ଶେଷ ହେବ । ତେବେ ସନ୍ଧ୍ୟା ୫ଟାରୁ ଭୋଟ ଗଣତି ହେବା ସହିତ ୬ଟାରେ ବିଜେତାଙ୍କ ନାମ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ସେପଟେ ୪ଟି ଆସନ ପାଇଁ ପାଞ୍ଚ ଜଣ ପ୍ରାର୍ଥୀ ରହିଥିବାରୁ ସବୁ ଦଳର ମୁଖିଆଙ୍କୁ ଘାରିଛି ଭୟ । କ୍ରସ ଭୋଟିଂ, ଅନୁପସ୍ଥିତ କିମ୍ବା ନାକଚ ହେଲେ ସମସ୍ତଙ୍କ ଗଣିତ ଗୋଳମାଳ ହୋଇପାରେ । ଏଭଳି ସ୍ଥିତିରେ ବିଧାୟକଙ୍କୁ ଏକାଠି ରଖିବା ପାଇଁ ରାଜ୍ୟରେ (୯ ପୃଷ୍ଠାରେ)

## ବିରୋଧୀ ଶିବିରରେ ୩ ବିଧାୟକ ଧରାଛୁଆଁ ଦେଉନାହାନ୍ତି



- ଦାସରଥୀଙ୍କୁ ଆଜି ୯ଟା ସୁଧା ଯୋଗାଯୋଗ ପାଇଁ ଚିଠି
- ନବ ଓ ଚନ୍ଦ୍ରମଣିଙ୍କୁ ବିଜେଡିର କାରଣ ଦର୍ଶାଅ ନୋଟିସ୍
- ୬ରୁ ଊର୍ଦ୍ଧ୍ୱ ବିଧାୟକ କ୍ରସ ଭୋଟିଂ କରିବା ଆଶଙ୍କା
- ପାରାଦୀପର ଏକ ହୋଟେଲରେ ବିଜେପି ବିଧାୟକ
- ଅରବିନ୍ଦ,ସନାତନଙ୍କୁ ସଭ୍ୟ ପଦ ରଦ୍ଦ ଚେତାବନୀ

- ▲ ଚାରି ଆସନ ଲାଗି ୫ ପ୍ରାର୍ଥୀ
- ▲ ସକାଳ ୯ରୁ ଭୋଟ ଗ୍ରହଣ, ଅପରାହ୍ନ ୪ରେ ଶେଷ
- ▲ ସନ୍ଧ୍ୟା ୫ରେ ଭୋଟ ଗଣତି, ୬ରେ ଘୋଷଣା

ଭୁବନେଶ୍ୱର,୧୫।୩,(ସବ୍ୟୁ) :ରାତି ପାହିଲେ ରାଜ୍ୟସଭା ନିର୍ବାଚନ । ଏଥର ନିର୍ବାଚନଟି ବେଶ ରୋଚକ ସ୍ଥିତିରେ ପହଞ୍ଚିଛି । ୪ ସଦସ୍ୟ ପାଇଁ ୫ ପ୍ରାର୍ଥୀ ମୈଦାନରେ ଅଛନ୍ତି । (୯ ପୃଷ୍ଠାରେ)

# ୫ ରାଜ୍ୟ ପାଇଁ ବାଜିଲା ନିର୍ବାଚନୀ ବିଗୁଲ

## ନିର୍ବାଚନ ଆଚରଣ ବିଧି ଲାଗୁ

ନୂଆଦିଲ୍ଲୀ,୧୫।୩: ଭାରତୀୟ ନିର୍ବାଚନ କମିସନ ଆଜି ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏହି ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ନିର୍ବାଚନ ତାରିଖ ଘୋଷଣା ସହିତ ସମସ୍ତ ନିର୍ବାଚନ ସମ୍ବନ୍ଧୀୟ ରାଜ୍ୟରେ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଛି।ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ନିର୍ବାଚନ ତାରିଖ ଘୋଷଣା ସହିତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୨୪ ନିର୍ବାଚନ ମଣ୍ଡଳୀ ପାଇଁ ୨ ଲକ୍ଷ ୧୯ ହଜାର ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ୧୭ କୋଟି ୪ ଲକ୍ଷରୁ ଅଧିକ ଭୋଟର ମତଦାନ କରିବେ। ସମସ୍ତ ମତଦାନ କେନ୍ଦ୍ର ପାଇଁ ୧୦୦% ୱେବକାଷ୍ଟିଂ ସକ୍ଷମ କରିବେ ନିର୍ବାଚନ ଆୟୋଗ। (୯ ପୃଷ୍ଠାରେ)




- ■ ଆସାମ, କେରଳ, ପୁଡୁଚେରିରେ ଏପ୍ରିଲ ୯ରେ ଏକ ପର୍ଯ୍ୟାୟ ଭୋଟ୍
- ■ ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଏବଂ ୨୯ରେ ଦୁଇ ପର୍ଯ୍ୟାୟ ଭୋଟ ଗ୍ରହଣ
- ■ ତାମିଲନାଡୁରେ ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ଭୋଟ ଗ୍ରହଣ
- ■ ୫ ରାଜ୍ୟରେ ମେ ୪ ତାରିଖରେ ଭୋଟ୍ ଗଣତି ଓ ଫଳାଫଳ ଘୋଷଣା

ଏହି ନିର୍ବାଚନରେ ୨୫ ଲକ୍ଷ ଅଧିକାରୀ ମୁତୟନ ରହିବେ ବୋଲି କହିଛନ୍ତି।

## ୧୧ ମାଓବାଦୀଙ୍କ ଆତ୍ମସମର୍ପଣ

ଭବାନୀପାଟଣା,୧୫।୩,(ସବ୍ୟୁ) : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଦିଆଯାଇଥିବା ଡ଼େଡ୍ ଲାଇନ୍ ୩୧ ମାର୍ଚ୍ଚରେ ପୁରିବ । ସରକାରଙ୍କ ବିସ୍ଥାପିତ ଏବଂ ପ୍ରୋତ୍ସାହନ ନୀତିରେ ପ୍ରଭାବିତ ହୋଇ ମାଓବାଦୀମାନେ ଅସ୍ତ୍ର ଛାଡ଼ି ସାଧାରଣ ଜୀବନଯାପନ କରିବାକୁ ଅଗ୍ରସର ହେଉଛନ୍ତି । ଏହି କ୍ରମରେ ରବିବାର ସରକାରଙ୍କୁ ବଡ଼ ସଫଳତା ମିଳିଛି । କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାସ୍ଥିତ ରିଜର୍ଭ ପୁଲିସ ଲାଇନରେ ଆୟୋଜିତ ଏକ ସ୍ୱତନ୍ତ୍ର (୯ ପୃଷ୍ଠାରେ)

# ରାଜ୍ୟସଭା ରାଜନୀତି ଲାଗି ପାରାଦୀପ ଉଷ୍ମ

ପାରାଦୀପ,୧୫।୩,(ଜିପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ପାରାଦୀପ ରାଜନୀତି ଉଷ୍ମ ହୋଇଛି । ରାଜଧାନୀ ଛାଡି ବନ୍ଦର ନଗରୀରେ ଏକତ୍ରିତ ବିଧାୟକ, ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଡେରା ପକାଇଥିବା ବେଳେ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚିଛନ୍ତି । ସମୁଦ୍ରକୂଳରେ ଥିବା ଏକ ହୋଟେଲରେ ଆରମ୍ଭ ହୋଇ ଥିଲା ଗୁପ୍ତ ବୈଠକ । ଯାହା ଏବେ ରାଜ୍ୟ ରାଜନୀତିକୁ ବେଶ ଚର୍ଚ୍ଚାର ଖୋରାକ ଯୋଗାଇଛି । ପାରାଦୀପ ସହର ସାରା ପୋଲିଶ ଛାଉଣୀ ଆଉ ଜୋର ଧରିଛି ଚର୍ଚ୍ଚା ଆଲୋଚନା । ରାତି ପ୍ରାୟ ୧୨ଟା ୩୦ ପାରାଦୀପରେ ପହଞ୍ଚିଲେ ବିଜେପି ଦଳର ବିଧାୟକମାନେ । ଭୁବନେଶ୍ୱରରୁ ସେମାନେ ଆସି ଏଠାରେ ପହଞ୍ଚିବା ପରେ ଆଜି ମଧ୍ୟାହ୍ନରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପାରାଦୀପରେ ପହଞ୍ଚି ଥିଲେ (୯ ପୃଷ୍ଠାରେ)



# ଘୂର୍ଣ୍ଣିଝଡ଼ ନେଲା ୩ ଜୀବନ

କରଞ୍ଜିଆ, (ସବ୍ୟୁ): ରବିବାର ଅପରାହ୍ନ ସାଢ଼େ ୩ଟାରେ ରେ କରଞ୍ଜିଆ ବ୍ଲକର ଡୁମୁରିଆ, କିଆପାଣପଶି, ବଳା, ପୁରୁଣା ପାଣି, ବାଟପଲସା, କଙ୍କଡା ପ୍ରଭୁତି ୭ ଟି ଗ୍ରାମର ଲୋକ ଘୂର୍ଣ୍ଣିଝଡ଼ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଘୂର୍ଣ୍ଣିଝଡ଼ରେ ୩ ଜଣଙ୍କର ମୃତ ହୋଇଥିବାର ଜଣାପଡିଛି । ସେମାନେ ହେଲେ ପୋଲିସ ନାୟିକ (୪୫) । ସାହାରପଡା ନିକଟ ହଳଦିବଟା ଗ୍ରାମର ସେ ବୁଲିବାକୁ ଯାଇଥିବା ବେଳେ କାନ୍ଥ ପଡି ମୃତ୍ୟୁ ବରଣ କରିଛନ୍ତି ।ଆଉଜଣେ ବିଉଁରିଆଗ୍ରାମର ଲାଲମୋହନ ମହାନ୍ତଙ୍କ ସ୍ତ୍ରୀ ମାଳତୀ ମହାନ୍ତ (୫୦) । ଏପରିକି ଏକ ଯାତ୍ରୀବାହୀ ଅଟୋ ପବନରେ ଭାରସାମ୍ୟ ହରାଇ ଏକ ପୋଖରୀ ମଧ୍ୟକୁ ପଶିଯାଇଥିବା ବେଳେ ଚାଳକର ମୃତ୍ୟୁ ଘଟିଛି । ଏହି ଘୂର୍ଣ୍ଣିଝଡ଼ରେ ସନ୍ଧ୍ୟା ସୁଦ୍ଧା ୨୯ ଜଣ ବ୍ୟକ୍ତି ଆହତ ହୋଇଥିବାର ଖବର ମିଳିଛି । ସେଥି ମଧ୍ୟରୁ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରଥମେ ଦିନ ୩. ୩୦ ରେ ଡୁମୁରିଆ ଗ୍ରାମରୁ ଘୂର୍ଣ୍ଣିଝଡ଼ ଆରମ୍ଭ ହୋଇଥିଲା । ଏହି ଝଡ କିଆ, ପୁରୁଣା ପାଣି, ମୂଳଅଲସା, କଙ୍କଡା ଗ୍ରାମକୁ ବ୍ୟାପିଥିଲା । କେବଳ କିଆ (୯ ପୃଷ୍ଠାରେ)

KISS
KALINGA INSTITUTE OF SOCIAL SCIENCES
Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
A home for 80,000 Tribal children



KISS HUMANITARIAN AWARD 2025

16th March 2026

PAST RECIPIENTS

- Mr. Bill Gates
Co-chair of the Bill & Melinda Gates Foundation, and Co-Founder & former CEO of Microsoft (2023)
- Her Excellency Mama Rachel Ruto, EGH
First Lady of the Republic of Kenya (2022)
- Mr. Ratan Naval Tata,
Chairman Emeritus, Tata Sons (2021)
- Dr. Ary S Graça
President-International Volleyball Federation (FIVB) (2020)
- Dr. Dansa KOUROUMA
President, National Transition Council of Guinea, Guinea (2019)
- Professor Muhammad Yunus
(Nobel Laureate)
Founder, Grameen Bank, Bangladesh (2018)
- His Holiness
The 14th Dalai Lama
Nobel Laureate, 2005 and Spiritual Leader (2017)
- Ms. Ashley Judd,
Hollywood Actor, Activist & Global Goodwill Ambassador, UNFPA (2016)



Smt. Nita M. Ambani, Founder and Chairperson, Reliance Foundation receiving the prestigious KISS Humanitarian Award 2025

AWARDEES ARE FROM
5 Continents
13 Countries
2 Nobel Laureates among the awardees

Chief Guest: Prof. Mohan Munasinghe, Nobel Laureate from Sri Lanka

- KISS Humanitarian Award
Founded by Dr. Achyuta Samanta, Founder, KIIT-KISS-KIMS
- Watch Live on Kalinga TV from 5.00 p.m. onwards

- His Excellency
Dr Alejandro Toledo,
Former President of Peru (2015)
- Ms. Anne F. Stenhammer
Former Regional Programme Director, UN Women, South Asia Regional Office (2014)
- Madam Albina Du Boisrouvray
Founder, Association François-Xavier Bagnoud (FXB International), Switzerland (2013)
- His Excellency
Lyonchhen Jigmi Y. Thinley
Hon'ble Prime Minister, The Royal Government of Bhutan (2012)
- Rt Hon. Lord Nicholas Addison Phillips
President (Chief Justice) of the Supreme Court of the United Kingdom (2011)
- Rt. Hon. Sir Anerood Jugnauth
Eminent Social Worker & His Excellency the President of Mauritius (2010)
- Dr. Ham Kee-Sun
Eminent Educationist & Physician and Hon'ble President & Founder, Hanseo University, South Korea (2009)
- Ms. Edna Bomo Molewa
Noted Social Worker & Hon'ble Cabinet Minister, Social Development, South Africa National Assembly, South Africa (2008)

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

# ନିଶା ଖାଉଛନ୍ତି ସିମ୍ପାଞ୍ଜି



ଜଙ୍ଗଲି ଫଳରୁ ମିଳୁଛି ମଦର ସ୍ୱାଦ, ୟୁଗାଣ୍ଡାରେ ହୋଇଥିବା ଗବେଷଣାରୁ ଏଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିଛି । ସୂଚନା ଅନୁସାରେ ୟୁଗାଣ୍ଡାର ଜଙ୍ଗଲରେ ହୋଇଥିବା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ବନ୍ୟ ସିମ୍ପାଞ୍ଜିମାନେ ମଧ୍ୟ ମଣିଷଙ୍କ ଭଳି ନିଶା ସେବନ କରୁଛନ୍ତି । ୟୁଗାଣ୍ଡାର କିବାଲେ ନ୍ୟାସନାଲ ପାର୍କରେ ବୈଜ୍ଞାନିକମାନେ ସିମ୍ପାଞ୍ଜିଙ୍କ ମୂତ୍ରର ୨୦ଟି ନମୁନା ସଂଗ୍ରହ କରିଥିଲେ । ଯେଉଁଥିରୁ ୧୭ଟି ନମୁନାରେ ମଦର ଅଂଶ ମିଳିଥିଲା ଏବଂ ଏହାର ସ୍ତର ଜଣେ ମଣିଷ ୧ କିମ୍ବା ୨ ପେଗ୍ ମଦ ପିଇବା ପରେ ଯେତିକି ନିଶା ହୁଏ ତାହା ସହ ସମାନ ଥିଲା । ପ୍ରକୃତରେ ଜଙ୍ଗଲରେ ଥିବା 'ଷ୍ଟାର୍ ଆପଲ୍' ଭଳି ଫଳ ଅଧିକ ପାଚିବା ପରେ ସେଥିରେ ଥିବା ଶର୍କରା ବା ଚିନି ଅଂଶ ପ୍ରାକୃତିକ ଭାବେ 'ଫର୍ମେଣ୍ଟ' ହୋଇ ମଦରେ ପରିଣତ ହୋଇଯାଇଥାଏ । ଯେତେବେଳେ ସିମ୍ପାଞ୍ଜିମାନେ ଏହି ଫଳଗୁଡ଼ିକୁ ଖାଆନ୍ତି, ସେମାନଙ୍କ ଶରୀରକୁ ପ୍ରାୟ ଦୁଇଟି ଡ୍ରିଙ୍କ୍ସ ବା ମଦ ପିଇବା ସମାନ ନିଶା ପହଞ୍ଚିଥାଏ ।

## ମିଠା ସିଙ୍ଗଡ଼ା



**ସାମଗ୍ରୀ-** ମଇଦା ୪କପ, ଚିନି ୪କପ, ଖୁଆ ୨କପ,ଗୁଜୁରାତି ୧୦ଟା, ଛାଣିବା ପାଇଁ ତେଲ ।

**ପ୍ରଣାଳୀ-** ପ୍ରଥମେ ଚିନି, ଗୁଜୁରାତିକୁ ଅଲଗା ଅଲଗା ଗୁଣ୍ଡ କରନ୍ତୁ । ମଇଦା ସହିତ ତେଲ କିମ୍ବା ଘିଅ ମିଶାଇ ଭଲକରି ଗୋଳାଇ ଦିଅନ୍ତୁ । ଏହାପରେ ଏହାକୁ ଚକଟି ନିଅନ୍ତୁ । ଏହି ଚକଟାରୁ ପୁରି ଭଳି ଛୋଟଛୋଟ ଗୋଲଗୋଲ ପ୍ରସ୍ତୁତ କରନ୍ତୁ । ଏହି ଗୋଲକୁ ଛୋଟଛୋଟ ଗୋଲାକାର ଆକାରରେ ବେଲି ନିଅନ୍ତୁ । ଏଥିରେ ଖୁଆ, ଚିନି, ଗୁଜୁରାତି ଓ କାଜୁ ମିଶା ପୁର ଦେଇ ସିଙ୍ଗଡା ଗଢନ୍ତୁ । ଏହି ସିଙ୍ଗଡାକୁ ବର୍ତ୍ତମାନ ଛାଣି ନିଅନ୍ତୁ । ଶେଷରେ ଏହି ଛଣା ସିଙ୍ଗଡାକୁ ଚିନି ସିରାରେ ପକାନ୍ତୁ ପ୍ରସ୍ତୁତ ହୋଇଯିବ ମିଠା ସିଙ୍ଗଡା ।

## ସୋସିଆଲ କୋଟ୍ସ



ଯେତେବେଳେ ମୋର ହାର୍ଟ ଆଟାକ୍ ଆସିଥିଲା ସେତେବେଳେ ମୁଁ ଜିମ୍‌ରେ ଥିଲି । ପ୍ରଥମେ ମୋତେ ଖୁବ ଅଜବ ଧରଣର ଲାଗିଥିଲା । ଏହାପରେ ଯନ୍ତ୍ରଣା ହେବା ସହିତ ବାନ୍ତି ମଧ୍ୟ ଲାଗିଥିଲା ।

ରେମୋ ଡିସୁଜା, କୋରିଓଗ୍ରାଫର



ଛୋଟ ବେଳେ ଅନେକ ଏଭଳି ପରିସ୍ଥିତିର ସାମନା କରିଛି, ଯାହା ମୋତେ ଅସହଜ ଲାଗିଛି । ଏହି ସବୁ ପରିସ୍ଥିତିରୁ ଦୂରେଇ ରହିବା ପାଇଁ ପିଲାଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ।

କୃତି ସେଟି, ଅଭିନେତ୍ରୀ



ଜୀବନରେ ଅନେକ କିଛି ଦେଖିଲାଣି । କେତେବେଳେ ଲାଇଫ ମୋତେ ଖୁବ ଭଲ ଅନୁଭୂତି ଦେଇଛି କେତେବେଳେ ଖରାପ । ହେଲେ ଆଗକୁ ବଢିବା ମୋର ଧର୍ମ ଓ ସବୁବେଳେ ବଢିବି ।

ହିନା ଖାନ୍, ଅଭିନେତ୍ରୀ



## ଜାନୁ ଶୀର୍ଷାସନ

ପ୍ରଥମେ ଚଟାଣରେ ଦୁଇ ଗୋଡ଼କୁ ସିଧା କରି ବସନ୍ତୁ । ଏବେ ଡାହାଣ ଗୋଡ଼କୁ ଆଣ୍ଠୁ ପାଖରୁ ମୋଡ଼ି ଏହାର ପାଦକୁ ବାମ ଗୋଡ଼ର ଜଙ୍ଘ ମୂଳରେ ଲଗାଇ ରଖନ୍ତୁ । ନିଶ୍ୱାସ ନେଇ ଦୁଇ ହାତକୁ ମୁଣ୍ଡ ଉପରକୁ ଉଠାନ୍ତୁ ଏବଂ ମେରୁଦଣ୍ଡକୁ ସିଧା ରଖନ୍ତୁ । ଧୀରେ ଧୀରେ ନିଶ୍ୱାସ ଛାଡ଼ି ଅଣ୍ଟା ପାଖରୁ ଆଗକୁ ଝୁକନ୍ତୁ ଏବଂ ଦୁଇ ହାତରେ ବାମ ପାଦର ପଞ୍ଝାକୁ ଧରିବାକୁ ଚେଷ୍ଟା କରନ୍ତୁ । ନିଜ କପାଳକୁ ବାମ ଗୋଡ଼ର ଆଣ୍ଠୁରେ ଲଗାଇବାକୁ ଚେଷ୍ଟା କରନ୍ତୁ । ଏହି ଅବସ୍ଥାରେ ୩୦ ସେକେଣ୍ଡରୁ ୧ ମିନିଟ୍ ଯାଏଁ ରୁହନ୍ତୁ ଏବଂ ସାଧାରଣ ଭାବେ ନିଶ୍ୱାସ ନିଅନ୍ତୁ । ତା'ପରେ ପୂର୍ବ ଅବସ୍ଥାକୁ ଫେରି ଆସନ୍ତୁ ଏବଂ ଅନ୍ୟ ଗୋଡ଼ରେ ମଧ୍ୟ ସମାନ ପ୍ରକ୍ରିୟା ଦୋହରାନ୍ତୁ ।

**ଉପକାରିତା-**

- ଏହା ଆଣ୍ଠୁ ପଛପାଖ ' ମାଂସପେଶୀକୁ ପ୍ରସାରିତ କରେ, ଯାହା ଆଣ୍ଠୁର ଚାପ କମାଇଥାଏ ।
- ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।
- ଏହି ଆସନ ମସ୍ତିଷ୍କକୁ ଶାନ୍ତ ରଖେ ଏବଂ ମାନସିକ ଚାପ ଦୂର କରେ ।

## ଇତିହାସ

**ଜାତୀୟ ଭ୍ୟାକସିନ ଦିବସ**

୧୭୯୨: ସ୍ୱିଡେନର ରାଜା ଗୁସ୍ତାଭ ୩ଙ୍କୁ ଏକ ଅପେରା ମାସ୍କଡ୍ ବଲ୍ ସମୟରେ କାଉଣ୍ଟ ଜାକବ ଜୋହାନ ଆଙ୍କରଷ୍ଟ୍ରମ ଗୁଳି କରିଥିଲେ ।

୧୯୮୪: ଦକ୍ଷିଣ ଆଫ୍ରିକା ଏବଂ ମୋଜାମ୍ବିକ୍ ମଧ୍ୟରେ ଏକ ଅଣ-ଆକ୍ରମଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

୧୯୯୫ : ପ୍ରଥମ ପୋଲିଓ ଭ୍ୟାକସିନ ଦିଆଯାଇଥିବାରୁ ଏହି ଦିନକୁ ଜାତୀୟ ଭ୍ୟାକସିନ ଦିବସ ଭାବେ ପାଳନ କରାଯାଇଥାଏ ।

୨୦୦୫: ଇସ୍ରାଏଲ ଆନୁଷ୍ଠାନିକ ଭାବେ ଜେରିକୋ ସହରକୁ ପାଲେଷ୍ଟାଇନ ନିୟନ୍ତ୍ରଣକୁ ହସ୍ତାନ୍ତର କରିଥିଲା ।

୨୦୧୨: ଆଫଗାନିସ୍ତାନର କାବୁଲ ଉପକଣ୍ଠରେ ଏକ ତୁର୍କୀ ନାଟୋ ହେଲିକପ୍ଟର ଏକ ଘର ଉପରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିଲା ।

୨୦୧୩: ପାକିସ୍ତାନର ରାୱଲପିଣ୍ଡିରେ ଏକ ବସ୍ ଖାଲକୁ ଖସିପଡ଼ିବା ଫଳରେ ୨୪ ଜଣ ପାକିସ୍ତାନୀ ସେନା ଯବାନ ପ୍ରାଣ ହରାଇଥିଲେ ।

୨୦୧୬: ଆମେରିକା ରାଷ୍ଟ୍ରପତି ବାରାକ ଓବାମା ସୁପ୍ରିମକୋର୍ଟର ଜଷ୍ଟିସ ଭାବରେ ମେରିକ୍ ଗାରଲାଣ୍ଡଙ୍କ ନାମ ମନୋନୀତ କରିଥିଲେ ।

୨୦୧୮: ହଂକଂର ସବୁଠାରୁ ଧନୀ ବ୍ୟକ୍ତି ଲି କା-ସିଙ୍ଗ୍ ୮୯ ବର୍ଷ ବୟସରେ ନିଜର ଅବସର ଘୋଷଣା କରିଥିଲେ ।

## ବିଫଳତାକୁ କରୁଛନ୍ତି ଉପଭୋଗ

ବିଫଳତାକୁ ନେଇ ବଦଳୁଛି ଚିନ୍ତାଧାରା, ବର୍ତ୍ତମାନ ସୋସିଆଲ ମିଡିଆରେ ରିଜେକ୍ସନକୁ ଯୁବପିଢି ସେଲିବ୍ରେସନ୍ କରୁଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ସୋସିଆଲ ମିଡିଆରେ ନିଜର ବିଫଳତାକୁ ସର୍ବସମ୍ମୁଖରେ ସ୍ୱୀକାର କରିବାର ଏକ ନୂଆ ଧାରା ଆରମ୍ଭ ହୋଇଛି । ଏପରିକି ବିଫଳତାକୁ ସେଲିବ୍ରେସନ କରିବାକୁ ମ୍ୟୁଜିୟମ ମଧ୍ୟ ଖୋଲାଯାଇଛି । ୯୦ ଦଶକର 'ଜେନ୍-ଏକ୍ସ' ପିଢ଼ି ନିଜର ସଂଘର୍ଷକୁ ଲୁଚାଇ ସଫଳତାକୁ ସହଜ ଦର୍ଶାଉଥିବା ବେଳେ ଆଜିର ଯୁବପିଢ଼ି ପରିଶ୍ରମ ଓ ବିଫଳତାକୁ ଖୋଲାଖୋଲି ଭାବେ ଗ୍ରହଣ କରୁଛନ୍ତି । ତେବେ ଏହି ମନୋଭାବକୁ କେତେକ ସକାରାତ୍ମକ ପରିବର୍ତ୍ତନ ବୋଲି କହୁଥିବା ବେଳେ ଅନ୍ୟପକ୍ଷରେ ଏହାକୁ ଏକ 'ସାମାଜିକ ଓ ଅର୍ଥନୈତିକ ଟ୍ରାଜେଡି' ବୋଲି କିଛି ଲୋକ ମତ ଦେଉଛନ୍ତି । ଆର୍ଥିକ ଅନିଶ୍ଚିତତା ଏବଂ ବେରୋଜଗାରୀ କାରଣରୁ ୧୬ ରୁ ୨୪ ବର୍ଷର ଯୁବକଯୁବତୀମାନେ ନିଜ ଭବିଷ୍ୟତକୁ ନେଇ ପୂର୍ବ ପିଢ଼ି ଅପେକ୍ଷା ୫ ଗୁଣ ଅଧିକ ଭୟଭୀତ ଅଛନ୍ତି, ଯେଉଁଥିପାଇଁ ବିଫଳତାକୁ ଉତ୍ସବ ଭାବେ ପାଳନ କରିବା ସେମାନଙ୍କର ସାହସ ନୁହେଁ ବରଂ ଏକ ପ୍ରକାର 'ଭବିଷ୍ୟହୀନତା'ର ଆଶଙ୍କା ପାଲଟିଛି ବୋଲି କିଛି ଲୋକ ମତ ଦେଉଛନ୍ତି ।




## ସାଇ ଥିଲେ କି ପ୍ରଥମ ପସନ୍ଦ !



ପ୍ରତିଷ୍ଠିତ ଅଭିନେତ୍ରୀ ମଧୁବାଲାଙ୍କ ଜୀବନୀ ଉପରେ ଆଧାରିତ ବାୟୋପିକ୍‌କୁ ନେଇ ଏବେ ଚଳଚ୍ଚିତ୍ର ଜଗତରେ ବେଶ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ କିଆରା ଆଡଭାନୀଙ୍କ ଠାରୁ ଆରମ୍ଭ କରି ଅନୀତ ପଡାଙ୍କ ନାମକୁ ନେଇ କଳ୍ପନାଜଳ୍ପନା ଚାଲିଥିବା ବେଳେ ଏକ ନୂତନ ରିପୋର୍ଟ ଅନୁଯାୟୀ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ମଧ୍ୟ ଏହି ଦୌଡ଼ରେ ସାମିଲ ଥିଲେ । ରିପୋର୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭାନ୍‌ଶାଲୀ ମଧୁବାଲାଙ୍କ ଭୂମିକା ପାଇଁ ଏକ ନୂଆ ଚେହେରା ଖୋଜୁଥିଲେ ଏବଂ ତାଙ୍କର ପସନ୍ଦ ସାଇ ପଲ୍ଲବୀ ଥିଲେ ବୋଲି ଜଣା ପଡିଛି । ହେଲେ ସାଇ ସେତେବେଳେ ଅନ୍ୟ ପ୍ରୋଜେକ୍ଟର ବ୍ୟସ୍ତ ଥିବାରୁ ଏହି ଆଲୋଚନା ଆଗକୁ ବଢି ପାରିନଥିଲା । ଆଗକୁ ସାଇଙ୍କୁ ନୀତେଶ ତିୱାରୀଙ୍କ ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ରାମାୟଣ ପାର୍ଟ ୧'ରେ ମାତା ସୀତାଙ୍କ ଭୂମିକାରେ ଦେଖିବାକୁ ମିଳିବ । ଯେଉଁଥିରେ ରଣବୀର କପୁରଙ୍କ ସହିତ ସେ ନଜର ଆସିବେ । ଏହା ବ୍ୟତୀତ ସାଇ ପଲ୍ଲବୀଙ୍କ ପ୍ରଥମ ହିନ୍ଦୀ ଡେବ୍ୟୁ ଫିଲ୍ମ 'ଏକ ଦିନ' ଆସନ୍ତା ୧ ମଇ ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି, ଯେଉଁଥିରେ ସେ ଅମିର ଖାନଙ୍କ ପୁଅ ଜୁନେିଦ ଖାନଙ୍କ ସହ ସ୍କ୍ରିନ ସେୟାର କରିବେ ।

## ଅଫିସ୍‌ରେ ସୁଟ୍ ପିନ୍ଧିବାକୁ ବାରଣ

ସୋସିଆଲ ମିଡିଆରେ ଥାଇଲାଣ୍ଡର ନ୍ୟୁଜ ଆଙ୍କରମାନେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଏହି ଆଙ୍କରମାନେ ଲାଇଭ ଟିଭିରେ ନିଜର ଜାକେଟ କାଢୁଥିବାରୁ ଚର୍ଚ୍ଚାରେ ଅଛନ୍ତି । ତେବେ ଏହି ଆଚରଣ ପଛରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ସେମାନେ ଏଭଳି ଲୋକଙ୍କୁ କିଭଳି ବିଜୁଳି ବଞ୍ଚାଇହେବ ସେନେଇ ସଚେତନ କରିବା ପାଇଁ କରୁଥିବା ଜଣାପଡିଛି । ସୂଚନା ଅନୁସାରେ ଥାଇଲାଣ୍ଡରେ ବର୍ତ୍ତମାନ ମାତ୍ର ୯୫ ଦିନର ଖର୍ଚ୍ଚପାଇଁ ଶକ୍ତି ରହିଛି । ତେଣୁ ଶକ୍ତି ସଙ୍କଟକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଦେଶବାସୀଙ୍କୁ କମ ବିଜୁଳି ବ୍ୟବହାର ପାଇଁ ନିବେଦନ କରାଯାଇଛି । ତେଣୁ ବିଭିନ୍ନ ଉପାୟରେ ଲୋକଙ୍କୁ ସଚେତନ କରାଯାଉଛି । ତେବେ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଫିସ ପାଇଁ କିଛିକିଛି ନିୟମ ମଧ୍ୟ କରାଯାଇଛି । ଯେପରି ଅଫିସକୁ ସୁଟ ଓ ଟାଇ ପିନ୍ଧି ଆସିବାକୁ ବାରଣ କରାଯାଇଛି, ହାଲୁକା ପୋଷାକ ପିନ୍ଧି ଆସିବା ଦ୍ୱାରା ବିନା ଏସିରେ କାର୍ଯ୍ୟ କରିହେବ । ସେହିଭଳି ସମସ୍ତ ଏସିର ତାପମାତ୍ରା ୨୬ରୁ ୨୭ ଡିଗ୍ରୀ ମଧ୍ୟରେ ରଖାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏପରିକି କିଛି କର୍ମଚାରୀଙ୍କୁ ୱାର୍କଫ୍ରମ ହୋମ ମଧ୍ୟ ପ୍ରଦାନ କରାଯାଇଛି । ବର୍ତ୍ତମାନ ଥାଇଲାଣ୍ଡ ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଜଣାପଡିଛି ।





ମେଷ: ଶାରୀରିକ ସୁସ୍ଥତା, ବନ୍ଧୁ ଦର୍ଶନ, ଭ୍ରମଣ ଯୋଗ, ଉଚ୍ଚ ଆଶାରେ ବାଧା, ଶତ୍ରୁ ଶଙ୍କଟ, ବ୍ୟବସାୟରେ ବାଧା, ଋଣଗ୍ରସ୍ତ, ଉତ୍ସବ ପ୍ରତି ବିମୁଖ, କର୍ମେ ଅଶାନ୍ତି, ଅର୍ଥ ସମସ୍ୟା, ଚୋରି ଭୟ, ବିଦ୍ୟାରେ ସାମାନ୍ୟ ଲାଭ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ହନୁମାନ ।

ବୃଷ: ଆର୍ଥିକ ଲାଭ, ଶାରୀରିକ ସୁସ୍ଥତା, ଅର୍ଥ ସମସ୍ୟା ଅଳ୍ପ ସମାଧାନ, ଆଶା ସଫଳ, ଶତ୍ରୁ ପରାଜିତ, ଦେବଦର୍ଶନ, ଭୂସମ୍ପତ୍ତି ଲାଭ, ସୁସମାଚାର, ବ୍ୟବସାୟରେ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଅଯଥା ଅଶାନ୍ତି, ବିଦ୍ୟା ଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୨, ଆରାଧନା- ମା' ଭଗବତୀ ।

ମିଥୁନ: କର୍ମରେ ସଫଳତା, ସମ୍ମାନ ଲାଭ, ପରିବାରରେ ସହଯୋଗ, ପଦବୀ ଲାଭ, ଶତ୍ରୁ ହାରିବେ, ଉତ୍ସବ ପ୍ରତି ଆଗ୍ରହ, ଦୂର ସ୍ଥାନକୁ ଯାତ୍ରା, ବାଣିଜ୍ୟରେ ଉନ୍ନତି, ଯାନବାହନରେ ସତର୍କ, ନୂତନ ନିଯୁକ୍ତି, ଦାମ୍ପତ୍ୟ କଳହ, ପିଲାଙ୍କ ଖୁସି । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

କର୍କଟ: ବାଦବିବାଦ, ମନ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ କର୍ମକ୍ଷେତ୍ରରେ ମିତ୍ରତା, ପୁରାତନ ଦ୍ରବ୍ୟ ଲାଭ, ରାଜଦଣ୍ଡ, ଶାରୀରିକ ଅସୁସ୍ଥତା, ଅଯଥା ଖର୍ଚ୍ଚାନ୍ତ, ଶତ୍ରୁ କଷ୍ଟ, ପାରିବାରିକ ଶାନ୍ତି, ଉଚ୍ଚ ଆଶାରେ ବିଳମ୍ବ, ପିଲାଙ୍କ ଚିନ୍ତା, ପୁରାତନ ରୋଗ ଦେଖାଦେବ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୫, ଆରାଧନା- ମା' ଦକ୍ଷିଣକାଳୀ ।

ସିଂହ: ସ୍ୱାସ୍ଥ୍ୟ ପ୍ରତି ସତର୍କ, ସହକର୍ମୀଙ୍କ ସହ ମନାନ୍ତର, ବ୍ୟବସାୟରେ କ୍ଷତି, ପରିବାରରେ ବିରୋଧ, ମନ ଅସ୍ଥିର, ରାଜଦଣ୍ଡ, ମୂଲ୍ୟବାନ ପଦାର୍ଥ ପ୍ରତି ଆସକ୍ତ, ଋଣ ଗ୍ରସ୍ତ, ଶତ୍ରୁ ହାରିବେ, ମାନସିକ ଅବସାଦ, ଦୂରଯାତ୍ରା, ବନ୍ଧୁ ଲାଭ, ଭୋଜନରେ ବିଳମ୍ବ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

କନ୍ୟା: ମନରେ ପ୍ରସନ୍ନତା, ପ୍ରୀତି ବୃଦ୍ଧି, କାର୍ଯ୍ୟରେ ସଫଳ, ଭୂସମ୍ପତ୍ତି ଲାଭ, ବ୍ୟବସାୟ ସଫଳ, ଦାମ୍ପତ୍ୟ କଳହ, ଶତ୍ରୁରେ ବିଜୟ, ଥଣ୍ଡାଜନିତ ସମସ୍ୟା, ଗାଡ଼ିମୋଟରରେ ସାବଧାନ, ଉଚ୍ଚ ଆଶାରେ ଖୁସି, ପରିଶ୍ରମ ରହିବ, ବନ୍ଧୁଙ୍କ ସହ ମିତ୍ରତା, ବିଦ୍ୟା ଲାଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

ତୁଳା: ବନ୍ଧୁ ସହଯୋଗ, ଦୂର ଯାତ୍ରା, ବିବାଦ ସମାଧାନ, ଶାରୀରିକ ସୁସ୍ଥତା, ପାରିବାରିକ ଖୁସି, ଅତିଥି ସତ୍କାର, ସୁସମ୍ପର୍କ, ଉଚ୍ଚ ବ୍ୟକ୍ତିଙ୍କ ସାନିଧ ଲାଭ, ଗୁରୁଜନଙ୍କ ଆଶୀର୍ବାଦ, ଶତ୍ରୁ ପରାଜିତ, ଉତ୍ସବ ପ୍ରତି ଆସକ୍ତ, ଦେବକାର୍ଯ୍ୟରେ ଆନନ୍ଦ, ପିଲାଙ୍କ ଖୁସି । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୧୧, ଆରାଧନା- ଶଙ୍କର ଭଗବାନ ।

ବିଛା: ପିଲାଙ୍କ ଦୁଃଖ, ଆର୍ଥିକ ସମସ୍ୟା, ଋଣଗ୍ରସ୍ତ, କର୍ମକ୍ଷେତ୍ରରେ ବିବାଦ, ପାରିବାରିକ ସହଯୋଗ, ଦାମ୍ପତ୍ୟ ସୁଖ, ବନ୍ଧୁଗୃହେ ଯାତ୍ରା, ଶତ୍ରୁ ଦେଖାଦେବେ, ସମ୍ମାନ କଷ୍ଟ, ଗାଡ଼ି ଚାଳନାରେ ସତର୍କତା, ଉତ୍ସବରେ ଧନଖର୍ଚ୍ଚ, ରାଜଦଣ୍ଡରୁ ମୁକ୍ତି, ନୂଆ କାର୍ଯ୍ୟରେ ସଫଳ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ: କଳହ ଯୋଗ, ଆର୍ଥିକ ସମସ୍ୟା, କର୍ମକ୍ଷେତ୍ରେ ସ୍ଥାନାନ୍ତର, ସ୍ୱଜନ ବିରୋଧ, ଭ୍ରାତୃଭଗ୍ନିଙ୍କ ସମସ୍ୟା, ଭୂମିବାହନରେ ଖୁସି, ଦାମ୍ପତ୍ୟ ଖୁସି, ବ୍ୟବସାୟରେ ବିରୋଧ, ସ୍ୱାଦିଷ୍ଟ ଭୋଜନ, ଅଳ୍ପ ଶାନ୍ତି, ପରିଶ୍ରମ ରହିବ, ଉଚ୍ଚ ଆଶାରେ ସ୍ୱଳ୍ପ ଲାଭ, ପିଲାଙ୍କ ଖୁସି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ଉମା ମହେଶ୍ୱର ।

ମକର: ପ୍ରଶଂସିତ, ଉତ୍ସବ ପ୍ରତି ଆଗ୍ରହ, ଦାମ୍ପତ୍ୟ ଖୁସି, ଜମିଜମା ଗଣ୍ଡଗୋଳ, ବ୍ୟବହାରରେ ଉନ୍ନତ, ବାଣିଜ୍ୟରେ ଲାଭ, ପ୍ରଶଂସିତ, ଗୁରୁଜନେ ଖୁସି, ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ, ବନ୍ଧୁ ଲାଭ, ଆଶା ସଫଳ, ପଦବୀ ଲାଭ, ଶତ୍ରୁରେ ବିଜୟ, ପରିବାରରେ ସହଯୋଗ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ ସଂଖ୍ୟା-୨, ଆରାଧନା- ମା' କମଳା ।

କୁମ୍ଭ: ଧର୍ମକାର୍ଯ୍ୟରେ ଯୋଗଦାନ, ଅର୍ଥ ସମସ୍ୟା, ଶାରୀରିକ ସୁସ୍ଥତା, ଗଣ୍ଡଗୋଳ ସମାଧାନ, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ପାରିବାରିକ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପରିଶ୍ରମ ଅଧିକ, ଅଳସୁଆ ଭାବ, ଯାନ୍ତ୍ରିକ ତ୍ରୁଟି, ଦୂର ଯାତ୍ରାରେ ଦୁଃଖ, ପିଲାଙ୍କ ସୁଖ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧, ଆରାଧନା- ମହାକାଳୀ ।

ମୀନ: ଆର୍ଥିକ ଖୁସି, ବ୍ୟବସାୟରେ ଉନ୍ନତି, ଶତ୍ରୁ ପରାଜିତ, ମାନସମ୍ମାନ ପ୍ରାପ୍ତି, ଉଚ୍ଚ ବ୍ୟକ୍ତିଙ୍କ ସହିତ ସୁସମ୍ପର୍କ, ତୀର୍ଥାଟନ, ବିବାଦ ଅଳ୍ପ ସମାଧାନ, ଭୂସମ୍ପତ୍ତି ଲାଭ, ଶୁଭ ଖବର, ହଠାତ୍ ଲାଭ, ଭାଗ୍ୟରେ ଉନ୍ନତି, ଶୁଭ କାର୍ଯ୍ୟ ପ୍ରତି ଆଶକ୍ତ । ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୯, ଆରାଧନା- କୁବେର ଭଗବାନ ।

ଚୈତ୍ରମାସ କୃଷ୍ଣପକ୍ଷ, ଦ୍ୱାଦଶୀ
୧୬.୩.୨୦୨୬ ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ପାରାଦୀପକୁ ଦେଶର ଏକ ବୃହତ ଅର୍ଥନୈତିକ ଅଞ୍ଚଳରେ ପରିଣତ କରାଯିବ : ମୁଖ୍ୟମନ୍ତ୍ରୀ



ପାରାଦୀପ ,(ଜିପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହି ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ ରବିବାର ଦିନ କରିଛନ୍ତି । ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଏଲ ଏବଂ ଜେଏସଡବ୍ଲ୍ୟୁ ପକ୍ଷରୁ ବିକଶିତ ହେବାକୁଥିବା ଶିକ୍ଷାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଏଏମଏନଏସ ଇଣ୍ଡିଆ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକଫ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୁମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ପଡିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପ୍ରଶାସନ ଓ ଶିକ୍ଷାନୁଷ୍ଠାନ ର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଶା ର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀ ଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ । ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସଓ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା,ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା,ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇ ଓ ସି ଏଲ, ଜେ ଏସ ଡବ୍ଲୁ, ଏ ଏମ ଏନ ଏସ ଇଣ୍ଡିଆ ର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଲୋକାର୍ପିତ ହେଲା କବିତା ପୁସ୍ତକ 'ଭୁଲିତ ପାରୁନି

# ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ବୁଦ୍ଧିଜୀବୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଜୟଦେବ ଭବନ ପରିସରରେ ରବିବାର ସନ୍ଧ୍ୟାରେ ବିଶିଷ୍ଟ କବି ସୋମନାଥ ସୁନ୍ଦରରାୟଙ୍କ ନୂତନ କବିତା ପୁସ୍ତକ 'ଭୁଲିତ ପାରୁନି' ଏବଂ ଏହାର ଏକ ସଙ୍ଗୀତ ଆଲବମ୍ ତାଙ୍କର ଜନ୍ମଦିନରେ ମହା ଆଡ଼ମ୍ବର ସହକାରେ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ପ୍ରେମୀଙ୍କ ଗହଳିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଭାଷା ଓ ସଂସ୍କୃତିର ଏକ ନିଆରା ସମନ୍ୱୟ ସୃଷ୍ଟି କରିଥିଲା। ଅତିଥିଙ୍କ ଅଭିଭାଷଣ ଓ ପ୍ରୋତ୍ସାହନ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ସୁସାହିତ୍ୟିକ ଡକ୍ଟର ରବିନାରାୟଣ ସେନାପତି ଯୋଗଦେଇ କବିଙ୍କ ଲେଖନୀର ପ୍ରଶଂସା କରିବା ସହ କହିଥିଲେ ଯେ, "କବିତା କେବଳ ଶବ୍ଦର ସମାହାର ନୁହେଁ, ବରଂ ଏହା ମଣିଷର ଅକୁହା ଭାବନାକୁ ରୂପ ଦିଏ।" ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦାଶରଥୀ ଶତପଥୀ (ପ୍ରାକ୍ତନ ଆୟୁକ୍ତ ଓ ସଚିବ, ଓଡିଶା ବିଧାନସଭା ), ଶରତ କୁମାର ଦାଶ (ପୂର୍ବତନ ଆୟୁକ୍ତ, ଆୟକର ବିଭାଗ), ରମେଶ ଦାସ (ପ୍ରାକ୍ତନ ପ୍ରାଧାପକ, ବିଜେବି ମହାବିଦ୍ୟାଳୟ),



ଶ୍ରୀମତୀ ମାନସୀ ସୁନ୍ଦରରାୟ କର୍ପୋରେରଟର, ଗୀତିକାର ଓ ସମାଜସେବୀ ପ୍ରମୁଖ ଯୋଗଦେଇ କବିଙ୍କୁ ଉତ୍ସାହିତ କରିବା ସହ ଆଧୁନିକ ଯୁଗରେ ଓଡ଼ିଆ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତିର ସମୃଦ୍ଧି

ବକ୍ତାମାନେ ନିଜ ଅଭିଭାଷଣରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ମତ ପ୍ରକାଶ କରିଥିଲେ ଯେ, ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ବଢୁଥିବା ଆଗ୍ରହ ଆମ ସଂସ୍କୃତିର ସମୃଦ୍ଧି ପାଇଁ ଏକ ଶୁଭ ସଂକେତ। 'ଭୁଲିତ ପାରୁନି' ପୁସ୍ତକରେ ଥିବା ଆଠଟି କବିତାର ସଙ୍ଗୀତ ଆଲବମ୍ ଶ୍ରୋତାଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଦର୍ଶକଙ୍କ ଅକୁଣ୍ଠ ସମର୍ଥନ କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ଶ୍ରୋତା ଓ ସାହିତ୍ୟ ଅନୁରାଗୀମାନେ କବିତା ପାଠ ଓ ଆଲବମର ଲୋକାର୍ପଣକୁ ଉତ୍ସାହର ସହ ଉପଭୋଗ କରିଥିଲେ।

## ବିଦ୍ୟୁତ ତାର ଛିଣ୍ଡି କାଜୁ ଜଙ୍ଗଲ ଜଳି ଭସ୍ମୀଭୂତ

କୋଣାର୍କ ,(ସବ୍ୟୁ): ରବିବାର ପୂର୍ବାହ୍ନରେ ବିଦ୍ୟୁତ ତାର ଛିଣ୍ଡି କୋଣାର୍କ - କାକଟପୁର ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଥିବା ହାତୀମଲା ଛକ ସ୍ଥିତ ଜମରା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗି ୨ଏକରରୁ ଉର୍ଦ୍ଧ୍ୱ କାଜୁ ଗଛ ସମେତ ଅନ୍ୟାନ୍ୟ ଗଛ ଜଳି ପୋଡି ପାଉଁଶ ହୋଇଯାଇଛି । କୋଣାର୍କ - କାକଟପୁର ପୂର୍ତ୍ତବିଭାଗ ରାସ୍ତାର ହାତୀମଲା ଛକ ସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ଜମରା ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ ତାର ଛିଣ୍ଡି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଥିଲା । ସ୍ଥାନୀୟ ଅଞ୍ଚଳର ଲୋକେ ମାନେ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରକୁ ନିଆଁ ଲାଗିବା ନେଇ ଅବଗତ କରାଇଥିଲେ । ଖବର ପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୨ଏକରରୁ ଉର୍ଦ୍ଧ୍ୱ କାଜୁ ଗଛ ଜଳି ପାଉଁଶ ହୋଇଯାଇଥିଲା । ଏହି ସଂରକ୍ଷିତ ଜଙ୍ଗଲ ଉପରେ ଯାଇଥିବା ବିଦ୍ୟୁତ ତାର ଦୀର୍ଘ ଦିନ ଧରି ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ବିଦ୍ୟୁତ ତାର ଛିଣ୍ଡି ଏଭଳି ଅଭାବନୀୟ ଅଗ୍ନିକାଣ୍ଡ ଘଟିଥିଲା ବୋଲି ବୁଦ୍ଧିଜୀବି, ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଆଲୋଚନା ହେଉଛି ।

# ଯୁବତୀଙ୍କୁ ଆକ୍ରମଣ : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,,(ସବ୍ୟୁ) : ସମ୍ପର୍କରେ ବିବାଦ ସୃଷ୍ଟି ହେବାରୁ ତାଙ୍କ ବଏଫ୍ରେଣ୍ଡ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ୍ ଅଭିଯୁକ୍ତ ବଏଫ୍ରେଣ୍ଡ ଦୀପକ କୁମାର ସିଂସାମନ୍ତଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ୍ ।

ଲିଙ୍ଗିପୁର ହାଉସିଂ ବୋର୍ଡ କଲୋନୀରେ ରୁହନ୍ତି ପୀଡିତାଙ୍କ ପରିବାର । ସେ ଅଶୋକନଗର ଶ୍ରୀଦୁର୍ଗା କପଡା ଷ୍ଟୋରରେ କାମ କରନ୍ତି । ଶନିବାର ସାଢ଼େ ଗୋଟାଏ ବେଳେ ପୀଡିତାଙ୍କ ଦୋକାନରେ ମଧ୍ୟାହ୍ନ ଭୋଜନ ସମୟ ହୋଇଥାଏ । ସେହି ସମୟରେ ଅଭିଯୁକ୍ତ ହଟାତ ସେଠାରେ ପହଞ୍ଚି ତାଙ୍କୁ ଦୁର୍ବ୍ୟାବହାର କରିବା ସହ ଜୋର ଜବରଦସ୍ତ ଟାଣି ନେବାକୁ ଚେଷ୍ଟା କରିଥିଲା । ପୀଡିତା ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ସ୍କେଲପେଲ ବ୍ଲେଡ ଦ୍ୱାରା ତାଙ୍କ ବେକକୁ ଆକ୍ରମଣ କରିଥିଲା । ପ୍ରଚୁର ରକ୍ତସ୍ରାବ ହେବାରୁ ସେ ଭୟରେ ଚିତ୍କାର କରିଥିଲେ । ଚିତ୍କାର ଶୁଣି ନିକଟସ୍ଥ ଦୋକାନ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସି ଅଭିଯୁକ୍ତକୁ କାବୁ କରିବା ସହ ପୋଲିସ ଜିମା ଦେଇଥିଲେ । ଡାକ୍ତରଙ୍କ କହିବା ଅନୁଯାୟୀ ପୀଡିତାଙ୍କ ବେକରେ ୩୫ରୁ ୪୦ଟି ଷ୍ଟିଚ ପଡ଼ିଛି ।

ଅଭିଯୁକ୍ତ ଦୀପକ ଏପରି ଆକ୍ରମଣ କରିବାର କାରଣ ପୂର୍ବରୁ ଉଭୟଙ୍କ ମଧ୍ୟରେ ନିବିଡ ସମ୍ପର୍କ ଥିଲା । ପରେ ଦୁହିଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ସୃଷ୍ଟି ହେବାରୁ ଅଭିଯୁକ୍ତ ଦୀପକ ତାଙ୍କୁ ଜୀବନରେ ମାରିଦେବାକୁ ଦେବେ ବୋଲି ଧମକ ଦେଇଥିଲା । ପୋଲସ କହିବା ଅନୁଯାୟୀ ବିଫଳ ପ୍ରେମସମ୍ପର୍କ ଓ ସନ୍ଦେହ ଯୋଗୁଁ ଦୀପକ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଦୋକାନକୁ ଆସି ପୀଡିତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା । ସ୍ଥାନୀୟ ଲୋକମାନେ ଅଭିଯୁକ୍ତକୁ ମାଡମାରି ଗୁରୁତର କରିଥିବାରୁ ତାଙ୍କୁ ଡାକ୍ତର ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲା ପୋଲିସ୍ । ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଦୀପକକୁ ରବିବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି । ପୋଲିସ୍ ପୀଡ଼ିତାଙ୍କ ରକ୍ତଭିଜା ପୋଷାକ ଓ ମାରଣାସ୍ତ୍ର ପୋଲିସ ଜବତ କରିଛି ।

# ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର:ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,,(ସବ୍ୟୁ) : ବ୍ୟବସାୟ ପ୍ରତିଷ୍ଠାନରୁ ୨ ଲକ୍ଷ ୨୮ ହଜାର ୧୨୯ ଟଙ୍କା ହେରଫେର କରି ଆତ୍ମସାତ କରିବା ଅଭିଯୋଗରେ ଅଭିଯୁକ୍ତ ସୁବ୍ରତ ବେହେରାକୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି । ସୁବ୍ରତ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ ନିର୍ବାହୀଭାବେ କାର୍ଯ୍ୟ କରୁଥିଲା ବୋଲି ପୋଲିସ୍ କହିଛି । ରେକର୍ଡ ଯାଞ୍ଚ ବେଳେ କମ୍ପାନୀ କ୍ୟାସ ବହିରୁ ୭୪ ହଜାର ୬୨୯ ଟଙ୍କା ଅଭାବ ପରିଲକ୍ଷିତ ହୋଇଥିଲା । ଯାହା ଫଳରେ ବ୍ୟବସାୟ ପ୍ରତିଷ୍ଠାନ ମାଲିକ ରୋହିତ ସଦାନୀ (୨୬), ଆକାଉଣ୍ଟ ଭଲ ଭାବେ ଯାଞ୍ଚ କରି ଜାଣିବାକୁ ପାଇଥିଲେ ବୋଲି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଛି । ରୋହିତ ନୂଆପଲ୍ଲୀ ଥାନାରେ ଗତ ୨୦୨୫ ମସିହା ଜୁଲାଇ ୨୧ ତାରିଖରେ ଏତଲା କରିଥିଲେ ।

ରୋହିତଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ୨୦୨୪ ମସିହା ମେ ୯ ତାରିଖରେ ଅଭିଯୁକ୍ତ କମ୍ପାନୀର ବିକ୍ରୟ କାର୍ଯ୍ୟ ନିର୍ବାହୀ, ସଂଗ୍ରହ ପରିଚାଳକ ଓ କ୍ଷେତ୍ର ସର୍ବେକ୍ଷଣ ଭାବରେ କାମ ଆରମ୍ଭ କରିଥିଲା । ଖୁଚୁରା ବ୍ୟବସାୟୀ ଓ ବିତରକମାନଙ୍କ ଠାରୁ ବକେୟା ଦେୟ ଆଦାୟ କରିବା ଦାୟିତ୍ୱରେ ଥିଲା । ଆକାଉଣ୍ଟ ପୁନଃ ଯାଞ୍ଚ ସମୟରେ ଅଧିକ ବାକି ଥିବା ଜାଣିବାକୁ ପାଇଥିଲେ । ଖୁଚୁରା ବ୍ୟବସାୟଙ୍କ ସହ ଯୋଗଯୋଗ କରିବାକୁ ସେ ଅଭିଯୁକ୍ତ ସୁବ୍ରତକୁ ଟଙ୍କା ଦେଇସାରିଥିବା କହିଥିଲେ । ସମୁଦାୟ ୨ ଲକ୍ଷ ୨୮ ହଜାର ୧୨୯ ଟଙ୍କା ସୁବ୍ରତ ହେରଫେର କରି ଆତ୍ମସାତ କରିଥିବା ଜାଣିବା ପରେ ମାଲିକ ନୂଆପଲ୍ଲୀ ଥାନାରେ ଏତଲା କରିଥିଲେ । ପୋଲିସ ସୁବ୍ରତ ରହୁଥିବା ସାଲିଆ ସାହି ନିରଙ୍କାରୀ ନଗର ଘରୁ ତାକୁ ଗିରଫ କରିବା ପରେ ରବିବାର କୋର୍ଟ ଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ହୋଇଯିବାରୁ ତେଲ ହାଜାତ ପଠାଇ ଦିଆଯାଇଛି ।

## ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକଙ୍କ ପରଲୋକ

ଜଟଣୀ, (ସବ୍ୟୁ): ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ସୁରେନ୍ଦ୍ର ମିଶ୍ର (78 ) ଙ୍କର ରବିବାର ଭୋର ସମୟରେ ସ୍ଥାନୀୟ ବାଲିଛକସାହି ସ୍ଥିତ ବାସଭବନରେ ଦେହାନ୍ତ ହେଇଯାଇଛି । ପୂର୍ବରୁ ସେ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧିକାରୀ ଏବଂ ଜଟଣୀ ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ, ଏଥିସହିତ ସେ ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ କ୍ଷେତ୍ରରେ ସକ୍ରିୟ ରହି ବରିଷ୍ଠ ନାଗରିକ ମଞ୍ଚର ସଭାପତି ମଧ୍ୟ ଥିଲେ । ତାଙ୍କ ଦେହାନ୍ତ ଖବର ପାଇ ବହୁ ବ୍ୟକ୍ତିବିଶେଷ ମାନେ ମର ଶରୀରର ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ଓଡ଼ିଶା ଉମେନ୍ ଇନ୍ ମିଡିଆର ପ୍ରତିଷ୍ଠା ଦିବସ

# ବୃତ୍ତିଗତ ଦାୟିତ୍ୱ ଓ ବ୍ୟକ୍ତିଗତ ସୁଖର ସନ୍ତୁଳନ ଉପରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଗଣମାଧ୍ୟମ ଏବଂ ତତସମ୍ପର୍କିତ କ୍ଷେତ୍ରରେ କାର୍ଯ୍ୟରତ ମହିଳା ପେଶାଜୀବୀମାନଙ୍କର ମଞ୍ଚ ଓଡ଼ିଶା




ଉଇମେନ୍ ଇନ୍ ମିଡିଆର ୩ୟ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ସାମିଲ ହୋଇଥିବା ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଅତିଥିମାନେ ସୁଖୀ ଜୀବନ ଲାଭ କରିବାର ଉପାୟ ବିଷୟରେ ସେମାନଙ୍କ ମତାମତ ରଖିଥିଲେ ଏବଂ ବୃତ୍ତିଗତ ଦାୟିତ୍ୱ ସହ ବ୍ୟକ୍ତିଗତ ସୁସ୍ଥତା ମଧ୍ୟରେ ସନ୍ତୁଳନ ରଖିବା ପାଇଁ ଆତ୍ମଯତ୍ନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ପାମେଲା ଫିଲିପୋଜ୍ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କୌଣସି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ସ୍ୱୀକୃତି ଓ ପ୍ରଶଂସା କେତେ ଗୁରୁତ୍ୱପୂର୍ଣ୍ଣ ତାହାର ବିଶ୍ଳେଷଣ କରି ସେ ନ୍ୟୁଜରୁମରେ ତାଙ୍କର ଦଶକ ଦୀର୍ଘ ଅନୁଭବ କଥା କହିଥିଲେ। ସେତେବେଳେ ମହିଳାମାନଙ୍କ ପାଇଁ ସୁବିଧା କମ୍ ଥିଲେ ମଧ୍ୟ ଆମର କାର୍ଯ୍ୟପରିବେଶ ସହଯୋଗମୂଳକ ଥିଲା। ଏଠାରେ ମହିଳା ସାମ୍ବାଦିକମାନଙ୍କର ଶକ୍ତିଶାଳୀ ନେଟୱର୍କ ଦେଖି ମୁଁ ଖୁସି ବୋଲି ସେ କହିଥିଲେ। ବେଦାନ୍ତ ଏଲୁମିନିଅମର ସିଏସ୍ଆର ମୁଖ୍ୟ ହରମିତ ସେହରା ସମ୍ମାନୀତ ଅତିଥି ଭାବେଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକା ଶାନ୍ତି ମିଶ୍ର ପ୍ରଥମ ଓଡବ୍ଲ୍ୟୁଏମ୍ ଲାଇଫଟାଇମ୍ ଏଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ ହୋଇଥିଲେ। ଏହା ପରେ ପୁରସ୍କାର ବିତରଣ ଅନୁଷ୍ଠିତ ହେବା ସହ ଓ ବାର୍ଷିକ ପତ୍ରିକା 'ଆରୋହୀ'ର ଉନ୍ମୋଚନ କରାଯାଇଥିଲା। ଓଡ଼ିଶା ରିପୋର୍ଟରର ସ୍ୱାତି ଜେନା ଏବଂ ଓଡ଼ିଆ ଦୈନିକ ସମ୍ବାଦର ଗାର୍ଗୀ ସତପଥୀଙ୍କୁ ୨୦୨୬ ମସିହାର ଡଂଡଗ ଏକ୍ସେଲେନ୍ସ ଆୱାର୍ଡରେ ସମ୍ମାନିତ କରାଯାଇଥିଲା ।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ




ପୁରୀ, (ସବ୍ୟୁ) : ବାସେଲୀ ସାହି ଥାନା ଅଧୀନରେ ହେବାକୁ ଯାଉ ଥିବା ଏକ ବଡ ଧରଣର ଡକାୟତି ଯୋଜନା ଉଦ୍ୟମକୁ ପଣ୍ଡ କରି ଦେଇଛି ପୁଲିସ। ଡକାୟତି ଯୋଜନା ପ୍ରସ୍ତୁତି ଅଭିଯୋଗରେ ପୁଲିସ ୬ ଜଣ ଅସାମାଜିକଙ୍କୁ ଗିରଫ କରିଛି। ମଶାଣିଚଣ୍ଡୀ ମନ୍ଦିର ପଛପଟେ ଡକାୟତି ପାଇଁ ଅଭିଯୁକ୍ତ ମାନେ ଯୋଜନା ପ୍ରସ୍ତୁତ କରୁ ଥିଲେ । ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କ ନିକଟରୁ ୪ ଟି ଖଣ୍ଡା, ଲୁହାରଡ୍, ଛୁରୀ, ଦୁଇଟି ଜୀବନ୍ତ ବମୋ, ୫ ଟି ଖାଲି ବିଅର ବୋତଲ୍ ଏବଂ ଗୋଟିଏ ଡିଆସିଲି ପ୍ୟାକେଟ ଜବତ କରିଛି କ୍ଷ ଅଭିଯୁକ୍ତ ମାନେ ହେଲେ ଜଗନ୍ନାଥ ବସ୍ତି ପଣ୍ଡା ବଗିଚା ନିକଟରେ ରହୁ ଥିବା ମୁନା ଓରଫ ମନୋଜ ପଣ୍ଡା (୨୫), ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ପିଣ୍ଟୁ ନାୟକ (୩୨), ଜଗନ୍ନାଥ ବସ୍ତିର ଜଦା ବେହେରା (୩୨), ମିଶ୍ର ନୋଳିଆ ସାହିର ପ୍ରେମା ଓରଫ ପ୍ରେମନାଥ ବେହେରା ଓରଫ ନାଏକ (୩୨), ଛୋଟୁ ଓରଫ ଦୀପକ ବେହେରା( ୩୧) ଓ ଥାନପତି ଲେନର ସଞ୍ଜୟ ଦାସ (୪୧) । ଥାନା ଅଧିକାରୀ ଅଭିନାଶ ରାଉତଙ୍କ ସୂଚନା ମୁତାବକ ଥାନା ପକ୍ଷରୁ ଗତ କାଲି ରାତ୍ରୀରେ ପେଟ୍ରୋଲିଂ କରାଯାଉ ଥିଲା ବିଶେଷ ସୂତ୍ରରୁ ଖବର ପାଇ ଥିଲା ମଶାଣି ଚଣ୍ଡୀ ମନ୍ଦିର ପଛ ପଟେ କେତେକ ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇ ଡକାୟତି ଯୋଜନା ପ୍ରସ୍ତୁତି କରୁ ଥିଲେ।

## ସୁସ୍ଥ ହୋଇ ଫେରିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ

## ଆଜି ଦେବେ ରାଜ୍ୟସଭା ଭୋଟ

ଭୁବନେଶ୍ୱର(ସବ୍ୟୁ):ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଭୁବନେଶ୍ୱର ଫେରିଛନ୍ତି । ଅସୁସ୍ଥତା ଯୋଗୁଁ ଗତ ୫ ତାରିଖରୁ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ସେ ଭୁବନେଶ୍ୱର ଫେରିଛନ୍ତି ।

ସୋମବାର ରାଜ୍ୟସଭା ନିର୍ବାଚନ ପାଇଁ ଭୋଟଗ୍ରହଣ ଥିବାରୁ ଶ୍ରୀ ପୂଜାରୀ ରବିବାର ରାତିରେ ଫେରିବା ଶାସକ ବିଜେପି ପାଇଁ ଆଶ୍ୱସ୍ତିକର ହୋଇଛି । ସୂଚନା ଅନୁସାରେ, ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିଲେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ । ଏବେ ସେ ସୁସ୍ଥ ଅଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ ରବିବାର ହସ୍ପିଟାଲରୁ ଡିସଚାର୍ଜ ହେବା ସହିତରାତି ପ୍ରାୟ ସାଢ଼େ ୯ ଟାରେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧା ଘରୁକୁ ଫେରିଛନ୍ତି ।



# ଓଡ଼ିଶା ଲଳିତ କଳା ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଲଳିତ କଳା ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀ ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ପଦ୍ମଶ୍ରୀ ବିନୋଦ ମହାରଣା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। "ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସଂସ୍କୃତିକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶା ଲଳିତ କଳା ଏକାଡେମୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ନିକଟ ଅତୀତରେ ଏକାଡେମୀ ପକ୍ଷରୁ ଜାତୀୟ ସ୍ତରୀୟ ଚିତ୍ରକଳା କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଛି। ଆମ ରାଜ୍ୟର ବିଭିନ୍ନ ପାରମ୍ପରିକ ଚିତ୍ରକଳାର ସଂରକ୍ଷଣ ସହ କୃତ୍ରିମ ବୁଦ୍ଧିମତାର ଯୁଗରେ ଚିତ୍ରକଳା କ୍ଷେତ୍ରରେ ଯେପରି ବିଭିନ୍ନ କୌଶଳ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗ କରାଯାଇପାରିବ ଏବଂ ଯୁବ ଚିତ୍ରଶିଳ୍ପୀମାନେ ଯେପରି ଚିତ୍ରକଳା କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ, ସେ ଦିଗରେ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ" ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀର ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ "ଓଡ଼ିଶାର ସଂସ୍କୃତି" ଶୀର୍ଷକକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଭାଙ୍କୁ ଏକାଡେମୀ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଡ଼. ଦେବଯାନୀ ଭୂୟାଁ ପରିଚାଳନା କରିଥିଲେ। ପରିଶେଷରେ ସୁନୀଲ କୁମାର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ

# ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଗ୍ରାହକ

ଭୁବନେଶ୍ୱର(ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ-୨୦୨୬ର ରାଜ୍ୟସ୍ତରୀୟ ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ବିଶିକେଶନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ, ୨୦୨୬ ପାଳନ କରିବାର ଆଭିମୁଖ୍ୟ ସହ ପରିବର୍ତ୍ତନଶୀଳ ଡିଜିଟାଲ ଦୁନିଆରେ ଉପଭୋକ୍ତା ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା ସହିତ ଉପଭୋକ୍ତାମାନେ ଜାଗ୍ରତ ହେବାକୁ ଓ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ଖାଉଟି ନ୍ୟାୟାଳୟର ଆଶ୍ରୟ ନେବାକୁ କହିଥିଲେ ।

ଖୋର୍ଦ୍ଧାଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗର ସଦସ୍ୟା ଶୁଭଲକ୍ଷ୍ମୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ତଥା ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗଗୁଡ଼ିକର କାର୍ଯ୍ୟକାରିତା ବୃଦ୍ଧି କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ ଓ ଏକ ଜାଗ୍ରତ ଉପଭୋକ୍ତା ସମାଜ ଗଠନ ଦିଗରେ ମଜଭୁତ ହେବା ପାଇଁ ପରାମର୍ଶ ଦେଇଥିଲେ । ଉପଭୋକ୍ତା ଦିବସର ବିଷୟବସ୍ତୁ ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଗ୍ରାହକ ଉପରେ ଆଲୋକପାତ କରିଥିଲେ । ବିଭାଗ ତରଫରୁ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ନାଟକ ସାବଧାନ ସୌଦାଗର ମଞ୍ଚସ୍ଥ ହେଇଥିଲା । ପରିଶେଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅନୁଶାସନ ସଚିବ ମନୋଜ କୁମାର ପଟ୍ଟନାୟକ ଉପଭୋକ୍ତା ଅଧିକାର, ଆଇନ ଓ ସଚେତନତା ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦିଲ୍ଲୀରେ ଓଡ଼ିଶା ପର୍ବ ୨୦୨୬ର ସଫଳ ସମାପନ

# ସମାରୋହରେ ମୁଖ୍ୟ ଅତିଥି ଭାବେ ସାମିଲ ହେଲେ ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାଟି

ନୂଆଦିଲ୍ଲୀ, (ସବ୍ୟୁ): ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ମହାକୁମ୍ଭ 'ଓଡ଼ିଶା ପରବ'ର ନବମ ସଂସ୍କରଣ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ସଫଳତାର ସହ ଶେଷ ହୋଇଛି। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବରେ ଦିଲ୍ଲୀବାସୀ ଓ ସଂସ୍କୃତି ପ୍ରେମୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହି ତିନି ଦିନିଆ ଉତ୍ସବରେ କେବଳ ଓଡ଼ିଆ ସମ୍ପ୍ରଦାୟ ନୁହେଁ, ବରଂ ବିଭିନ୍ନ ବର୍ଗର ଲୋକଙ୍କ ଅଦ୍ଭୁତ ଉତ୍ସାହ ଦେଖିବାକୁ ମିଳିଥିଲା। ଏହା ପ୍ରମାଣ କଲା ଯେ ଦିଲ୍ଲୀରେ ଓଡ଼ିଶା ପର୍ବର ଲୋକପ୍ରିୟତା କେତେ ବଢ଼ିବାରେ ଲାଗିଛି। ତିନି ଦିନ ମଧ୍ୟରେ ଏଠାରେ ପ୍ରାୟ ୧.୭ ଲକ୍ଷ ଦର୍ଶକଙ୍କ ସମାଗମ ହୋଇଥିଲା। ଓଡ଼ିଶାର କାରିଗରୀ କଳା, ପାରମ୍ପରିକ ଖାଦ୍ୟ ଏବଂ ସଂସ୍କୃତି ପ୍ରତି ଲୋକଙ୍କର ଏଭଳି ଆଗ୍ରହ ଦେଖି ବ୍ୟବସାୟୀ ଏବଂ ଶିଳ୍ପୀମାନେ ବେଶ୍ ଲାଭବାନ ହୋଇଛନ୍ତି।

ଉତ୍ସବର ତୃତୀୟ ତଥା ଶେଷ ଦିନରେ ଓଡ଼ିଶା ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଦିଲ୍ଲୀ ସରକାରଙ୍କ ପର୍ଯ୍ୟଟନ, ଆଇନ ଓ ନ୍ୟାୟ ମନ୍ତ୍ରୀ କପିଲ ମିଶ୍ର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି, ଓଡ଼ିଶା ପର୍ବରେ ଯୋଗ ଦେଇ ମୁଁ ବହୁତ ଖୁସି। ଦିଲ୍ଲୀରେ ରହୁଥିବା ଓଡ଼ିଆ ଭାଇଭଉଣୀମାନେ ଯେଉଁଭଳି ଭାବେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଏଠାରେ ପାଳନ କରୁଛନ୍ତି, ତାହା ଦେଖି ବହୁତ ଭଲ ଲାଗିଲା। ଓଡ଼ିଶାର ଏହି ମହାନ ପରମ୍ପରାକୁ ଏତେ ସୁନ୍ଦର ଭାବେ ପ୍ରଦର୍ଶନ କରିବା ସହ ଆମ ସମସ୍ତଙ୍କୁ ଏକାଠି କରିଥିବାରୁ ମୁଁ 'ଓଡ଼ିଆ ସମାଜ'କୁ ସାଧୁବାଦ ଜଣାଉଛି।"



ଉତ୍ସବର ଦ୍ୱିତୀୟ ଦିନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଥିଲେ। ସେ ଓଡ଼ିଆ ସମ୍ପ୍ରଦାୟର ଲୋକଙ୍କ ସହ ମିଶିଥିଲେ ଏବଂ ଦିଲ୍ଲୀରେ ଓଡ଼ିଶାର କଳା-ସଂସ୍କୃତିକୁ ସାଇତି ରଖିବା ପାଇଁ ହେଉଥିବା ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ନିଜ ରାଜ୍ୟଠାରୁ ଦୂରରେ ରହି ମଧ୍ୟ ଓଡ଼ିଆମାନେ ନିଜ ମୂଳ ଓ ପରମ୍ପରା ସହ କିଭଳି ନିବିଡ଼ ଭାବେ ଯୋଡ଼ି ହୋଇ ରହିଛନ୍ତି, ତାହାର ସବୁଠୁ ବଡ଼ ପ୍ରମାଣ ହେଉଛି 'ଓଡ଼ିଶା ପରବ'। ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ, ଦିଲ୍ଲୀର ମନ୍ତ୍ରୀ ଆଶିଷ ସୁଦ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଜାତୀୟ ରାଜଧାନୀ ଦିଲ୍ଲୀରେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଦେଶବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ 'ଓଡ଼ିଶା ପର୍ବ' ଏକ ସଶକ୍ତ ମାଧ୍ୟମ ହୋଇପାରିଛି।

ତିନି ଦିନିଆ ଏହି ଉତ୍ସବରେ ଓଡ଼ିଶାର କଳା ଓ ସଂସ୍କୃତିର ବେଶ୍ ସୁନ୍ଦର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ପ୍ରତି ସନ୍ଧ୍ୟାରେ ପାରମ୍ପରିକ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହି ନେଇଥିଲା। ଏହା ବ୍ୟତୀତ, ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ଯେପରିକି ପଟ୍ଟଚିତ୍ର ଓ ରୂପା ତାରକସି କାମର ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା। ସେହିପରି ଓଡ଼ିଆ ଖାଦ୍ୟର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି ବର୍ଷର ଓଡ଼ିଶା ପର୍ବର ସବୁଠାରୁ ଆକର୍ଷଣୀୟ ବିଷୟ ଥିଲା 'ପ୍ରତିଭା ଉତ୍ସବ'। ପ୍ରଥମ ଥର ପାଇଁ ଏହି ମଞ୍ଚରେ ନୂଆ କଳାକାରମାନଙ୍କୁ ସୁଯୋଗ ଦେବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏଥର କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ରର ମଧ୍ୟ ଆୟୋଜନ କରାଯାଇଥିଲା। 'ଆଜିର କଥା, ଆସନ୍ତାକାଲିର ରୂପାନ୍ତର' ଶୀର୍ଷକରେ ହୋଇଥିବା ଏହି ସେମିନାରରେ ବହୁ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନେ ଏକାଠି ହୋଇଥିଲେ।

ଖାଦ୍ୟପ୍ରେମୀଙ୍କ ପାଇଁ ଉତ୍ସବର ଫୁଡ୍ କୋର୍ଟରେ ଏକ ସ୍ୱାଦିଷ୍ଟ ଅନୁଭବ ଅପେକ୍ଷା କରିଥିଲା। କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍ ଠାରୁ ଆରମ୍ଭ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମହାପ୍ରସାଦ ପର୍ଯ୍ୟନ୍ତ ସବୁକିଛିର ମଜା ଲୋକେ ନେଇଥିଲେ। ସେହିପରି ପ୍ରଦର୍ଶନୀ ମଣ୍ଡପରେ ଓଡ଼ିଶାର ହସ୍ତଶିଳ୍ପ, ପାରମ୍ପରିକ ବୟନଶିଳ୍ପ ଓ କଳା ସଂସ୍କୃତିର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଥିଲା। ଓଡ଼ିଆ ସମାଜର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି ଯେ, ଜାତୀୟ ରାଜଧାନୀରେ ଓଡ଼ିଶାର କଳା, ସଂସ୍କୃତି ଓ ବିକାଶର ପ୍ରତିଛବିକୁ ପୃଥିବୀ ସାମ୍ନାରେ ରଖିବା ପାଇଁ 'ଓଡ଼ିଶା ପର୍ବ' ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ଏହି ଉତ୍ସବ ସାରା ଭାରତରେ ଓଡ଼ିଶାର ପରିଚୟକୁ ଅଧିକ ସୁଦୃଢ଼ ଓ ଚର୍ଚ୍ଚିତ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି।

# କାଜୁ ଜଙ୍ଗଲରୁ ଝୁଲନ୍ତା ଶବ ଉଦ୍ଧାର

ଜଟଣୀ, (ସବ୍ୟୁ) : ସ୍ଥାନୀୟ କୁଦିଆରୀ ଗ୍ରାମ ମହତାବ ନଗର ପଛ କାଜୁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛନ୍ତି । ମୃତ ବ୍ୟକ୍ତିଙ୍କ ବୟସ ଆନୁମାନିକ ୫୮ ବର୍ଷ ହେବ ବୋଲି ଯାହା ପୋଲିସ୍ ଅନୁମାନ କରିଛି । ମୃତକଙ୍କ ଦେହରେ ଲାଲ ରଙ୍ଗର ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିନଥିବା ବେଳେ ଏହା ଆତ୍ମହତ୍ୟା ନା ହତ୍ୟାକାଣ୍ଡ ତାକୁ ନେଇ ଜଟଣୀ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି ।

# ହିନ୍ଦୁ ଏକତା ମଞ୍ଚର ପ୍ରଥମ ବାର୍ଷିକୋତ୍ସବ : 'ଭାଗବତ ଟୁଙ୍ଗୀ' ପୁନରୁତ୍ଥାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ଜୟଦେବ ଭବନ ରେ ପ୍ରଥମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏହି ଅବସରରେ ମହିଳାଙ୍କ ଦ୍ୱାରା ଭକ୍ତିମୟ କୀର୍ତ୍ତନ ପରିବେଷଣ, ପୁରସ୍କାର ବିତରଣ ଓ ଅତିଥିମାନଙ୍କ ପ୍ରେରଣାଦାୟକ ଉଦ୍‌ବୋଧନ ମାଧ୍ୟମରେ ହିନ୍ଦୁ ଏକତାର ବାର୍ତ୍ତା ପ୍ରସାର କରାଯାଇଥିଲା। ରାଜ୍ୟର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ କୋଟପାଡ଼ା ବିଧାୟକ ରୂପୁ ଭାତ୍ରା ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଅତିଥିମାନେ ହିନ୍ଦୁ ଶାସ୍ତ୍ର, ଦର୍ଶନ ଓ ଇତିହାସର ଅଧ୍ୟୟନକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ, ଯାହା ମାଧ୍ୟମରେ ହିନ୍ଦୁ ସମାଜରେ ଗୌରବବୋଧ ଓ ସଚେତନତା ବୃଦ୍ଧି ପାଇବ। ସେଥିପାଇଁ ଓଡ଼ିଶାର ପ୍ରାଚୀନ ପରମ୍ପରା 'ଭାଗବତ ଟୁଙ୍ଗୀ' ପୁନରୁତ୍ଥାନ ଉପରେ ବିଶେଷ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରିହର କାନୁଙ୍ଗୋ, ତିରୁମଲାଇ ବିଶ୍ୱବିଦ୍ୟାଳୟର ଉପକୁଳପତି, ସଂସ୍କୃତି ବିଶେଷଜ୍ଞ ଡା. ପ୍ରଫୁଲ୍ଲ ରଥ, ପୂର୍ବତନ ଭୁବନେଶ୍ୱର ସାଂସଦ ପ୍ରଫେସର ଡା. ପ୍ରସନ୍ନ ପଟ୍ଟଶାଣୀ, ହିନ୍ଦୁ ଏକତା ମଞ୍ଚର ମୁଖ୍ୟ ପରାମର୍ଶଦାତା ଏବଂ ରାଷ୍ଟ୍ରୀୟ ପତ୍ରକାର ମହାସଂଘ (ନୂଆଦିଲ୍ଲୀ)ର ଜାତୀୟ ଅଧ୍ୟକ୍ଷ ଡା. ପବିତ୍ର ମୋହନ ସାମନ୍ତରାୟ, ସନ୍ୟାସିନୀ ଅରୁନ୍ଧତୀ ମାତା, ବାବା ବିଶ୍ୱନାଥ ଦାସ, ମହନ୍ତ କବୀନ୍ଦ୍ର ମହାରାଜ, ପୂର୍ବତନ ଏଆଇଆଇଏମଏସ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ ମହାପାତ୍ର, ଶିକ୍ଷାବିଦ୍ ଡା. ନିରଞ୍ଜନ ସାହୁ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି ହିନ୍ଦୁ ଧର୍ମ ଓ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଜେନା ସଂଗଠନ ର ଲକ୍ଷ୍ୟ ଓ ଆଭିମୁଖ୍ୟସମ୍ପର୍କରେ ନିଜର ବକ୍ତବ୍ୟ ରଖି ଥିଲେ. ସମ୍ପାଦକ ଡାକ୍ତର ପ୍ରଭାତ କୁମାର




ସାହୁ ସମ୍ବାଦକୀୟ ବିବରଣୀ ପାଠ କରିଥିଲେ ସଂଗଠନ ର ଉପାଧ୍ୟକ୍ଷ ସଂଗଠନ ଟି କିଭଳି ଆଗକୁ ଯାଇପାରିବ ସେ ସମ୍ପର୍କରେ ମତ ଦେଇଥିଲେ.ଅତିଥି ମାନଙ୍କ କର କମଳରେ ଆର୍ଯ୍ୟ ଦର୍ଶନ ନାମକ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା । ଏହି ଅବସର ହିନ୍ଦୁ ଧର୍ମ, ସଂସ୍କୃତି ଓ ପାରମ୍ପରିକତାକୁ ଆଗକୁ ନେବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହେଲା।

## ରେଳ ଧାରଣା ନିକଟରୁ ଉଦ୍ଧାର ମୃତ ଯୁବକ ଚିହ୍ନଟ

ନିରାକାରପୁର/ବାଲୁଗାଁ ,(ସବ୍ୟୁ): ଖୋର୍ଦ୍ଧାରୋଡ ଜିଆରପି ଥାନା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ବଡକୁଳ ଗାଁ ରେଳ ଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି । ମୃତକ ଜଣଙ୍କ କେନ୍ଦୁଝର ଜିଲ୍ଲା ନାୟକୋଟ ଗ୍ରାମର ଉଦୟନାଥ ରାଉତଙ୍କ ପୁଅ ଅନନ୍ତ ରାଉତ ବୋଲି ଜଣାପଡ଼ିଛି ।ଖୋର୍ଦ୍ଧାରୋଡ ରେଳବାଇ ଅନ୍ତର୍ଗତ ବଡକୁଳ ଗାଁ ଅଞ୍ଚଳର ଖୁଣ୍ଟି ନମ୍ବର ୫୨୯/୨୮ ନିକଟରୁ ମୃତଦେହଟି ମିଳିଛି । ଏହି ଘଟଣାରେ ଖୋର୍ଦ୍ଧାରୋଡ ଜିଆରପି ପକ୍ଷରୁ କେସ ନମ୍ବର ୧୩ (ତା ୧୫.୦୩.୨୦୨୬) ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।ଉଦ୍ଧାର ହୋଇଥିବା ମୃତଦେହଟି ବିବସ୍ତ୍ର ଅବସ୍ଥାରେ ଥିବା ବେଳେ, ଏହା ଟ୍ରେନ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରୁଛି ।

# ଶିକ୍ଷାବିତ୍ ଦେବେନ୍ଦ୍ର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ୍ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଦେବେନ୍ଦ୍ର ମିଶ୍ରଙ୍କର ଗତ ୧୩ ତାରିଖରେ ୭୯ବର୍ଷ ବୟସ ରେ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନ ରେ ପରଲୋକ ହୋଇଯାଇଛି । ଶେଷ ସମୟରେ ତାଙ୍କ ପାଖରେ ପତ୍ନୀ ବୀଣା ମିଶ୍ର, ପୁତ୍ର, ପୁତ୍ରବଧୂ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ୧୯୪୭ ମସିହା ରେ ଦେଓଗଡ ଠାରେ ତାଙ୍କର ଜନ୍ମ । ବିଡମ୍ବନା ର ବିଷୟ ମାର୍ଚ୍ଚ ୧୩ ତାଙ୍କର ଜନ୍ମଦିବସ ଥିଲା । ରେଭେନ୍ସା କଲିଜିଏଟ ସ୍କୁଲ ରୁ ବିଦ୍ୟାଳୟ ଶିକ୍ଷା ଶେଷ କରି ରେଭେନ୍ସା ମହାବିଦ୍ୟାଳୟ ରୁ ସ୍ନାତକ ଶିକ୍ଷା ସମାପନ କରିଥିଲେ । ତପ୍ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ରୁ ସ୍ନାତକୋତ୍ତର ଓ ଦିଲ୍ଲୀସ୍ଥ ଜେଏନୟୁ ରୁ ଏମ ଫିଲ ଶିକ୍ଷା ସମାପନ କରି ୧୯୭୦ ମସିହାରେ ପ୍ରଥମେ ସରକାରୀ ମହାବିଦ୍ୟାଳୟ ଭବାନୀପାଟଣା ରେ ଅଧ୍ୟାପକ ଭାବେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ କରିଥିଲେ । ତପ୍ରେ ରେଭେନ୍ସା ମହାବିଦ୍ୟାଳୟ, ଜି ଏମ କଲେଜ, ସମ୍ବଲପୁର, ବିଜେବି କଲେଜ,



ଭୁବନେଶ୍ୱର ରେ ପ୍ରାଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ । ସେ କିଛି ବର୍ଷ ରାଜ୍ୟ ସରକାରଙ୍କ ନିଯୁକ୍ତି ଚୟନ ବୋର୍ଡ ର ସମ୍ପାଦକ ଥିଲେ । ଶ୍ରୀ ମିଶ୍ର ଓଡିଶା ସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘର ସମ୍ପାଦକ ଥିଲେ ଓ ତାଙ୍କରି ନେତୃତ୍ୱ ରେ ହୋଇଥିବା ଶିକ୍ଷକ ଆନ୍ଦୋଳନ ଫଳରେ ଓଡିଶା ର ସରକାରୀ ଅଧ୍ୟାପକମାନେ ୟୁ ଜି ସି ନିର୍ଦ୍ଧାରିତ ବେତନ ପାଇପରିଥିଲେ ।

ଜଣେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଭାବେ ଶ୍ରୀ ଶିରିଡି ସାଇ ଦର୍ଶନ ଓ ଭାବଧାରା ର ଜଣେ ଉତ୍ସର୍ଗୀକୃତ ପ୍ରଚାରକ ଥିଲେ । ଜଣେ ନିର୍ଭିକ, ସ୍ପଷ୍ଟବାଦୀ ଓ ପରୋପକାରୀ ବ୍ୟକ୍ତି ଭାବେ ସେ ସବୁଦିନେ ମନେ ରହିବେ । ବାଲ୍ୟବନ୍ଧୁ ଗୁରୁଜୀ ଚନ୍ଦ୍ରଭାନୁ ଶତପଥି, ଅବସରପ୍ରାପ୍ତ ପ୍ରଶାସକ ଧୀରେନ୍ଦ୍ର ନାଥ ପାଢ଼ୀ, ଅବସରପ୍ରାପ୍ତ ପ୍ରଫେସର ଡ଼କ୍ଟର ଦୀପା ପାଢ଼ୀ, ଛାତ୍ରୀ ତଥା ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ, ଅନେକ ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ପ୍ରଫେସର ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଅମର ଆତ୍ମାର ସଦଗତି କାମନା କରି ପରିବାରବର୍ଗ ଙ୍କୁ ସମବେଦନା ଜଣାଇଥିଲେ ।

# ଭାରତୀୟ ବାୟୁସେନା ସଂଘ ଓଡ଼ିଶା ଶାଖାର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ କଳ୍ପନା ଛକ ନିକଟରେ ଥିବା ଗ୍ରାଣ୍ଡ ଗେଲେକ୍ସୀ ବିବାହ ମଣ୍ଡପ ଠାରେ ବାର୍ଷିକ ଉତ୍ସବ ସଂଘ ର ସ୍ଥାୟୀ ସଭାପତି ଅବସର ପ୍ରାପ୍ତ ଏୟାର କମଡୋର୍ ଅରବିନ୍ଦ ମହାନ୍ତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭା ରେ ରାଜ୍ୟ ର କେତେକ ଜିଲ୍ଲା ର ଉପ ସଭାପତି ଓ ସମ୍ପାଦକ ଅଂଶ ଗ୍ରହଣକରିଥିଲେ। ପ୍ରାରମ୍ଭ ରେ ସଂଘ ର ସଦସ୍ୟ ମାନେ ବୃକ୍ଷ ରେ ଜଳ ଦେଇ ଏକ ଉଦାହରଣ ସୃଷ୍ଟି କରିଥିଲେ। ସଂଘ ର ବରିଷ୍ଠ ଉପ ସଭାପତି ଗ୍ରୁପ କ୍ୟାପଟେନ ଅନିରୁଦ୍ଧ ସେନାପତି ଅବସର ପ୍ରାପ୍ତ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ସ୍କ୍ୱାଡନ ଲିଡର ଅତନୁ କୁମାର ପଣ୍ଡା ଅବସର ପ୍ରାପ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ନିଜର ବ୍ୟକ୍ତବ ରେ ସମସ୍ତ ସଭ୍ୟ ମାନଙ୍କୁ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ ରହିବାକୁ ପ୍ରେରଣା ଦେଇଥିଲେ। ଉକ୍ତ ଉତ୍ସବ ରେ ସଂଘ ର ଉପଦେଷ୍ଟା ଜେଡବ୍ଲୁଓ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିବା ବେଳେ ସଂଘର ଉପସଭାପତି ୱିଙ୍ଗ କମାଣ୍ଡର ପ୍ରଭାସ ଚନ୍ଦ୍ର ପଟ୍ଟନାୟକ ଅବସର ପ୍ରାପ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ପ୍ରାନ୍ତୀୟ ଅଧିବେଶନ "ଶିଖର-୨୦୨୬"

# ଇତିହାସରୁ ଶିକ୍ଷା ନେଇ 'ବିକଶିତ ଓଡ଼ିଶା' ଓ ବିକଶିତ ଭାରତ ଗଢିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ । ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ । ରବିବାର ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ଅଧିବେଶନ "ଶିଖର-୨୦୨୬" ରେ ଯୋଗଦେଇ ଏହିପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଭାରତର ପ୍ରାଚୀନ ସଭ୍ୟତା ଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ, ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ ସେ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ ଏକ ନୂତନ ଦିଗଦର୍ଶନର ମଞ୍ଚ । ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି ସମାଜର ବିଶେଷ ଅବଦାନ ଓ ଦାୟିତ୍ୱ ରହିଛି । ଯଦି ସମାଜର ଇଞ୍ଜିନ ଅର୍ଥାତ୍ ନେତୃତ୍ୱ ଓ ଅର୍ଥନୀତି ଶକ୍ତିଶାଳୀ ହୁଏ, ତେବେ ବିକାଶର ଗତି ଦ୍ରୁତ ହେବ । ତେଣୁ ଏ ଦିଗରେ ମାରୱାଡି ସମାଜ ରେଳଡବାର ଇଞ୍ଜିନ ବୃହତ୍ତର ଦାୟିତ୍ୱ ନେବା ଆବଶ୍ୟକ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରେ ଅନେକ ସମ୍ଭାବନା ରହିଛି, ତେଣୁ ଏହାକୁ ଏକ 'ଏଜୁକେସନ ହବ୍' ଓ 'ଇକୋନୋମିକ ଜୋନ୍' ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସାମୂହିକ ଆବଶ୍ୟକତା ରହିଛି । ସେହିପରି ସେ କହିଥିଲେ, ଭାରତର ପ୍ରକୃତ ପୁଞ୍ଜି ହେଉଛି 'ଜ୍ଞାନ' । ପାଠପଢାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ । ଏହି ଅବସରରେ ଶ୍ରୀ ପ୍ରଧାନ ମାରୱାଡି ସମାଜକୁ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ଏବଂ ବିଶେଷ ପର୍ବ ପର୍ବାଣୀ ବା ଦିନମାନଙ୍କର ଅଙ୍ଗନବାଡ଼ି ଭଳି ଛୋଟ ଛୋଟ ପିଲାମାନଙ୍କୁ ଫଳ ଓ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖାଦ୍ୟରେ ତେଲର ବ୍ୟବହାର ହ୍ରାସ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଛନ୍ତି ।



# ପୁଷ୍ପା ଗ୍ୟାଙ୍ଗର ୪ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,(ସବ୍ୟୁ) : ରାଜଧାନୀ ଉପକଣ୍ଠ ସମେତ ୩ଟି ଥାନା ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ପୁଷ୍ପା ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିଛି ବଡଗଡ଼ ଥାନା ପୋଲିସ। ଗ୍ୟାଙ୍ଗର ମୁଖ୍ୟ ପୁଷ୍ପା ଓରଫ ବି ରାମୁଲ ଫେରାର ଅଛି। ଏହି ଅପରାଧୀ ଗ୍ୟାଙ୍ଗ ତ୍ରିଲିମା ରେସିଡେନସି ଆପାର୍ଟମେଣ୍ଟରେ ଭଡାକୁ ରହୁଥିଲେ। କେବଳ ସେହି ଗୋଟିଏ ଘର ନୁହେଁ, ଗାଁ ଭିତରେ ଆଉ ଗୋଟିଏ ଘର ମଧ୍ୟ ଭଡ଼ାକୁ ନେଇଥିଲେ। ଆପାଟମେଣ୍ଟ ଘରେ ପୁଷ୍ପା ଓ ତାର ପ୍ରେମିକା ସମେତ ଆଦିତ୍ୟ, ପ୍ରତ୍ୟୁଷ ଓ ସଂଗ୍ରାମ ରହୁଥିଲେ। ଗାଁ ଭିତରେ ଭଡା ନେଇଥିବା ଥିବା ଘରେ ଅନ୍ୟ କେତେକ ଅଭିଯୁକ୍ତ ରହୁଥିଲେ। ପୁଷ୍ପା ଫେରାର ହୋଇଯାଇଥିବାରୁ ପୋଲିସ୍ ଘଟଣା ସମ୍ପର୍କରେ ସଠିକ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛି।

ଏହି ଗ୍ୟାଙ୍ଗ ଗୌତମନଗର ବସ୍ତିରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିବା ସାଙ୍ଗକୁ ଜଣକୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲା। ଗଣେଶ ପୂଜା ସମୟରେ ଜଣେ ଆଇନଜୀବୀଙ୍କୁ ମଧ୍ୟ ଏହି ଗ୍ୟାଙ୍ଗ ଆକ୍ରମଣ କରିବାକୁ ପଛାଇ ନଥିଲେ। ପୁଷ୍ପା ସିନେମା ଶୈଳୀରେ ବି ରାମୁଲ ନିଜକୁ ଗ୍ୟାଙ୍ଗରେ ଉପସ୍ଥାପିତ କରିବା ସହ ସେହି ଶୈଳୀରେ ବିଭିନ୍ନ ଅପରେସନ କରୁଛି। ବଡ଼ଗଡ଼, କ୍ୟାପିଟାଲ ଓ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ପୁଷ୍ପ ଗ୍ୟାଙ୍ଗ ବହୁ ଅପରାଧ ଘଟାଇଥିବା ସୂଚନା ମିଳିଛି। ପୁଷ୍ପା ଓ ଅନ୍ୟ ସଦସ୍ୟମାନେ ଗିରଫ ହେବା ପରେ ବହୁ ଆପଦଜନକ ଅପରାଧ ଘଟଣା ସାମ୍ନାକୁ ଆସିବ। ତାର ପ୍ରେମିକକୁ ପୋଲିସ୍ ଏକୁଟିଆ ମାରାଥନ ଜେରା କରୁଛି, ଗ୍ୟାଙ୍ଗର ତଥ୍ୟ ସଂଗ୍ରହ କରିବା ପାଇଁ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବସନ୍ତ ମହୋତ୍ସବ

କଟକ, (ସବ୍ୟୁ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶତାବ୍ଦୀ ଭବନ ଠାରେ ବସନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମନୋଜ୍ଞ ଆସରକୁ ଉଦ୍ଘାଟନ କରିଥିଲେ ଓଡ଼ିଶାର ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ତଥା ଗୀତିକବି ଓ ଖ୍ୟାତିସଂପନ୍ନ ପ୍ରଶାସକ ଦେବଦାସ ଛୋଟରାୟ । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ଚଳଚ୍ଚିତ୍ର ତାରକା ଶ୍ରୀତମ ଦାସ। ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ଯନ୍ତ୍ରୀ ଇଂ. ଅତନୁ କୁମାର ସାମନ୍ତ ।ଉତ୍ସବରେ ମଞ୍ଚକୁ ଆମନ୍ତ୍ରଣ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ରଘୁ ସାହୁ, ସ୍ୱାଗତ ଭାଷଣ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଓ କାର୍ଯ୍ୟକ୍ରମ ସୂଚନା ତଥା ଅତିଥି ପରିଚୟ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରଦାନ କରିଥିଲେ । ଧନ୍ୟବାଦ ପ୍ରଦାନ କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଅମିତାଭ ଖିଲାର । ନୃତ୍ୟ ଓ ସଂଗୀତ ପରିଚାଳନା ଗୁରୁ ଆଶିଷ ଦାସ ଓ କଣ୍ଠଶିଳ୍ପୀ ତନ୍ମୟ ହୋତା କରିଥିବା ବେଳେ କବିତା ସଂଯୋଜନା କରିଥିଲେ ବେଦବ୍ୟାସ ନାୟକ । ମ୍ୟାଜିକ୍ ପ୍ରଦର୍ଶନ କରିଥିଲେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବାପୁ ଲେଙ୍କା ।ମହୋତ୍ସବରେ ଅନୁଷ୍ଠାନର




ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ମୀରା ବେଉରା, ଗୀତାଞ୍ଜଳି ପୃଷ୍ଟି, ଆର୍ଯ୍ୟକୁମାର ହର୍ଷବର୍ଦ୍ଧନଙ୍କ ସମେତ ରାଜ୍ୟର ଅନେକ ପ୍ରତିଷ୍ଠିତ କବି, କଣ୍ଠଶିଳ୍ପୀ ଓ ନୃତଶିଳ୍ପୀ ଯୋଗ ଦେଇଥିଲେ ।

# ଡ୍ରିମ୍ସରେ 'ଆପ୍‌ମ୍ରୋ'ର ତୃତୀୟ ରାଜ୍ୟ ସମ୍ମିଳନୀ




କଟକ, (ସ୍ୱପ୍ର): 'ଆସୋସିଏସନ୍ ଅଫ ଫିଜିକାଲ ମେଡିସନ୍ ଆଣ୍ଡ ରିହାବିଲ୍‌ଟେସନ୍ ଅଫ ଓଡିଶା' (ଆପ୍‌ମ୍ରୋ)ର ତୃତୀୟ ବାର୍ଷିକ ସମ୍ମିଳନୀ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ତଥା ଦେଶର ବିଭିନ୍ନ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତର, ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇ ଶାରୀରିକ ଚିକିତ୍ସା ଓ ପୁନର୍ବାସ କ୍ଷେତ୍ରରେ ହୋଇଥିବା ଅଧୁନାତନ ସଫଳତା ଓ ଗବେଷଣାର ଅଗ୍ରଗତି ପ୍ରସଙ୍ଗରେ ମତ ବିନିମୟ କରିଥିଲେ । ବିଶେଷ କରି ପ୍ରଯୁକ୍ତି ବିଦ୍ୟା, ସୁଲଭତା ଓ ଶ୍ରେଷ୍ଠତା ମଧ୍ୟରେ ସମନ୍ୱୟ,କମ୍ପ୍ୟୁଟର ବ୍ୟବହାର ଜନିତ ସମସ୍ୟା ଓ ଏହାର ନିରାକରଣ, ପ୍ରେସର ଅଲସର, ଚିକିତ୍ସା, ବୃଦ୍ଧଙ୍କ କଟି ଯନ୍ତ୍ରଣା, ଏବଂ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ସ୍ନାୟୁ ସମସ୍ୟା, ନୂତନ କୃତ୍ରିମ ଅଙ୍ଗ ଉଦ୍‌ଭାବନ ଇତ୍ୟାଦି ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥିଲା । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଏକଦିବସୀୟ ସମ୍ମିଳନୀକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍ଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ମିଳନୀର ନିଷ୍କର୍ଷ ଡାକ୍ତରୀ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ମାର୍ଗଦର୍ଶନରେ ସହାୟକ ହେବବୋଲି ଅଶା ବ୍ୟକ୍ତ କରିଥିଲେ । ରାଜ୍ୟ ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଡା. ଅନୀଲ କୁମାର ସାହୁ , ଏମ୍ସ, ପାଟନାର ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସଂଜୟ ପାଣ୍ଡେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶାରୀରିକ ଚିକିତ୍ସା କ୍ଷେତ୍ରରେ ନବସୃଜନ, ଏକତ୍ରିକରଣ, ଏବଂ ପୁନର୍ବାସ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ସଂଜୟ କୁମାର ଦାସ, ପ୍ରଫେସର ଡା. ପବିତ୍ର କୁମାର ସାହୁ, ପ୍ରଫେସର ଡା. ଜଗନ୍ନାଥ ସାହୁ, ଡା. ଅଭିଷେକ ସାନ୍ୟାଲ, ଡା. ପ୍ରମୋଦ କୁମାର ପରିଡା ଡା. ପାମ୍ପା ଦେ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଜ୍ୟୋତି ରଂଜନ ସାହୁ ପ୍ରମୁଖ ଶାରିରିକ ଚିକିତ୍ସା ଓ ପୁର୍ବାସର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ, ଶିକ୍ଷାଗତ ଶ୍ରେଷ୍ଠତା ଏବଂ ଗବେଷଣା ପ୍ରତି ଛାତ୍ରଛାତ୍ରୀଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ । ଡା.ସୁସ୍ମିତା ଚକ୍ରବର୍ତ୍ତୀ ଓ ଡା. ଶ୍ରୁତି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସସରରେ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ସମ୍ମାନିତ କୀରାଯାଇଥିଲା । ଡ୍ରିମ୍ସ ସ୍କୁଲ ଅଫ ଅଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ସହଯୋଗରେ ସମ୍ମିଳନୀ ଆୟୋଜିତ ହୋଇଥିଲା ।

## ବିଜୁ ବିପ୍ଳଣୀ ମାଳା ମାର୍କେଟ କମ୍ପ୍ଲେକ୍ସରେ

# ଦୋକାନ ଗୃହ ବଣ୍ଟନରେ ଅନିୟମିତତା, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଯଶିପୁର ସହର ରେ ଅବସ୍ଥିତ ବିଜୁ ବିପ୍ଳଣୀ ମାଳା ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଥିବା ବେଳେ ଏହାକୁ ନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ ଅମରେନ୍ଦ୍ର ସାହୁ। ଗତ ୨୦୨୫ ନଭେମ୍ବର ୧୫ତାରିଖ ଦିନ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ବିଜୁ ବିପ୍ଳଣୀ ମାଳାର ଉପର ମହଲାରେ ନିୟମ ଓ ସର୍ତ୍ତ ଭିତ୍ତିରେ ଅମରେନ୍ଦ୍ର ସାହୁଙ୍କ ସହ ଅନ୍ୟ ଚାରିଜଣଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯାଇଛି। ଗତ ୨୦୧୦ ସାଲରୁ ରାଜ୍ୟରେ ବିଜୁଜନତା ଦଳର ସରକାର ଥିବା ସମୟରୁ ସେ ଦୋକାନ ଗୃହ ଜବରଦଖଲକାରୀ ଦଖଲ ଥିବା ସ୍ଥଳେ ଦୀର୍ଘ ଦିନ ପରେ ଠିକାଦାର ତଳମହଲାକୁ ଜାମଦାସାହି ପଞ୍ଚାୟତକୁ ହସ୍ତାନ୍ତର କରିବା ପରେ ଅନ୍ୟ କିଛି ବ୍ୟକ୍ତି ପରବର୍ତ୍ତୀ ସମୟରେ ନିଜ ଦଖଲକୁ ବୈଧ କରିବାକୁ ଅପପ୍ରୟାସ କରିଛନ୍ତି। ଯାହାକି ସେ ବ୍ୟକ୍ତି ମାନେ ୬ଟି କୋଠରୀକୁ ସରକାରୀ ନିତି ନିୟମକୁ ଉଲ୍ଲଂଘନ କରି ନିଜ ନାମରେ, ନିଜ ପତ୍ନୀ ନାମରେ, ନିଜ ଭଉଣୀ ନାମରେ ୩୦ ହଜାର ଲେଖାଏଁ ଘରଭଡା ବାବଦକୁ ଦାଖଲ କରିଥିବା ସୂଚନା ମିଳିଛି। ବର୍ତ୍ତମାନ ସେହି ୬ଟି କୋଠରୀ ମଧ୍ୟରୁ ଗୋଟିଏରେ ଚପଲ ଦୋକାନ ଖୋଲା ଯାଇଥିବାବେଳେ ଆଉ ଏକ କୋଠରୀ ରେ ଖାତାବହି ଦୋକାନ ଖୋଲାଯାଇଛି। ତେବେ ସୂଚନା ଆଇନ ଅଧିକାର ଅନୁସାରେ ମିଳିଥିବା ତଥ୍ୟରୁ ଜଣାଯାଏ ଯେ, ଜାମଦାସାହି ଗ୍ରାମ ପଞ୍ଚାୟତ ଅଫିସ୍ ତରଫରୁ ଦୋକାନ ଗୃହ ବଣ୍ଟନ ପାଇଁ ବିଜ୍ଞାପନ ପ୍ରକାଶ କରାଯାଇ ନାହିଁ କି କୋଠରୀ ବଣ୍ଟନ କରାଯାଇ ନାହିଁ। ହେଲେ ୬ଗୋଟି ଦୋକାନ ଗୃହ ୬ ଜଣ ବାଣ୍ଟି ନେଇଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦରଖାସ୍ତରେ ଅଭିଯୋଗକାରୀ ଅମରେନ୍ଦ୍ର ସାହୁ ଦର୍ଶାଇଛନ୍ତି ଯେ, ସେ ଉପର ମହଲାରେ କରିଥିବା ପୁସ୍ତକ ଦୋକାନ ଠିକ୍ ତଳ ମହଲାରେ ଆଉଜଣେ ପାଠ୍ୟ ଉପକରଣ ଦୋକାନଟିଏ ଖୋଲିଛନ୍ତି। ଏହାଦ୍ୱାରା ଉପରେ ଥିବା ପାଠ୍ୟ ଉପକରଣ ଦୋକାନକୁ ଗ୍ରାହକ କମ୍ ଯାଉଛନ୍ତି। ଯାହାକି ବ୍ୟବସାୟ ପ୍ରଭାବିତ ହେଉଛି। ଏଣୁ ତଳ ମହଲାରେ ଅବୈଧ ଭାବରେ ଦଖଲ କରିଥିବା ଦୋକାନ ଗୃହକୁ ଜବର ଦଖଲ ମୁକ୍ତ କରିବା ସଙ୍ଗେ ସଙ୍ଗେ ଦୋକାନ କୋଠରୀ ଗୁଡିକୁ ସରକାରୀ ନିୟମ ଅନୁସାରେ ବଣ୍ଟନ କରାଯିବାକୁ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅନୁରୋଧ କରାଯାଇଛି। ଏହି ଅଭିଯୋଗ ପାଇବା ମାତ୍ରେ ପାଞ୍ଚପୀଢ କରଞ୍ଜିଆ ପିଜି ସେଲ୍‌ର ନୋଡାଲ ଅଫିସର ତୁରନ୍ତ ଯଶିପୁର ବ୍ଲକ ବିଡିଓ ଙ୍କୁ ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୨୦୨୫ ସେପ୍ଟେମ୍ବର ୧୫ତାରିଖରେ ନିର୍ଦ୍ଦେଶ ଦିଆ ଯାଇଥିଲା ହେଲେ ବିଡିଓ ନିରବ ରହି କୌଣସି ପଦକ୍ଷେପ ନେଇ ନଥିଲେ। ପଞ୍ଚାୟତ ନିୟମ ଅନୁସାରେ ଭଡାଧାରୀ ଅଥବା ପାଖ ଦୋକାନୀ ମାନଙ୍କର ଅସୁବିଧା ହେବାଭଳି କାର୍ଯ୍ୟ, ବ୍ୟବସାୟ କରିବେ ନାହିଁ କି ଉକ୍ତ ଗୃହ ଅନ୍ୟ କାହାରିକୁ ହସ୍ତାନ୍ତର କରିପାରିବେ ନାହିଁ। ବିବାଦ ଉପୁଜିଲେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କର ନିଷ୍ପତ୍ତି କୁ ଉଭୟ ପକ୍ଷ ମାନିବାକୁ ବାଧ୍ୟ ହେବେ। ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ଫଳରେ ଅଭିଯୋଗକାରୀ ଅମରେନ୍ଦ୍ର ସାହୁ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିବା ପରେ ବିଚାରପତି ଆର୍‌କେ ପଟ୍ଟନାୟକ ଅଭିଯୋଗର ତର୍ଜମା କରି ଗତ ୨୦୨୫ ଡିସେମ୍ବର ୧ତାରିଖ ଡବ୍ଲ୍ୟୁପିସି ନମ୍ବର ୩୪୮୪୨/୨୦୨୫ ରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଅଭିଯୋଗକାରୀଙ୍କର ଅଭିଯୋଗକୁ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିବାସହ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ଜର୍ଜ ଚିଠି କରିଛନ୍ତି। ହେଲେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆଜିକୁ ଏକ ମାସରୁ ଅଧିକ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଅବଧି ଶେଷ ହୋଇଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ଗୁରୁତ୍ୱ ଦେଇନାହିଁ। ଏଥିପାଇଁ ଅଭିଯୋଗକାରୀ ଅମରେନ୍ଦ୍ର ସାହୁ ପୁଣି ଥରେ ନ୍ୟାୟ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଜଣାଇଛନ୍ତି।

## ଗଛକୁ ଧକ୍କା ଦେଲା କାର୍

# ମା'-ପୁଅ ମୃତ, ବାପା-ଝିଅ ଆହତ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡା ଗାଁ ନିକଟ ରାଜ୍ୟରାଜପଥରେ ଓଡଗାଁ ଅଭିମୁଖେ ଯାଉଥିବା କାରଟିଏ ରାସ୍ତାପାର୍ଶ୍ୱସ୍ଥ ଏକ ଗଛକୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଜନୈକା ମହିଳାଙ୍କ ସମେତ ତାଙ୍କର ନାବାଳକ ପୁତ୍ରର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତକ ଦୁଇ ଜଣ ହେଲେ ମାଆ କୁନମୁନ୍ ଚୌଧୁରୀ(୪୦) ଓ ପୁଅ ଦେବାଶିଷ ଚୌଧୁରୀ (୯)। ଏନେଇ ବୁଗୁଡା ଥାନାରେ କେସ୍ ନଂ ୧୧୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଓଡଗାଁ ଅଞ୍ଚଳବାସୀ ଦେବ ପ୍ରସାଦ ଚୌଧୁରୀ ତାଙ୍କ ପତ୍ନୀ କୁନମୁନ୍, ପୁଅ ଦେବାଶିଷ ଓ ୨୦ ମାସର ଝିଅ ଦିବାଂଶୁ ସହ ଟାଟା ନେକସନ୍ କାର(ନଂ-ଓଡି ୩୩ଭି - ୮୦୮୨)ରେ ବ୍ରହ୍ମପୁରରୁ ନିଜ ଗାଁକୁ ଫେରୁଥିଲେ। ତେବେ ଚାଳକଙ୍କ ଅସାବଧାନତା ହେତୁ ଦ୍ରୁତଗତିରେ ଯାଉଥିବା କାରଟି ତାକରଡା ଗାଁ ପୂର୍ବରୁ ରାସ୍ତାକଡସ୍ଥ ଏକ ଗଛ ସହ ଧକ୍କା ହୋଇ ବିଲମାଳକୁ ଖସିପଡିଥିଲା। ଦୁର୍ଘଟଣା ଯୋଗୁଁ ଘଟଣା ସ୍ଥଳରେ କୁନମୁନଙ୍କ ମୃତ୍ୟୁ ଘଟିଥିଲା ଏବଂ ଦେବାଶିଷ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଦେବାଶିଷଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ତାଙ୍କର ମୁଣ୍ଡକୁ ଗଭୀର ଆଘାତ ଲାଗିଥିଲା ବେଳେ ନାକରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ନିଆଯାଉଥିବା ବେଳେ ବୋଲଗଡଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାରେ ଦେବ ପ୍ରସାଦ ଓ ତାଙ୍କ ଛୋଟ ଝିଅ ଦିବ୍ୟାଂଶୁ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ପୋଲିସ ଦୁର୍ଘଟଣାସ୍ଥଳ ଏବଂ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏଏସଆଇ ସୁମନ୍ତ ବେହେରା ଘଟଣାର ତଦନ୍ତ ଦାୟିତ୍ୱ ରେ ରହିଥିବା ଜଣାଯାଇଛି ।

# ହରିପୁର ବେଳାଭୂମିରେ ଅଲିଭ୍ ରିଡଲେ କଇଁଛଙ୍କ ମୃତଦେହ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ହରିପୁର ସମୁଦ୍ର ବେଳାଭୂମିରେ ବହୁ ସଂଖ୍ୟକ ମୃତ ବିରଳ ପ୍ରଜାତିର ଅଲିଭ ରିଡ଼ଲେ କଇଁଛ ପଡ଼ିଥିବା ଦେଖିବାକୁ ମିଳିଛି । ଆଜି ଭୋରରୁ ଏଭଳି ଅଲିଭ ରିଡ଼ଲେ କଇଁଛ ମାନେ ମୃତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ବାସିନ୍ଦା । ଏହା ସହିତ କୁକୁର ମାନେ ଟାଣି ଖାଉଥିବା ଦେଖିବାକୁ ମଧ୍ୟ ମିଳିଛି। ବର୍ତ୍ତମାନ ଅଲିଭ ରିଡ଼ଲେ କଇଁଛଙ୍କ ଗଣଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କଇଁଛଙ୍କ ଏଭଳି ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନବାଚୀ । ଅଲିଭ ରିଡ଼ଲେ କଇଁଛଙ୍କ କିଭଳି ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ। ପ୍ରତିବର୍ଷ ଅଣ୍ଡାଦାନ ପାଇଁ ହଜାର ହଜାର କିଲୋମିଟର ଦୂରରୁ ଆସୁଥିବା ଏହି ବିରଳ ସାମୁଦ୍ରିକ କଇଁଛଙ୍କ ମୃତ୍ୟୁ ପରିବେଶ ପ୍ରେମୀଙ୍କୁ ଚକିତ କରିଛି। ସୁରକ୍ଷା ବ୍ୟବସ୍ଥା ଉପରେ ଉଠିଛି ପ୍ରଶ୍ନ ସମୁଦ୍ର ମଧ୍ୟରେ ବେଆଇନ ଭାବେ ଚାଲୁଥିବା ମାଛଧରା ଟ୍ରଲର ଯୋଗୁଁ ଅଧିକାଂଶ କଇଁଛଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ଟ୍ରଲର ଜାଲରେ ଛନ୍ଦି ହୋଇ ବା ଗୁରୁତର ଆହତ ହୋଇ ସେମାନେ ପ୍ରାଣ ହରାଉଛନ୍ତି। ବନ ବିଭାଗ ଏବଂ ସାମୁଦ୍ରିକ ମତ୍ସ୍ୟ ବିଭାଗର ପକ୍ଷରୁ କରାଯାଉଥିବା ପାଟ୍ରୋଲିଂ କୁ ନେଇ ଉଠିଛି ପ୍ରଶ୍ନ । କଇଁଛଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ନୋ ଫିସିଂ ଜୋନ୍ ଘୋଷଣା କରାଯାଇଥିଲେ ମଧ୍ୟ ଏହାର କଡ଼ାକଡ଼ି ଅନୁପାଳନ ହେଉଛି କି ନାହିଁ, ତାହା ଉପରେ ଉଠିଛି ପ୍ରଶ୍ନ । ପ୍ରତିବର୍ଷ ନଭେମ୍ବର ୧ ରୁ ମେ ୩୧ ତାରିଖ ପ୍ରଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ପ୍ରଯ୍ୟନ୍ତ ନୋ ଫିସିଙ୍ଗ ଜୋନ ରହିଛି।

# ପେନସନ ବିରୋଧୀ ଭ୍ୟାଲି ଡେ ସନ ଆକ୍ଟ ବିରୁଦ୍ଧରେ ୨୫ରେ ଆନ୍ଦୋଳନ



ଆସିକା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ, ଆସିକା ଶାଖାର ଏକ ବୈଠକ ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକ ଗୃହ ଠାରେ ଗଣେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତା ଉପେନ୍ଦ୍ର ନାୟକ, ପୀତବାସ ମହାପାତ୍ର, ରାଜେଶ୍ୱର ପାତ୍ର ଓ ମିହିର କାନ୍ତ ମହାପାତ୍ର ପ୍ରମୁଖ ବୈଠକରେ ଅତିଥିଭାବେ ଯୋଗଦେଇ ଥିଲେ । ଗତ ୨୦୨୫ ମାର୍ଚ୍ଚ ୨୬ରେ ସାଂସଦରେ ଭ୍ୟାଲିଡେସନ ଆକ୍ଟ ପାରିତ କରି ପେନସନ ଭୋଗୀଙ୍କୁ ଅଷ୍ଟମ ବେତନ କମିଶନରୁ ବଞ୍ଚିତ କରିବା ପାଇଁ ଯେଉଁ ଚକ୍ରାନ୍ତ କରାଯାଇଛି । ତାକୁ ତୀବ୍ର ବିରୋଧ କରିବା ପାଇଁ ସମସ୍ତ ବକ୍ତା ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂଘର ନିଷ୍ପତି ପ୍ରକାରେ ଆସନ୍ତା ୨୫ତାରିଖ ଦିନ ତହସିଲି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଭାଲିଡେସନକୁ ସର୍ବ ସମ୍ମୁଖରେ ପୋଡିବା ପାଇଁ ସ୍ଥିର କରାଗଲା ଓ ଏହି କଳା ଆଇନ ବିରୁଦ୍ଧରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଭାରତର ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହରପ୍ରିୟା ଉପାଧ୍ୟାୟ ନିରଞ୍ଜନ ନାୟକ, ଲକ୍ଷ୍ମୀ ନାରାୟଣ ନାୟକ, ପ୍ରଦୀପ କୁମାର ରାଉତ, ପୀତବାସ ମୁନି, ବିଜୟ କୁମାର ଜେନା, ଦିଲୀପ ପରିଡା, ଲମ୍ବୋଦର ଦାସ, ଲବ ନାଇଡୁ, କୁଶ ନାଇଡୁ, ଖଦାଳ ନାୟକ, ଉମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚଳନ୍ତା ଓଲା ଗାଡିରେ ଲାଗିଲା ନିଆଁ : ଅଳ୍ପକେ ବର୍ତିଲେ ଚାଳକ

ଛତ୍ରପୁର, (ସବ୍ୟୁ): ଚଳନ୍ତା ଓଲା ଗାଡି ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଗାଡି ଟି ନଷ୍ଟ ହୋଇଯାଇଥିବା ବେଳେ ଅଳ୍ପକେ ବର୍ତିଥିଲେ ଚାଳକ । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ ଗଞ୍ଜାମ ଜିଲ୍ଲାର ଚମାଖଣ୍ଡି ଛକ ଠାରୁ ବଣବୁଲାପଲ୍ଲୀ ଗ୍ରାମକୁ ଯିବା ରାସ୍ତାରେ । ବଣବୁଲାପଲ୍ଲୀ ଗ୍ରାମର ପି. ମଳୟ ରେଡ୍ଡୀ ନାମକ ଯୁବକ ଗତକାଲି ବିଳମ୍ବିତ ରାତ୍ରରେ ଆଇଆରଇଏଲ କମ୍ପାନୀରୁ ଡ୍ୟୁଟି ସାରି ନିଜ ଓଲା ଗାଡିରେ ଘରକୁ ଫେରୁଥିବା ବେଳେ ଚମାଖଣ୍ଡିଛକ ଏବଂ ବଣବୁଲାପଲ୍ଲୀ ଯିବା ରାସ୍ତାରେ ହଠାତ ଓଲା ଗାଡିରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିଲା । ଫଳରେ ସେ ଭୟଭୀତ ଅବସ୍ଥା ଗାଡି ଛାଡି ଅଳ୍ପ ଦୁରକୁ ଆସି ସଂଗେ ସଂଗେ ଛତ୍ରପୁର ଫାୟାର ଅଫିସକୁ ଫୋନ ଯୋଗେ ଜଣାଇଥିଲେ । ଫାୟାର କର୍ମଚାରୀ ମାନେ ଘଟଣା ସ୍ଥଳକୁ ଆସି ନିଆଁକୁ ଲିଭାଇଲା ବେଳେ ଓଲା ଗାଡିଟି ସମ୍ପୂର୍ଣ୍ଣପୋଡିନଷ୍ଟ ହୋଇଯାଇଥିଲା । ଏନେଇ ପି. ମଳୟ ସୂଚନା ଦେବା ସହିତ ଚମାଖଣ୍ଡି ଥାନାରେ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି ।

# କିଛି ମାସ ପରେ ପୁଣି ମାଈ ହାତୀର ମୃତ୍ୟୁ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ରେଞ୍ଜର ନାରାୟଣପ୍ରସାଦ ରାସ୍ତା କଡ ଜଙ୍ଗଲରେ ଏକ ହାତୀ ମୃତ୍ୟୁ ବରଣ କରିଥିବା ଖବର ଶନିବାର ରାତିରେ ଲୋକ ଲୋଚନକୁ ଆସିଛି। ଖବରପାଇ ବନ ବିଭାଗ କର୍ମଚାରୀ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଜେଟିଏଫଟିମ୍ ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ପ୍ରକ୍ରିୟା ଚାଲିଛି। ହାତୀଟି କେଉଁଭଳି ପରିସ୍ଥିତିରେ ମୃତ୍ୟୁବରଣ କରିଛି ସେନେଇ ସଠିକ କିଛି ଜଣାପଡ଼ିନାହିଁ। ୫ ଦିନ ପୂର୍ବରୁ ହାତୀଟି ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି ଘଟଣାସ୍ଥଳରେ ରହି ଘଟଣାର ଟିକିନିଖି ଯାଞ୍ଚ କରୁଛନ୍ତି। ଅପରପକ୍ଷେ ବିଗତ କିଛି ବର୍ଷ ହେବ ଏହି ବନଖଣ୍ଡରେ ଏକାଧିକ ହାତୀଙ୍କ ମୃତ୍ୟୁ ଘଟିଛି। କେଉଁଠି ବିଦ୍ୟୁତ୍ ଆଘାତରେ ହାତୀ ମରୁଚି ତ ଆଉ କେଉଁଠି ଶିକାରୀ ଗୁଳିରେ ହାତୀ ମରୁଛି। ଏଥିସହ କିଛି ହାତୀ ସ୍ୱାଭାବିକ ଭାବେ ମୃତ୍ୟୁବରଣ କରୁଛନ୍ତି। ପରେ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟନୁଷ୍ଠାନ ନିଆଯାଉଛି। ମାତ୍ର ଟାଟା ପାୱାର କିମ୍ବା ବନ କର୍ମଚାରୀଙ୍କ ଅବହେଳା ପାଇଁ କାହା ବିରୋଧରେ କାର୍ଯ୍ୟନୁଷ୍ଠାନ ନିଆଯାଉନାହିଁ। ଏହିଭଳି ପରିସ୍ଥିତିରେ ଆଉ ଏକ ହାତୀ ମରିଛି । ହାତୀଟି ସ୍ୱାଭାବିକ ମରିଛି ନା କିଏ ତାକୁ ମାରିଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ଏହା ପୂର୍ବରୁ ହାତୀ ମୃତ୍ୟୁନେଇ ନାନା ପ୍ରକାର ଆଲୋଚନା ହେଉଛି। ଡିଏଫଓ ହିଂମାଶୁ ଶେଖର ମହାନ୍ତି, ଏସିଏଫ ବିବେକ ଦାସ, ବିମଳ ପ୍ରସାଦ ପ୍ରଧାନ, ମୁଜାଗଡ ରେଞ୍ଜର ବିମ୍ବାଧର ସାହୁ, ତାର ସିଂ ରେଞ୍ଜର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି ।

## ବାରୁଦ ଗଦାରେ ପାଣି ପଞ୍ଚାୟତ କାର୍ଯ୍ୟାଳୟ

# ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ, ଦୁଇ ଭାଇ ଗିରଫ



ଭଂଜନଗର, (ସବ୍ୟୁ): ପାଣିପଞ୍ଚାୟତ କାର୍ଯ୍ୟାଳୟ ଭିତରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କଲା ବେଲଗୁଣ୍ଠା ଥାନା ପୋଲିସ। ଘଟଣାରେ ସଂପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ବେଲଗୁଣ୍ଠା ଥାନା ଅନ୍ତର୍ଗତ ବରଗାଁର ଏହି ଘଟଣା । ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ, ଥାନାଧିକାରୀ ରେବତୀ ଶବର ଏବଂ ତାଙ୍କ ଟିମ୍ ଏହି ଚଢାଉ କରିଥିଲେ । ଘଟଣା ସ୍ଥଳରୁ ୮ ଟି ବସ୍ତାରେ ରହିଥିବା ୪୦୦ କିଲୋ ଆମୋନିୟମ ନାଇଟ୍ରେଟ୍, ୫୯୯ ଜିଲୋଟିନ୍ ଏବଂ ବିସ୍ଫୋରଣ କରିବା ପାଇଁ ବ୍ୟବହୃତ ହେଉଥିବା, ବିପୁଳ ପରିମାଣର ବିଦ୍ୟୁତ ତାର ଜବତ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବରଗାଁର ଶଙ୍କର ଜେନା ଏବଂ ସାଗର ଜେନା । ଏନେଇ ୯୬/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ ।

# ମା' ବୁଢ଼ା କେନ୍ଦୁ ପୀଠରେ ଆମ ଆଦମୀ ପାର୍ଟିର ବନ୍ଧୁମିଳନ

ହିଞ୍ଜିଳିକାଟୁ, (ସବ୍ୟୁ): ରବିବାର ଦିନ ମା' ବୁଢ଼ା କେନ୍ଦୁ ପୀଠରେ 'ଆମ ଆଦମୀ ପାର୍ଟିର ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ସୁବାଷ ରାଉତ ଯୋଗଦେଇ ଥିଲେ। ସୋରଡ଼ା ବିଧାନସଭା ମଣ୍ଡଳୀର ସଭାପତି ରଞ୍ଜିତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ମାଁ ବୁଢ଼ାକେନ୍ଦୁ ପୀଠରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସିକା ଲୋକସଭା ଆବାହକ ଭଜରାମ ସାବତ, ଆସିକା ବିଧାନସଭା ଆବାହକ ରଞ୍ଜନ କୁମାର ରାଉତ, ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନିଳକଣ୍ଠ ରେଡ୍ଡୀ, ହିଞ୍ଜିଳିକାଟୁ ପୌରାଞ୍ଚଳ ପରିଷଦ ନଗର ସଭାପତି ସ୍ୱାଧିନ ସାହୁଏବଂ ଏହି ଅଞ୍ଚଳର ଶତାଧିକ ଉତ୍ସାହି କର୍ମିଙ୍କ ସହଯୋଗରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# ଦର୍ଶକଙ୍କୁ ବାନ୍ଧିରଖିଲା ଦେଶାତ୍ମବୋଧକ ନାଟକ 'ମହାସଂଗ୍ରାମର ମହାନାୟକ

ବାରିପଦା, (ସବ୍ୟୁ) : ଓଡିଶାର ପୁରାତନ ତଥା ଅଗ୍ରଣୀ ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଆମେ ବାରିପଦା ନାଟ୍ୟାନୁଷ୍ଠାନର ସହଯୋଗରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦେଶାତ୍ମବୋଧକ ନାଟକ 'ମହାସଂଗ୍ରାମର ମହାନାୟକ ମଞ୍ଚସ୍ଥ ହୋଇଯାଇଛି । ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ଓ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକରେ ଆଲୋକ, ସନ୍ତୋଷ, ନରେନ୍ଦ୍ର, ବିଘ୍ନରାଜ, କାର୍ତ୍ତିକ, ଅନିଲ, ସୌମ୍ୟ, ବିକାଶ, ମିହିର, କାଳୀପ୍ରସନ୍ନ, ସତ୍ୟ, ସଂଗ୍ରାମ, ଫଟୁ, ଦେବାଶିଷ, ଶୁଭ, ଅଶୋକ, ସୁତନୁ, ସିମାଞ୍ଚଳ, ମନିଦୀପା, ଧାରାଶ୍ରାବଣୀ ଓ କଳ୍ପନା ପ୍ରମୁଖ ଅଭିନୟ କରିଥିବା ବେଳେ ସଂଗୀତରେ ପ୍ରତାପ, ଆଲୋକରେ ତ୍ରିପାଠୀ, ରୂପସଜ୍ଜାରେ ନରେନ୍ଦ୍ର, ମଞ୍ଚସଜ୍ଜାରେ ସଂଗ୍ରାମ ଓ ନୃସିଂହ, ପୋଷାକରେ କାର୍ତ୍ତିକ, ମଞ୍ଚ ପରିଚାଳନାରେ ବିଭୁତି, ଜିତ ଓ ପ୍ରକାଶ ଏବଂ ସହ ନିର୍ଦ୍ଦେଶନାରେ ଅଶୋକ ସାହୁ ସହଯୋଗ କରିଥିଲେ । ଅତିଥି ଭାବେ ଯୋଗଦେଇ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି, ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏମ୍‌ପିସି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଓ ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ କେ.ସି ମହାନ୍ତି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ଏହି ଅବସରରେ ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକଙ୍କୁ ଶତାବ୍ଦୀର କଳାକାର ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଧୀର ମଲ୍ଲିକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ




ବାରିପଦା, (ସବ୍ୟୁ) : ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡଃ କୁମରମଣି ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରତ୍ନାକର ସିଂହ, ସମ୍ମାନିତ ଅତିଥି ଭାବେ ଡଃ ପ୍ରବୋଧ ଦେ ଓ ପ୍ରାଧ୍ୟାପିକା ଡଃ ସ୍ମୃତି ପଟ୍ଟନାୟକ ଯୋଗଦେଇ ସାହିତ୍ୟ କିପରି ସମାଜର ଦର୍ପଣ ହୋଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରେ ତା'ରି ଉପରେ ଆଲୋକପାତ କରିଥିଲେ । ଓଡିଶାର ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ବହ୍ନିମାନ ରଥ ସ୍ୱାଗତ ସଂଗୀତ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଏହି ଅବସରରେ କବି ସ୍ନିଗ୍ଧା ମହାପାତ୍ରଙ୍କ କବିତା ପୁସ୍ତକ 'ବୋଉ ଏବଂ କବି ସୁଚରିତା ମହାନ୍ତିଙ୍କ ଲଳିତ ନିବନ୍ଧ 'ଜୀବନ୍ତ ଈଶ୍ୱରର ପୃଥିବୀ ଓ ଅନ୍ୟାନ୍ୟ ରଚନା ଅତିଥିଙ୍କ ହାତରେ ଉନ୍ମୋଚିତ ହେବା ସହ ଅନୁଷ୍ଠାନ ତରଫରୁ ବିଶିଷ୍ଟ କବି ଡଃ ହରିଶ ଚନ୍ଦ୍ର ବେହେରାଙ୍କୁ ଭଞ୍ଜଦୀପ ସମ୍ମାନ, କେଶୁ ଦାସଙ୍କୁ ଭଞ୍ଜଦୀପ କଳା ସମ୍ମାନ, ସୋମନାଥ ସିଂହଙ୍କୁ ଭଞ୍ଜଦୀପ ସେବା ସମ୍ମାନ, ଡଃ ପୁଷ୍ପା ପାତ୍ରଙ୍କୁ ଭଞ୍ଜଦୀପ ପ୍ରାବନ୍ଧିକା ସମ୍ମାନ, ସବିତା ବେହେରାଙ୍କୁ ଭଞ୍ଜଦୀପ ସମ୍ମାନରେ ସମ୍ମାନିତ କରାଯାଇଥିଲା । କବି ମଧୁସୂଦନ ମିଶ୍ର ଓ କ୍ଷଣପ୍ରଭା ମହାନ୍ତିଙ୍କ ସଂଯୋଜନାରେ ରାଜ୍ୟରୁ ଆସିଥିବା କବି ସୁନ୍ଦର ସୁନ୍ଦର କବିତା ଆବୃତ୍ତି କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୁଚରିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ଭାସ୍କର ବାରିକ ଓ କୋଷାଧ୍ୟକ୍ଷ ପାର୍ଥସାରଥି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସପ୍ତମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ମାର୍ଚ୍ଚ ୨୦ ଓ ୨୧ରେ

ବାରିପଦା, (ସବ୍ୟୁ) : ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲଅପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଏନଏଫଡିସିର ସହଯୋଗରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆୟୋଜିତ ହେବାକୁ ଥିବା ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂସ୍ଥାର ପ୍ରତିଷ୍ଠାତା ଅଧ୍ୟକ୍ଷ ଦୀପକ କୁମାର ବେଶ୍ରା, ସମ୍ପାଦକ ଆନ୍ତା ଆଲୋକ ବାସ୍କେ, ଉପଦେଷ୍ଟା ତଥା ସିଡିପିଓ ବିଟୁ ଟୁଡୁ ଓ ଦିଗୀ ମୁର୍ମୁ ମାର୍ଣ୍ଡି, ସଦସ୍ୟ ସୁମୀ ହାଁସଦାଃ ବେଶ୍ରା, ସୁମାଳି ମୁର୍ମୁ ହେମ୍ବ୍ରମ, ଅର୍ଜୁନ ସୋରେନ, ମିନତୀ ବାସ୍କେ ଓ ପାଲୁ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ସୁଚିନ୍ତିତ ମତ ଦେଇଥିଲେ । ଚଳିତ ମାସ ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ୧୨ଟି ଲଘୁ ଫିଲ୍ମ ଓ ୧୮ଟି ଡକୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି । ଏହି ମହୋତ୍ସବରେ ଓଡିଶା, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, କେରଳ ଓ ଦିଲ୍ଲୀ ସମେତ ମୋଟ ୮ ରାଜ୍ୟର ୧୨ଟି ଭାଷାରେ ୩୦ଟି ଫିଲ୍ମ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି ମୁଖ୍ୟ ଆୟୋଜକ ଦୀପକ ବେଶ୍ରା ପ୍ରକାଶ କରିବା ସହ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଃଶୁଳ୍କରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ ଅନୁରୋଧ କରିଛନ୍ତି ।

# ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର : ଥାନାରେ ଅଭିଯୋଗ

ମାହାଙ୍ଗା ,(ସବ୍ୟୁ): ପୂର୍ବ ଶତୃତାକୁ ନେଇ ଅଙ୍ଗନୱାଡି କର୍ମୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ଗତ ୯ତାରିଖରେ ଭଦ୍ରେଶ୍ୱର ଥାନାରେ ବନ୍ତଲା ଅଙ୍ଗନୱାଡି କର୍ମୀ ଅର୍ପିତା ସାମଲ କରିଥିବା ଜଣାପଡିଛି। ଅଭିଯୋଗ ଜଣାପଡିଛି ଯେ ଗୋପାଳପୁର ପଞ୍ଚାୟତ ଅର୍ନ୍ତଗତ ବନ୍ତଲା ଗ୍ରାମର ବନ୍ତଲା ଅଙ୍ଗନୱାଡି କେନ୍ଦ୍ର ପୂର୍ବତନ କର୍ମୀ ବାସନ୍ତୀ ସ୍ୱାଇଁଙ୍କ ଅବସର ପରେ ନୂତନ ଅଙ୍ଗନୱାଡି କର୍ମୀ ନିଯୁକ୍ତି କରାଯାଇଥିଲା।

ଏହି ଘଟଣାକୁ ନେଇ ପୂର୍ବତନ ଅଙ୍ଗନୱାଡି କର୍ମୀ ବାସନ୍ତୀ ସ୍ୱାଇଁ,ସ୍ୱାମୀ ଦେବେନ୍ଦ୍ର ସାମଲ ଓ ତାଙ୍କର ପୁତ୍ର ଅସିତ ସାମଲ ଅସନ୍ତୋଷ ପ୍ରକାଶ କରିଥିଲେ। ଅସିତ ସାମଲଙ୍କ ସ୍ତ୍ରୀ ସୁଭଦ୍ରା ସାମଲ ଜାଲ୍ ସାର୍ଟିଫିକେଟ୍ ମାଧ୍ୟମରେ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ବର୍ତ୍ତମାନର ଅଙ୍ଗନୱାଡି କର୍ମୀ ଅର୍ପିତା ସାମଲ ଜାଲ ସାର୍ଟିଫିକେଟ୍ ସଂପର୍କରେ କଟକ ସଦର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହା ଫଳରେ ଅସିତ ସାମଲଙ୍କ ପତ୍ନୀ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇବାରୁ ବଂଚିତ ହୋଇଥିଲେ। ଗତ ୯ ତାରିଖରେ ବସନ୍ତ ସ୍ୱାଇଁ ଓ ତାଙ୍କର ପୁତ୍ର ଅସିତ ସାମଲ ଅଙ୍ଗନୱାଡି କେନ୍ଦ୍ରରେ ପଶି କର୍ମୀଙ୍କୁ ଗାଳିଗୁଲଜ କରିବା ସହ ଅଙ୍ଗନୱାଡି କର୍ମୀଙ୍କ ପିତାଙ୍କୁ ଜୀବନରୁ ମରିଦେବାକୁ ଧମକ ଦେବା ଘଟଣାକୁ ନେଇ ଭଦ୍ରେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଉଲ୍ଲେଖ ଅଛି ଯେ ଅସିତ କୁମାର ସାମଲ ୭ମାସ ହେବ ହନିଟ୍ରାପ୍ ମାମଲରେ ଜେଲ୍‌ରେ ରହିବା ପରେ ଫେରିଛନ୍ତି। ତାଙ୍କ ନାମରେ୧୪ରୁ ଉର୍ଦ୍ଧ୍ୱ କେସ୍ ରହିଛି। ଭଦ୍ରେଶ୍ୱର ପୋଲିସ କେସ୍ ନଂ୫୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ହେଲେ ପୋଲିସ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗକାରିଣୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଧଳା ଜହର ଜବତ ବେପାରୀ ଅଟକ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ଧଳାଜହର ଜବତ କରିବା ସହ ବେପାରୀକୁ ଅଟକ ରଖି ତଦନ୍ତ ଜାରି ରଖିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମ ଠାରେ ଜଣେ ବେପାରୀ ଧଳା ଜହର ବେପାର କରିବା ବେଳେ ଗ୍ରାମବାସୀମାନେ ତାକୁ ଧରିଥିଲେ । ଗ୍ରାମଂଚଳରେ ଧଳା ଜହର ବେପାରୀ କାୟା ମେଳାଇ ବସିଛନ୍ତି । ଯୁବପିଢୀମାନେ ଏହାର ଶିକାର ହେବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ସୃଷ୍ଟି କରୁଛନ୍ତି । ଖସାଗଡିଆ ଗ୍ରାମର ଗୋପିନାଥ ସେନାପତିଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସେନାପତି ସାଇକେଲ ରିପ୍ୟାରିଂଗ କାମ କରେ । କିନ୍ତୁ କିଛି ଦିନ ହେବ ଧଳା ଜହର ବେପାର କରିବା ସହ ଗ୍ରାମ୍ୟ ଯୁବକଙ୍କୁ ଚଢା ଦରରେ ବିକ୍ରି କରୁଥିବାର ସୂଚନା ରହିଥିଲା । ଶନିବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଧଳାଜହର ବେପାର କରୁଥିବା ବେଳେ ଗ୍ରାମବାସୀ ନାଲିଧଳା ଜରିପୁଡିଆରେ ଥିବା ଧଳା ଜହର ସହ ନଗଦ ୩୭ଶହ ଟଙ୍କା ଧରି ପୁଲିସକୁ ଡାକି ଜିମା ଦେଇଥିଲେ । ପୂର୍ଣ୍ଣକୁ ପୁଲିସ ଅଟକରଖି ଏହାର ଚେର କେଉଁଠୁ କେଉଁଠିକି ଲମ୍ୱିଛି ତାର ସୁରାଗ ଅପେକ୍ଷା ରହିଛି ।

# ବିଦ୍ୟୁତ୍ ଉପଭୋକ୍ତା ପକ୍ଷରୁ ଦାବିପତ୍ର



କୁଆଁପାଳ, (ସବ୍ୟୁ): ଟାଟା ପାୱାର ରାଜତ୍ୱରେ ବିଦ୍ୟୁତ୍ ବିତରଣ ଓ ପରିଚାଳନା ଦାୟିତ୍ୱ ନେବା ପର ଠାରୁ ସାଧାରଣ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାରୁ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଛି । ଟିପିସିଓଡିଏଲର ମାନମାନୀ ବିରୁଦ୍ଧରେ ସାଲେପୁର ଡିଭିଜନ ବିଦ୍ୟୁତ୍ ଉପଭୋକ୍ତା ସଂଘ ଓଇଆରସି ଚେୟାରମ୍ୟାନଙ୍କୁ ଏକ ୮ ଦଫା ଦାବୀ ପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଯାହାକୁ ନେଇ କୋଠପଦା,ଏରକଣା ଏବଂ ମାହାଙ୍ଗା ବିଦ୍ୟୁତ୍ ସେକ୍ସନକୁ ନେଇ ଗଠିତ ମିଳିତ ଉପଭୋକ୍ତା କମିଟି ପକ୍ଷରୁ ଏକ ଦାବୀ ପତ୍ର ସ୍ଥାନୀୟ ଟିପିସିଓଡିଏଲ ଏସଡିଓଙ୍କୁ ପ୍ରଦାନ କରାଯାଇଥିଲା ।

ସାଲେପୁର ବିଦ୍ୟୁତ୍ ଡିଭିଜନ ଉପଭୋକ୍ତା ସଂଘର ସଭାପତି ନନ୍ଦ କିଶୋର ଭୂୟାଁଙ୍କ ନେତୃତ୍ୱରେ ମାହାଙ୍ଗା ଉପଭୋକ୍ତା ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୋଠପଦା ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ଅଖିଳେଶ ମହାନ୍ତି, ମାହାଙ୍ଗା ଉପଭୋକ୍ତା ସଂଘ ସଂପାଦକ ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ ,ବିଜୟ କୁମାର ରାଉତ, ଚୈତନ୍ୟ ଚରଣ ପାଣି, ଯାଦବ ଚନ୍ଦ୍ର ଦାଶ,ପ୍ରାକ୍ତନ ବ୍ଲକ ଉପାଧକ୍ଷ ବିଜୟ ମହାପାତ୍ର, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ସାମଲ, କଂଗ୍ରେସ ନେତା ସରୋଜ କୁମାର ପରିଡା, ପୂର୍ବତନ ସରପଂଚ ରୁଷି କୁମାର ରାଉତ, ପୂର୍ବତନ ସମିତିସଭ୍ର ପ୍ରଶାନ୍ତ କୁମାର କର, କଂଗ୍ରେସ ନେତା ଅଲେଖ ପ୍ରସାଦ ସ୍ୱାଇଁ, ରାମଚନ୍ଦ୍ର ମହାପାତ୍ର, ଅଞ୍ଜନ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ପଣ୍ଡା, ନିରଞ୍ଜନ ଦାଶ, ହେମନ୍ତ ବେହେରା, ପ୍ରଶାନ୍ତ ବରାଳ, ବାଦଲ ନାୟକ, ମଧୁସୂଦନ ମଲ୍ଲିକ, ବାସୁଦେବ ବାରିକ, ବୃନ୍ଦାବନ ବାରିକ, ଅଶୋକ ଦାଶ, ସୁବ୍ରତ ମହାନ୍ତି, ଅକ୍ଷୟ ଗୋଛାୟତ, ଦୀପକ ଶତପଥି ପ୍ରମୁଖଙ୍କ ସମେତ ବହୁ ସମର୍ଥକ ବଣୁଆ ମହାପୁରୁଷ ପୀଠରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ କୁଆଁପାଳ ବିଦ୍ୟୁତ୍ ବିଭାଗର ଏସଡିଓ ଦୀପକ ସାହୁଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଏସଡିଓ ଶ୍ରୀ ସାହୁ ଉପଭୋକ୍ତା ସଂଘର ନେତାମାନଙ୍କ ସହ ସକରାତ୍ମକ ଆଲୋଚନା କରିଥିଲେ । ଆଗାମୀ ଦିନରେ ସ୍ମାର୍ଟ ମିଟର ବସାଇବା ପାଇଁ କୌଣସି ଗ୍ରାହକଙ୍କ ଉପରେ ଚାପ କରାଯିବ ନାହିଁ ବୋଲି ଏସଡିଓ ପ୍ରତିଶ୍ରୁତି ଦେଇଥିଲେ। ୨୦୨୦ ମସିହା ଜୁନ ମାସ ପୂର୍ବରୁ କୌଣସି ପିଛିଲା ବିଲ ଆଦାୟ କରିପାରିବେ ନାହିଁ ବୋଲି ସଂଘ ଦେଇଥିବା ପରାମର୍ଶକୁ ଗ୍ରହଣ କରିଥିଲେ ।

ଏନଫୋଟମେଂଟ ଚଢାଉ ହେଉ କି ବିଲ ପ୍ରଦାନ ବିଳମ୍ୱ ଦର୍ଶାଇ ବିଦ୍ୟୁତ୍ ବିଚ୍ଛିନ୍ନ କରାନଯାଏ ସେଥିପ୍ରତି ଧ୍ୟାନ ଦେବେ। ଯେପରି ବିଦ୍ୟୁତ୍ ଗ୍ରାହକ ମାନେ ଠିକ ସମୟରେ ବିଦ୍ୟୁତ୍ ବିଲ ପୈଠ କରିବେ ଓ ବେଆଇନ ବିଦ୍ୟୁତ୍ ବ୍ୟବହାର କରିବେ ନାହିଁ ଏ ନେଇ ଏସଡିଓ ଶ୍ରୀ ସାହୁ ଉପଭୋକ୍ତା ସଂଘର ନେତା ମାନଙ୍କ ସହିତ ଆଲୋଚନା କରିଥିଲେ। ଉପଭୋକ୍ତାଙ୍କ ଉପରେ ସଂପୃକ୍ତ ବିଭାଗ ପକ୍ଷରୁ କୌଣସି ଜୁଲମ ହେଲେ ଏହାର ଦୃଢ ପ୍ରତିବାଦ ସହ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ଡିଜିଟାଲ ଫସଲ ସର୍ବେକ୍ଷଣ ଓ ଚାଷୀ ପଞ୍ଜିକରଣ ତାଲିମ



କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷକ ପଞ୍ଜିକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲିକଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଥିବା ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖଙ୍କୁ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ତାଲିମ ପ୍ରଦାନ କରିଥିଲେ । ଏଥି ସହିତ ସମୟସୀମା ମଧ୍ୟରେ ଡିଜିଟାଲ ଫସଲ ସର୍ବେକ୍ଷଣ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଆସନ୍ତା ୩୧ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ସର୍ବେକ୍ଷଣ କାର୍ଯ୍ୟକ୍ରମ ସମାପ୍ତ କରିବା ପାଇଁ ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ଆୟାର ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ), ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଦେଶୀ ମଦ ଜବତ ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ସନ୍ଧ୍ୟାକାଳୀନ ପେଟ୍ରୋଲିଂଗ କରୁଥିଲା । ତଣ୍ଡରା, ବରେଇ ଆଦି ସ୍ଥାନ ବୁଲି ଆସିବା ପରେ ବଡବରୁଣାଇପଦା ଗ୍ରାକୁ ଯାଇଥିଲା । ସେଠାରେ ଜଣଙ୍କ ଚାଲିଚଲଣ ସନ୍ଦେହ ହେବାରୁ ତାକୁ ଧରିଥିଲେ । ତା ନିକଟରୁ ୫ଲିଟର ୪ଶହ ମିଲିଗ୍ରାମ ଦେଶୀ ମଦ ମିଳିଥିଲା । ତାକୁ ଥାନାକୁ ଆଣିବା ପରେ ବଡବରୁଣାଇପଦା ଗ୍ରାମର ଯଦୁମଣି ଦାସଙ୍କ ପୁଅ ଜିତୁଆ ଦାସ(୩୮)କୁ ଗିରଫ କରିଥିଲା । ଏନେଇ ଏକ ମାମଲା ୮୦/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ମିଳୁନି ରନ୍ଧନ ଗ୍ୟାସ ଲୋକେ କାଠ ଓ ଇଣ୍ଡକ୍ସନ ମୁହାଁ

ଧର୍ମଶାଳା, (ସବ୍ୟୁ): ଆମେରିକା, ଇସ୍ରାଇଲ ଓ ଇରାନ ମଧ୍ୟରେ ଯୁଦ୍ଧ ଲାଗିରହିଥିବା ବେଳେ ଭାରତ ବର୍ଷରେ ଏହାର ପ୍ରଭାବ ଦେଖାଦେଇଛି । ଏହି ଯୁଦ୍ଧ ଯୋଗୁଁ ବିଶେଷ ଭାବେ ତୈଳ ଓ ଗ୍ୟାସ ଉପରେ ଅଧିକ ପ୍ରଭାବ ପଡିଛି । ଯୁଦ୍ଧ ଲାଗିରହିବା ଫଳରେ ଘରୋଇ ଏଲପିଜି ସିଲିଣ୍ଡର ପିଛା ୬୦ ଟଙ୍କା ଓ ବାଣିଜିଯକ ସିଲିଣ୍ଡର ମୂଲ୍ୟ ୧୫୦ଟଙ୍କା ବୃଦ୍ଧି ପରଠାରୁ ରନ୍ଧନ ଗ୍ୟାସ୍ ଉପଭୋକ୍ତାଙ୍କ ମନରେ ଏବେ ଛନକା ପଡ଼ିଲାଣି। ଏହାଛଡ଼ା ଆବଶ୍ୟକ ପରିମାଣର ମିଳୁନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଯାହାଫଳରେ ଲୋକେ ଏବେ ଗ୍ୟାସ୍ ସିଲିଣ୍ଡର ଉପରୁ ମୋହ ତୁଟାଇ କାଠ ଓ ଇଣ୍ଡକ୍ସନ ଚୁଲି ମୁହାଁ ହେଲେଣି। ଅନ୍ୟପଟେ ଅଧିକ ମୁନାଫା ଆଶାରେ ଏଜେନ୍ସି ଓ ଦୋକାନୀ ମାନେ ଗ୍ୟାସ୍ ମହଜୁଦ ରଖି କଳାବଜାରୀ ଆରମ୍ଭ କରିଦେଇଥିବା ଅଭିଯୋଗ ମଧ୍ୟ ବିଭିନ୍ନ ସ୍ଥାନରୁ ଆସିବାରେ ଲାଗିଛି। ଧର୍ମଶାଳା ବ୍ଲକର ବିଭିନ୍ନ ବଜାରରେ ସବଡିଲରମାନେ ନିଯୁକ୍ତି ପାଇ ଉପଭୋକ୍ତାମାନଙ୍କୁ ଗ୍ୟାସ ଯୋଗାଇ ଆସୁଥିବା ବେଳେ ଏବେ ସେମାନଙ୍କ ନିକଟକୁ ଗ୍ୟାସ ଆସୁ ନାହିଁ ବୋଲି ସିଦ୍ଧାସଳଖ ଉପଭୋକ୍ତାମାନଙ୍କୁ କହିଦେଇ ନିଜର କାମ ସାରିଦେଉଛନ୍ତି । । ଏଥିପ୍ରତି ସରକାର ଓ ପ୍ରଶାସନ ନଜର ଦେବାକୁ ସାଧାରଣରେ ଦାବି ହୋଇଛି ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଯାପିତ



ସାଲେପୁର , (ସବ୍ୟୁ): ସାଲେପୁର ମଧୁସୂଦନ ମଣ୍ଡପ ପରିସରରେ ଚାଲିଥିବା ଦୁଇ ଦିନିଆ ମାଗଣା ସାସ୍ଥ୍ୟ ସେବା ଶିବିର ଉଦଯାପିତ ହୋଇଯାଇଛି । ଇତସା ଫାଉଣ୍ଡେସନ ଓ ଲୋକସେବା ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ ଦୁଇ ଦିନିଆ ନିଃଶୁଳ୍କ ଶିବିରରେ ସାଲେପୁର ଅଞ୍ଚଳର ଶତାଧିକ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇ ପାରିଛନ୍ତି । ଲୋକସେବା ଫୋଣ୍ଡେସନର ଅଧକ୍ଷ ସମାଜସେବୀ ଡ଼ଃ ହିମାଂଶୁ ମହାନ୍ତି, ଇତସା ଫୋଣ୍ଡେସନର ପ୍ରତିଷ୍ଠାତା ଇତିଶ୍ରୀ ମିଶ୍ର, ଅଧକ୍ଷ ସାତ୍ରୀ ବହାଦୁର ପ୍ରଧାନ ଓ ସଦଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ ବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ ଭୁବନେଶ୍ୱରର ହାଇଟେକ ମିଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜଗତପୁର ସ୍ଥିତ ସଦଗୁରୁ ହସ୍ପିଟାଲର କାର୍ଡିଓଲୋଜି, ମେଡ଼ିସିନ, ଚର୍ମ, ଆଖି, ଦନ୍ତ, ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁ ବିଭାଗ ସମେତ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ମାନଙ୍କ ଦାରା ମାଗଣାରେ ପରୀକ୍ଷା ନିରୀକ୍ଷା ସହିତ ଚିକିତ୍ସା କରାଯାଇଥଲା।ଏଥିସହ ମାଗଣାରେ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଇଥିଲା।ଆଗାମୀ ଦିନରେ ସାଲେପୁର–ଟାଙ୍ଗୀ ଅଞ୍ଚଳର ପ୍ରତ୍ୟେକ ପଂଚାୟତରେ ପର୍ଯ୍ୟାୟ କ୍ରମେ ଏହି ଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ କରାଯିବ ବୋଲି ଲୋକସେବା ଫୋଣ୍ଡେସନର ଅଧକ୍ଷ ଡ଼ଃ ହିମାଂଶୁ ମହାନ୍ତି ପ୍ରକାଶ କରିଛନ୍ତି । ସ୍ୱାସ୍ଥ୍ୟ ସେବା ଶିବିର ଉଦଯାପନୀ ଅବସରରେ ଆୟୋଜକ ମାନଙ୍କ ପକ୍ଷରୁ ମଣ୍ଡପ ସମ୍ମୁଖରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଦୁଇଦିନର କାର୍ଯ୍ୟକ୍ରମକୁ ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳ, ସ୍ନେହଲତା ପାଣି,ସନ୍ଧ୍ୟାରାଣୀ ଶତପଥୀ, ନିର୍ମଳା ସିଂ, ରେଣୁବାଳା ରାଉତ, କବିତା ସ୍ୱାଇଁ, ନିର୍ମଳା ବରାଳ, ବନିତା ସ୍ୱାଇଁ, ଜାନକୀ କାଣ୍ଡି, ବନିତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ ୪ ନିର୍ଦ୍ୱନ୍ଦରେ ନିର୍ବାଚିତ

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ । ଏନେଇ ୧୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ନାମାଙ୍କନ ପତ୍ରର ପ୍ରତ୍ୟାହାର ଶେଷ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନାହାନ୍ତି । ୧୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ଜଣ ପ୍ରାର୍ଥୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । । ଏମାନେ ହେଲେ ଅତିରିକ୍ତ ଯୁଗ୍ମ ସଂପାଦିକା (ମହିଳା) ମମତାମୟୀ ସାମଲ, ପରିଚାଳନା ପରିଷଦ ସଭ୍ୟ ପ୍ରାର୍ଥ ପ୍ରତିମା ଚକ୍ରବର୍ତୀ, ପରିଚାଳନା ପରିଷଦ ସଭ୍ୟା ମିନାକ୍ଷୀ ସାମନ୍ତରାୟ, ପରିଚାଳନା ପରିଷଦ ସଭ୍ୟା ସଂଘମିତ୍ରା ମଲିକ ୪ଜଣ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସଭାପତି ଭାବେ ଧିରେନ କୁମାର ସାହୁ, ରବିନାରାୟଣ ମହାନ୍ତି, ଉପ ସଭାପତି ଭାବେ ନୃସିଂହ ଚରଣ ରଉତ, ତମଷା ପାତ୍ର, ସଂପାଦକ ଭବେ ନେହେରୁ କୁମାର ସାହୁ, ନିହାର ରଂଜନ ମହାପାତ୍ର, ଯୁଗ୍ମ ସଂପାଦକ ଭାବେ ମନୋରନ ବେହେରା, ରଞ୍ଜନ କୁମାର ସେଠୀ, ଅତିରିକ୍ତ ଯୁଗ୍ମ ସଂପାଦକ ବିନୋଦ କୁମାର ବେହେରା, ହରି ପ୍ରସାଦ କର, କୋଷାଧକ୍ଷ ଭାବେ ପ୍ରକାଶ କୁମାର ପ୍ରଧାନ, ରାଜୀବ କୁମାର ପାତ୍ର ୧୨ ଜଣ ନିର୍ବାଚନ ମଇଦାନ ରେ ପ୍ରତିଦ୍ୱନ୍ଦିତା କରୁଥିବା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ଦିବ୍ୟାଙ୍ଗଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଞ୍ଚାୟତ ଅର୍ନ୍ତଗତ ଝାଡେଶ୍ୱରପୁର ଗ୍ରାମର ସ୍ୱାର୍ଗତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଝିଅ ସାଗରିକା ମହାନ୍ତି ଯେ କି ୧୦୦ଭାଗ ଦିବ୍ୟାଙ୍ଗ। ହେଲେ ସେ ବର୍ତ୍ତମାନ ସୁଧା ପୂର୍ବଭଳି ୫୦୦ଶହ ଟଙ୍କା ମାସିକ ଦିବ୍ୟାଙ୍ଗ ଭତ୍ତା ପାଉଥିବା ଜଣାପଡିଛି। ଏ ସଂପର୍କରେ ବାରମ୍ୱାର ଭଦ୍ରେଶ୍ୱର ପଞ୍ଚାୟତକୁ ଯାଇ କାଗଜପତ୍ର ଦେଇଥିଲେ ମଧ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି। ମାହାଙ୍ଗା ବ୍ଲକ ପ୍ରଶାସନର ଅବହେଳା ଏବଂ ପଞ୍ଚାୟତସ୍ତରର ଅଧିକାରୀଙ୍କ ଅଣଦେଖା ଯୋଗୁ ବହୁ ଦିବ୍ୟାଙ୍ଗ ଭଦ୍ରେଶ୍ୱର ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି। ଏଣୁ କଟକ ଜିଲ୍ଲାପାଳ ତୁରନ୍ତ ଦିବ୍ୟାଙ୍ଗ ସାଗରିକା ମହାନ୍ତିଙ୍କ ସମସ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ହେଉଛି।

# ଶ୍ୟାମସୁନ୍ଦରପୁର ସୋସାଇଟିରୁ ଉଠିପାରୁନି ଧାନ : ଚାଷୀଙ୍କ ଧାରଣା

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ମଣ୍ଡି ରେ ଧାନ ଉଠାଣରେ ଅବ୍ୟବସ୍ଥା ହେତୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ସେଥି ମଧ୍ୟରୁ ଶ୍ୟାମସୁନ୍ଦର ପୁର ମଣ୍ଡିରେ ଘୋର ଅବ୍ୟବସ୍ଥା ସହିତ ସୋସାଇଟି ସେକ୍ରେଟାରୀ ତପନ ସ୍ୱାଇଁ ଏବଂ ୱାଚ ମ୍ୟାନ ଗଙ୍ଗାଧର ମଳିକଙ୍କ ଅଶାଳୀନ ବ୍ୟବହାର ସୀମା ଟପି ସାରିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଯାହାର ଭିଡିଓ ସାମାଜିକ ଗଣମାଧମରେ ଘୁରି ବୁଲୁଥିବାର ଦେଖିବାକୁ ମିଳୁଛି । ଘଟଣାରୁ ପ୍ରକାଶ ଦୀର୍ଘ ଦିନ ହେଲା ମଣ୍ଡିରେ ଧାନ ରଖି ଚାଷୀ ଜଗି ରହିଥିଲେବି ଧାନ ଉଠାଇବାର କୌଣସି ବ୍ୟବସ୍ଥା ସୋସାଇଟି ସେକ୍ରେଟାରୀ କରି ନାହାନ୍ତି ।

ଆଗକୁ ବର୍ଷା ହେବାର ସମ୍ଭାବନା ଥିବାରୁ ଧାନ ନଷ୍ଟ ହେବା ଭୟରେ ଚାଷୀ ମାନେ ବାଧ୍ୟ ହୋଇ ଗତ କାଲି ଦିନ ୧୦ଟାରୁ ସୋସାଇଟି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ରାତି ହେବାରୁ ସୋସାଇଟି ର ୱାଚ ମ୍ୟାନ ନିଶାଶକ୍ତ ଅବସ୍ଥାରେ ଆସି ଧାରଣାରତ ଚାଷୀଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରି ଗୋଡ଼ ଭାଙ୍ଗି ଦେବାକୁ ଧମକ ଦେବା ସହିତ ନାନାଦି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଚାଷୀଙ୍କ ଧାନ କାଢି ବାହାରକୁ ଫୋପା ଦେବା ପାଇଁ ସେକ୍ରେଟାରୀ ତାଙ୍କୁ କ୍ଷମତା ଦେଇଛନ୍ତି ବୋଲି ଚାଷୀଙ୍କୁ ବାରମ୍ୱାର ଧମକ ଦେଇଥିଲେ ।

କିନ୍ତୁ ଚାଷୀ ମାନେ ଧାରଣାରୁ ସ୍ଥଳରୁ ଉଠି ନଯାଇ ରାତି ସାରା ସୋସାଇଟି ଅଫିସ ଆଗରେ ଶୀତ କାକରରେ ବସି ରହିଥିଲେ । ରବିବାର ଦିନି ଧାରଣା ଦିତୀୟ ଦିନରେ ପହଞ୍ଚି ଥିଲେବି କୌଣସି ସରକାରୀ ଅଧିକାରୀ ଧାରଣା ସ୍ଥଳରେ ଚାଷୀଙ୍କ ସହିତ ଆଲୋଚନା ପାଇଁ ପହଞ୍ଚି ନଥିବା ଚାଷୀମାନେ କହିଛନ୍ତି । ଯେତେଦିନ ପର୍ଯ୍ୟନ୍ତ ମଣ୍ଡିରୁ ଧାନ ନ ଉଠିଛି ଏବଂ ଅଶାଳୀନ ବ୍ୟବହାର କରିଥିବା ସୋସାଇଟି ସେକ୍ରେଟାରୀ ଏବଂ ୱାଚ ମ୍ୟାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇଛି ସେତେଦିନ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଅଜିତ ରାଉତ,ରବୀନ୍ଦ୍ର ଦାସ, କୁଳମଣି ଦାସ, ବାସନ୍ତୀ ରାଉତ, ସୁବାସ ରାଉତ, ଉମେଶ ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସମାବେଶ



ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକର ପୁରାତନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଦ୍ୟାଳୟ ଆରମ୍ଭରୁ ତଥା ୧୯୬୨ ମସିହାରୁ ୨୦୨୬ ପର୍ଯ୍ୟନ୍ତ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଯୋଗଦାନ କରିଥିଲେ।

ସର୍ବ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ବାବା କୃଷ୍ଣଚନ୍ଦ୍ର ଦାସ ଓ ପ୍ରତିଷ୍ଠାତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭଗବାନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବରିଷ୍ଠ ଛାତ୍ର ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶ ସଭାରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଆରମ୍ଭରୁ ଆଜିଯାଏ ସମସ୍ତ ସୁବିଧା ଅସୁବିଧା ବିଷୟରେ ନିଜନିଜର ମତ ପ୍ରକାଶ କରିବା ସହିତ ଆଗକୁ ଏହି ବିଦ୍ୟାଳୟର କିପରି ଉନ୍ନତିକରଣ କରାଯିବ ସେଥିପ୍ରତି ଆଲୋଚନା କରିଥିଲେ। ପରେପରେ ସମସ୍ତ ବ୍ୟାଚର ଛାତ୍ରଛାତ୍ରୀ ମାନେ ନିଜନିଜର ପୁରାତନ ବନ୍ଧୁ ମାନଙ୍କୁ ପାଖରେ ପାଇ ନିଜନିଜ ଭିତରେ ସୁଖଦୁଃଖ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଅଜୟ କୁମାର ଦଳାଇ, ରବୀନ୍ଦ୍ର କୁମାର ସ୍ୱାଇଁ, ଶିଶିର କୁମାର ନାୟକ, ଗିରିଧାରୀ ପୁହାଣ, ଉପେନ୍ଦ୍ରନାଥ ବିଶାଳ, ନିଲୁରାମ ଜେନାଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।

# ଆଗଚକା ଫାଟି ରାସ୍ତା ତଳକୁ ଖସିଲା ଟାଟା ଏସସି

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ମୃତିଆ ରାସ୍ତାରେ ରବିବାରି ମଧ୍ୟାହ୍ନରେ ଏକ ଟାଟା ଏସି ବୈତରଣୀରୋଡ ଯାଉଥିଲା । ରାସ୍ତା ମଝିରେ ହଠାତ ଆଗ ବାମପଟ ଚକା ପାଟିଯିବାରୁ ଭାରସାମ୍ୟ ହରାଇ ଗାଡିଟି ରାସ୍ତା ତଳକୁ ଖସିପଡିଥିଲା । ଗାଡି ଭାଂଗିରୁଜି ଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତି ଯାଇଥିଲା । ସ୍ଥାନୀୟ ଲୋକମାନେ ଗାଡିଟିକୁ ଉଠାଇ ଚାଳକକୁ ଉଦ୍ଧାର କରିଥିଲେ ।

# ଦାଦା ସାହେବ କାଂଶୀରାମଜୀଙ୍କ ଜୟନ୍ତୀ

କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ଅଭିମନ୍ୟୁ ସାମନ୍ତସିଂହାର ଭବନ ପରିସରରେ ରବିବାର ଦିନ ବହୁଜନ ଆନ୍ଦୋଳନର ପ୍ରତିଷ୍ଠାତା ଦାଦା ସାହେବ କାଂଶୀରାମଜୀଙ୍କ ୯୨ ତମ ଜନ୍ମ ଜୟନ୍ତୀ ଉତ୍ସବ ଶଶିକାନ୍ତ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବହୁଜନ ସଂଘଠନ ର ଅକ୍ଷୟ ମଲିକ, ଅଭିରାମ ମଲିକ, ରବି ମଲିକ, ଗୟାଧର ମଲିକ, ନବୀନ ଜେନା, ପାଣ୍ଡ ଚରଣଜେନା, ବୀଣାପାଣି ମଲିକ, ମିନତୀ ମଲିକ, ଜଳଧର ମଲିକ, ଦେବବ୍ରତ ରାଉତ, ଦୁଷ୍ମନ୍ତ କୁମାର ଜେନା, ରସୁଲପୁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମଲିକ, ଦୁର୍ଯ୍ୟୋଧନ ଦଳାଇ, ସୁଲତା ମଲିକ, ବିଭ୍ରାନ୍ତ ବିଶ୍ୱଜିତ, ବ୍ରଜକିଶୋର ମଲିକ, କାର୍ତିକ ମଲିକ, ଗୋବିନ୍ଦ ଶତପଥୀ, ହରି ମଲିକ, କାଳନ୍ଦୀ ମଲିକ, ଗୀତାଞ୍ଜଳି ମହାନ୍ତ, ଆଦି ବହୁ ବକ୍ତା କାଂଶୀରାମଜୀଙ୍କ ଆଦର୍ଶ, ସେବା, ପରୋପକାରୀ ଗୁଣ ସମ୍ପର୍କରେ କହିଥିଲେ। ବହୁଜନ ସଂଘଠନର ଜିଲ୍ଲା ତଥା ଜିଲ୍ଲା ବାହାର ବହୁ କର୍ମକର୍ତା ଉପସ୍ଥିତ ଥିଲେ। । ଉତ୍ସବରେ ନାରାୟଣ ମଲିକ, ଅକ୍ଷୟ ମଲିକ, ଶତ୍ରୁଂଘ ମଲିକ, କେଶବ ମଲ୍ଲିକ ଆଦି ବହୁ କର୍ମକର୍ତା ଅଭିଭାଷଣ ଦେଇଥିଲେ ।

# ପାକଶାଳା ବଗିଚା ପ୍ରଶିକ୍ଷଣ ଶିବିର

ବରୀ, (ସବ୍ୟୁ) : ବରୀ ବ୍ଲକ ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଓଡିଶା ସରକାରଙ୍କ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ପାକଶାଳା ଉଦ୍ୟାନ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ଅଧକ୍ଷ ନିରୋଦ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶ ନାହାକାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଓଷ୍ଟାର ରାଜ୍ୟ ସମ୍ପାଦକ ନିର୍ମଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲା। ବିଭାଗୀୟ ଅଧିକାରି ଭରତଚନ୍ଦ୍ର ଜେନା ପ୍ରତିକୁଳ ପରିସ୍ଥିତିରେ ପାକଶାଳା ବଗିଚାର ଆବଶ୍ୟକତା ଓ ତାହା ଦାରା କିପରି ଆତ୍ମନିଯୁକ୍ତି ଓ ଉନ୍ନତ ସୱାସ୍ଥ୍ୟପ୍ରଦ ପରିବା ଫଳାଇପାରିବା ସେ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଚାଷୀ, ସମାଜସେବୀ, ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ସାର୍ଟିଫିକେଟ ଓ ଚାରା ମଞ୍ଜି ପ୍ରଦାନ କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦଗଧାର ନିର୍ଦ୍ଦେଶକ ଶରତ କୁମାର ଜେନା ଜେନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ମନ୍ଦାକିନୀ ସାମନ୍ତରାୟ, ଶୃତି ପଟ୍ଟନାୟକ, ଅଧ୍ୟାପକ ପ୍ରଦିପ କୁମାର ମୁଦୁଲି, ଅଭିଷେକ ଶତପଥୀ, ରୁନୁଲତା ପ୍ରଧାନ, ସରୋଜ କୁମାର ଜେନା, ଶିକ୍ଷାବିତ କର୍ଣ୍ଣ ଚନ୍ଦ୍ର ଘଡାଇ, ନଟବର ଜେନା କୁଞ୍ଜ ବିହାରି ରାୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର କର୍ମଚାରୀ ପଦ୍ମନ କୁମାର ଜେନା, ସୁକାନ୍ତ ଜେନା, ରମେଶ ଜେନା, ସୁରେଶ ରଥ, ନବିନ ଚନ୍ଦ୍ର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ପୁରସ୍କାର ବିତରଣ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଥିବା ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଦିଆଯିବ ସହ ବିଦ୍ୟାଳୟ ପରିସରରେ ମା ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ସଭାଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ଯୋଗଦେଇ ଶିକ୍ଷା ସହ କ୍ରୀଡା ଛାତ୍ର ଛାତ୍ରୀ ମାନଙ୍କ ଜିବନର ଏକ ଅଙ୍ଗ ବୋଲି କହିବା ସହ ଛାତ୍ର ଛାତ୍ରୀ ମାନେ ଜିବନରେ ଶୃଙ୍ଖଳିତ ହୋଇ ପାରିଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ମତବ୍ୟକ୍ତ କରିଥିଲେ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ସିଆରସିସି ପ୍ରିୟରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ପୂର୍ବତନ ସିଆରସିସି ଖଗେଶ୍ୱର ସାହୁ, ସମାଜସେବୀ ଦେବବ୍ରତ ନାୟକ,ପରିଚାଳନା କମିଟି ସଭ୍ୟ ବିଶ୍ୱଜିତ ଦାସ,ପ୍ରଭାତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।ଶେଷରେ ମୁଖ୍ୟ ଅତିଥି ଓ ଅନ୍ୟ ସମସ୍ତ ଅତିଥି ମାନଙ୍କ ଦ୍ୱାରା କ୍ରୀଡାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ସିଲ ପ୍ରଦାନ କରାଯାଇ ଥିଲା । ସେହିପରି କ୍ରୀଡାରେ ଚମ୍ପିୟାନ ହୋଇଥିବା ଛାତ୍ରଙ୍କୁ ଆମେ ଅଛୁ ଆପଣଙ୍କ ସାଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ନାୟକଙ୍କ ଦ୍ୱାରା ୧ ହଜାରେ ଟଙ୍କାର ନଗଦ ଅର୍ଥ ରାଶି ପ୍ରଦାନ କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥବାବେଳେ ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟତ୍ରୀ ସ୍ନେହାଞ୍ଜଳି ଯେନା, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନେ ସହଯୋଗ କରିଥିଲେ ।

# ମଉଳାଭଣଜା ମହାବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ସେବା ଶିବିର




ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ମଉଳାଭଣଜା ମହାବିଦ୍ୟାଳୟ ପରିସରରେ ଜଗତସିଂହପୁର ଜିଲା ବିକାଶ ପରିଷଦ ଓ ବୈକୁଣ୍ଠ ଉର୍ବଶୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ମାଗଣା ସୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ର ଅଧକ୍ଷ ଡାକ୍ତର ଲକ୍ଷ୍ମୀକାନ୍ତ ନନ୍ଦ ଓ ବିକାଶ ପରିଷଦର ମୁଖ୍ୟ ସଂଯୋଜକ ସୂର୍ଯ୍ୟ ମହାନ୍ତି ଓ ସମ୍ପାଦକ ସୁଜିତ କୁମାର ପୁହାଣ ଙ୍କପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମେଡିସିନ ବିଭାଗର ଡାକ୍ତର ସୁକ୍ରି କୁମାର, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଜିତେନ୍ଦ୍ର ଷଡ଼ଙ୍ଗୀ, ସର୍ଜରୀ ବିଭାଗର ଡାକ୍ତର ଜଗତମୋହନ ରଥ, ଦନ୍ତରୋଗ ବିଭାଗର ଡାକ୍ତର ସୁରଭି ଦେବତା, ଚକ୍ଷୁ ବିଭାଗର ଡାକ୍ତର ପୂଜା ଦାସ, ସ୍ତ୍ରୀ ରୋଗ ବିଭାଗର ଡାକ୍ତର ସୋନି ନନ୍ଦ, ଚର୍ମରୋଗ ବିଭାଗର ଡାକ୍ତର ସବ୍ୟସାଚୀ ଦେବତା, ଶିଶୁରୋଗ ବିଭାଗର ଡାକ୍ତର ଗଙ୍ଗାଧର ବେହେରା, ହୋମିଓପାଥିକ ପ୍ରଫେସର ଲକ୍ଷ୍ମୀକାନ୍ତ ନନ୍ଦ, ଡାକ୍ତର ଘନଶ୍ୟାମ ମୁଦୁଲି, ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରକୁ ଆସିଥିବା ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ଏଥିସହିତ ଅନୁଷ୍ଠାନ ପକ୍ଷରୁ ଏଠାରେ ରୋଗୀ ମାନଙ୍କ ପାଇଁ ମାଗଣା ଇସିଜି, ରକ୍ତଚାପ, ମଧୁମେହ ଏବଂ କ୍ୟାଲସିୟମ ଆଦିର ପରୀକ୍ଷା ବ୍ୟବସ୍ଥା ହୋଇଥିବା ବେଳେ ସେମାନଙ୍କୁ ମାଗଣା ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା। ଏହି ଶିବିରର ସମସ୍ତ ବିଭାଗ ଗୁଡିକରେ ସ୍ଥାନୀୟ ଅଞ୍ଚଳ ଗୁଡ଼ିକରୁ ପ୍ରାୟତ ତିନିଶହରୁ ଉର୍ଦ୍ଧ୍ୱ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ଦେଖିବାକୁ ମିଳିଥିଲା।

# ସ୍ୱାଧୀନଙ୍କ ଚିକିତ୍ସାରେ ଅର୍ଥ ବାଧକ: ଶ୍ରୀ ସତ୍ୟନାରାୟଣ ସେବା ଟ୍ରଷ୍ଟର ସହାୟତା

ଆଳି, (ସବ୍ୟୁ): ଆଳି ବ୍ଲକ ଅନ୍ତର୍ଗତ ବଡାମ୍ୱିଳା ଗ୍ରାମପଞ୍ଚାୟତ ଅଧିନସ୍ଥ ଗମ୍ଭରିଆ ଗ୍ରାମର ଅଜଣା ରୋଗରେ ଆକ୍ରାନ୍ତ ୬ ବର୍ଷୀୟ ବାଳକ ସ୍ୱାଧୀନଙ୍କୁ ରବିବାରଦିନ ଆଳି ବ୍ଲକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତ୍ରପୁରସ୍ଥିତ ଶ୍ରୀ ସତ୍ୟନାରାୟଣ ସେବା ଟ୍ରଷ୍ଟ ସହାୟତା ର ହାତ ବାଢିଛି ।ଟ୍ରଷ୍ଟ ସଭାପତି ଚନ୍ଦନ କୁମାର ମହାରଣାଙ୍କ ସଭାପତିତ୍ୱରେ ସଦସ୍ୟମାନେ ନାରାୟଣଙ୍କ ଗମ୍ଭରିଆସ୍ଥିତ ବାସଭବନ ଠାରେ ପହଞ୍ଚି ଅଜୟଙ୍କୁ କିଛି ଆର୍ଥିକ ରାଶି ପ୍ରଦାନ କରିଥିଲେ ।ଉଲ୍ଲେଖଯୋଗ୍ୟ ଯେ ଆଳି ବ୍ଲକ ବଡାମ୍ୱିଳା ପଞ୍ଚାୟତ ଗମ୍ଭରିଆ ଗ୍ରାମର ସୁରେଶ ପାଇଟାଳଙ୍କ ଏକ ମାତ୍ର ପୁଅ ସ୍ୱାଧୀନ ଜନ୍ମ ହେବାର ଏକ ବର୍ଷ ପରଠାରୁ ଚାଲି ପାରୁନାହିଁ ।ଦୁଇ ଗୋଡ଼ ରେ ଅକ୍ଷମତା ଥିବା ବେଳେ ଡାହାଣ ଗୋଡ ଟି ସମ୍ପୂର୍ଣ୍ଣ ଅଚଳ । ଯାହାକୁ ନେଇ ଦୀର୍ଘ ଦିନ ଚିନ୍ତାରେ ସମୟ କାଟୁଛନ୍ତି ସୁରେଶ ଓ ତାଙ୍କ ପତ୍ନୀ ସଂଯୁକ୍ତା ।ଏ ନେଇ ଗଣମାଧମ ରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ରବିବାରଦିନି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତ୍ରପୁରସ୍ଥିତ ଶ୍ରୀ ସତ୍ୟନାରାୟଣ ସେବା ଟ୍ରଷ୍ଟର ସଦସ୍ୟ ମାନେ ସ୍ୱାଧୀନ ଙ୍କ ଘରେ ପହଞ୍ଚି ତାଙ୍କ ଚିକିତ୍ସା ପାଇଁ ଅର୍ଥ ରାଶି ଯୋଗାଇ ଦେଇଛନ୍ତି ସୁରେଶ ବୃତ୍ତି ରେ ଜଣେ ଚାଷୀ ତଥା ଦିନମଜୁରିଆ ହୋଇଥିବା ବେଳେ ଗୋଟେ ପୁଅ ଓ ଗୋଟେ ଝିଅ ସହ ପତ୍ନୀ ଙ୍କୁ ନେଇ ୪ ପ୍ରାଣୀ କୁଟୁମ୍ବ ।ଝ ସେଥିରୁ ଯାହା ମିଳେ ଭଲମନ୍ଦ ରେ ଗୁଜୁରାଣ ମେଣ୍ଟାନ୍ତି। ହେଲେ ଏକ ମାତ୍ର ପୁଅ ର ଏଭଳି ସଂକଟପର୍ଣ୍ଣ ସ୍ଥିତି ରେ ସମ୍ପୂର୍ଣ ପରିବାର ଭାଙ୍ଗି ପଡିଛନ୍ତି । ପୂର୍ବରୁ ନିଜ ସ୍ୱାସ୍ଥ୍ୟ କାର୍ଡ ରେ ଘରୋଇ ମେଡିକାଲ ଯାଇ ପୁଅ ର ଗୋଡ଼ ଅସ୍ତ୍ରୋପଚାର କରିଥିବା ବେଳେ ପୁଅର ନାମ ରାସନ କାର୍ଡ ରେ ନାମ ନ ଥିବାରୁ ସ୍ୱାଧୀନ ର ନୂତନ ସ୍ୱାସ୍ଥ୍ୟ କାର୍ଡ ହୋଇପାରୁନାହିଁ । ବିଶେଷଜ୍ଞ ଙ୍କ ମତାମତ ଅନୁଯାୟୀ ଖୁବ ଶୀଘ୍ର ପୁଅ ର ଆଉ ଥରେ ଅସ୍ତ୍ରୋପଚାର କରା ନ ଗଲେ ତାର ଗୋଡ଼ ଅକାମି ହୋଇଯିବ। ଅନ୍ୟପକ୍ଷେ ସ୍ୱାଧୀନ ପ୍ରଥମ ଶ୍ରେଣୀ ରେ ନାମ ଲେଖାଇ ପଢୁଥିବା ବେଳେ ପାଠ ପା ରେ ବହୁ ଆଗ୍ରହ । ହେଲେ ଅର୍ଥ ଅଭାବରୁ ସ୍ୱାଧୀନଙ୍କ ଚିକିତ୍ସା ରେ ଅର୍ଥ ବାଧକ ସାଜିଥିବା ବେଳେ ତାଙ୍କ ପାଠ ପଢିବା ସ୍ୱପ୍ନ ମଧ୍ୟ ମଉଳି ଯାଇଛି । । ସେହିପରି ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ତଥା ବରିଷ୍ଠ ସମାଜସେବୀ ଚକ୍ରଧର ଦାଶ ପର୍ଯ୍ୟାୟ କ୍ରମେ ୧୦ ହଜାର ଟଙ୍କା ଅର୍ଥରାଶି ସହଯୋଗ କରିଛନ୍ତି । ।ତତସହିତ ସ୍ୱାଧୀନ ଙ୍କ ଚିକିତ୍ସା ପାଇଁ ପାଇଁ ସରକାର, ପ୍ରଶାସନ ଓ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ସହଯୋଗ ର ହାତ ବଢାଇବା ପାଇଁ ନିବେଦନ କରିଥିଲେ ।

## ଅନିଶ୍ଚିତତାରେ ବନମାଳିପୁର ଜଳ ଅମଳ ପ୍ରକଳ୍ପ

ଭାପୁର , (ସବ୍ୟୁ): ଗ୍ରୀଷ୍ମ ପ୍ରବାହ ଅବକାଶରେ ଭାପୁର ଅଞ୍ଚଳବାସୀ ପାନୀୟ ଜଳ ପାଇଁ କଷ୍ଟ ଭୋଗିବା ଆରମ୍ଭ କଲେଣି କିନ୍ତୁ,ରାଜ୍ୟ ସରକାର ଙ୍କ ବସୁଧା ଯୋଜନାରେ ପ୍ରତ୍ୟକଙ୍କ ଘରକୁ ୨୪ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ଅବଧି ପରେ ଅବଧି ଘୁଞ୍ଚିଘୁଞ୍ଚି ୭ ବର୍ଷ ଗତ ହେଲାଣି କିନ୍ତୁ ଜନସାଧାରଣ ପାଣି ଟୋପେ ପାଇବାର ନାହିଁ ।ଉଲ୍ଲେଖଯୋଗ୍ୟ, ବିଜେଡି ସରକାର ସମୟରେ ୨୦୧୯ ମସିହାରେ ଫତେଗଡ଼ ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ପୁରାତନ ହେଲିପ୍ୟାଡ଼ ପଡିଆରେ ନୟାଗଡ଼ ଜିଲ୍ଲାର ବୃହତ ମେଗା ଜଳ ଅମଳ ପ୍ରକଳ୍ପ ୬୦୩.୪୪ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ବସୁଧା ଯୋଜନାରେ ନିର୍ମାଣାଧୀନ ଏହି ପ୍ରକଳ୍ପ ଭାପୁର ବ୍ଲକ ସମେତ ନୟାଗଡ଼, ଖଣ୍ଡପଡା, ନୂଆଗାଁ ବ୍ଲକରୁ ୭୯ ପଂଚାୟତର ୪୯୮ଗୋଟି ଗ୍ରାମବାସୀ ପାନୀୟ ଜଳ ପାଇପାରିବେ ବୋଲି ସ୍ଥିରୀକୃତ ହୋଇଥିଲା । ସେଥିପାଇଁ ଭାପୁର ବ୍ଲକର ସମସ୍ତ ହିତାଧିକାର ଙ୍କ ଦୁଆର ମୁହଁରେ ଦୁଇ ବର୍ଷ ହେଲା ପାଇପ ଷ୍ଟାଣ୍ଡ ନିର୍ମାଣ ହୋଇଥିବାବେଳେ ଏହା ଧୀରେଧୀରେ ଭାଙ୍ଗିରୁଜି ଗଲାଣି ପଛେ କିନ୍ତୁ ପାଣି ବୁନ୍ଦେ ପାଇଲେ ନାହିଁ ।ଏହି ମେଗା ପ୍ରକଳ୍ପ ୨୦୨୧ ମସିହା ଡିସେମ୍ବର ମାସ ୫ ତାରିଖରେ ସମାପ୍ତ ହେବ ବୋଲି ଲକ୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ଇତି ମଧ୍ୟରେ ଦୁଇଟି ଅବଧି ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ।ବିଶେଷକରି,ବିଦ୍ୟୁତ ସମସ୍ୟା ଏବଂ ପୋତା ଯାଇଥିବା ପାଇପରୁ ପାଣି ଠିକ ରୂପେ ନ ଆସିବା ଯୋଗୁଁ ମହାନଦୀରୁ ପାଣି ଉଠେଇବା ସମସ୍ୟା ଉପୁଜିଛି କିନ୍ତୁ,ଚଳିତ ବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଶୁଣା ଯାଉଛି ।

## ଉପର ମଣିନାଗ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ରଣପୁର, (ସବ୍ୟୁ): : ନୟାଗଡ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ରଣପୁର ମଣିନାଗ ପାହାଡ଼ ଶିଖରରେ ଅବସ୍ଥିତ ମା' ଉପର ମଣିନାଗ ପୀଠରେ ଏକବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଥିବା ଏହି



ମହାଯଜ୍ଞ ରବିବାର ପବିତ୍ର ମୀନ ସଂକ୍ରାନ୍ତି ଅବସରରେ ପୂର୍ଣ୍ଣାହୁତି ସହ ଶେଷ ପାଇଛି ।ଏହି ଚାରିଦିନିଆ ଧାର୍ମିକ ଆୟୋଜନରେ ପ୍ରତିଦିନ ସୂର୍ଯ୍ୟ ପୂଜା, ପୀଠ ପୂଜା, ଉପଚାର ପୂଜା ଓ ମହାଶକ୍ତି ପୂଜା ସହ ବିଭିନ୍ନ ବେଦୀୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ଯଜ୍ଞ ବେଦୀରେ ବେଦମନ୍ତ୍ର ଧ୍ୱନି ଓ ଧୂପ ଧୂନାର ସୁଗନ୍ଧରେ ପରିବେଶ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି ହୋଇଥିଲା ।ଉପର ମଣିନାଗ ଯଜ୍ଞ କମିଟି, ମଣିନାଗ ସେନା ଓ ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପାଦିତ ହୋଇଥିଲା । ଯଜ୍ଞ ଅବସରରେ ନୟାଗଡ ସହ ଦୂରଦୂରାନ୍ତରୁ ଭକ୍ତ, ଭକ୍ତା, ପରିବ୍ରାଜକ ଓ ମାନସିକଧାରୀମାନେ ଯୋଗଦେଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ ।

## ଓଡିଆ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତ

# ଧାରଣା ସହ ବିକ୍ଷୋଭ, କୁଳପତିଙ୍କୁ ହଟାଇବାକୁ ଦାବି

ସାକ୍ଷୀଗୋପାଳ , (ସବ୍ୟୁ): ଓଡିଆ ଭାଷା ସାହିତ୍ୟ ଉତ୍ତୋରୋତ୍ତର ଗବେଷଣା ଓ ଅଭିବୃଦ୍ଧି ନିମନ୍ତେ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନବିଦ୍ୟାଳୟରେ ଖୋଲାଯାଇଥିବା ଓଡିଆ ବିଶ୍ୱବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ଘେରରେ ରହିଛି । ଶିକ୍ଷାଦାନ ଠାରୁ ଆରମ୍ଭ କରି, ଛାତ୍ରାବାସ, ପାଠାଗାର, ପ୍ରଶାସନିକ ପରିଚାଳନା ସହିତ କୁଳପତିଙ୍କ ଓଡିଆ ଅସ୍ମିତା ବିରୋଧି ଅଭିଭାଷଣ କୁ ନେଇ ଛାତ୍ର ଅଶାନ୍ତି ଦେଖାଯାଇଛି । ଫଳ ସରୂପ ଆଜି ଶନିବାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉଲ୍ଲେଖଯୋଗ୍ୟ , ୨୦୨୩ ମସିହାରେଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯାଇଥିବା ବେଳେ ନୂତନ ସୌଧ ୨୦୨୪ ମସିହାରେ ଲୋକାର୍ପିତ ହୋଇଥିଲା । ଛାତ୍ରୀ ନିବାସରେ ପାନୀୟଜଳ ଓ ଅନ୍ୟାନ୍ୟ ଅସୁବିଧା ରହିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ସେହିପରି ଆବଶ୍ୟକତା ଠାରୁ ବହୁତ



କମ ସଂଖ୍ୟକ ଅଧ୍ୟାପକ ରହିଥିବାରୁ ପାଠପଢା ବାଧାପ୍ରାପ୍ତ ହୋଉଛି ଏବଂ ପାଠାଗାର ଖୋଲାଯାଉନି । ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ଓଡିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ ସମାରୋହରେ କୁଳପତିଙ୍କ ଓଡିଆ ଅସ୍ମିତା ବିରୋଧି ଅଭିଭାଷଣ କୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । କୁଳପତି ଙ୍କ ଅଭିଭାଷଣ ଆଧାରରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବର ' ସଂସ୍କୃତ ଓଡିଆ ଭାଷାର ଜନନୀ' ପ୍ରସଙ୍ଗ କୁନେଇ ସେମାନେ ଦୃଢ଼ ନିନ୍ଦା କରିଥିଲେ । ଏଭଳି ମନ୍ତବ୍ୟ ପାଇଁ ସେମାନେ କୁଳପତି ଙ୍କୁ ଦାୟୀ କରିବା ସହ ଓଡିଆ ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ରହିଥିବା ସଂସ୍କୃତ ପ୍ରଧାପକ ଙ୍କ ବଦଳରେ ଓଡ଼ିଆ ପ୍ରଧାପକଙ୍କ ନିଯୁକ୍ତି ସହିତ ଏଭଳି ଓଡିଆ ଭାଷା ବିରୋଧି ମନ୍ତବ୍ୟ ପାଇଁ କୁଳପତି କ୍ଷମା ମାଗିବାକୁ ହାତରେ ପ୍ଲାକାର୍ଡ ଧରି ଦାବି କରିଥିଲେ । ପରେପରେ ବିଶ୍ୱବିଦ୍ୟାଳୟ ଛାତ୍ରମଙ୍ଗଳ ଅଧିକାରୀ ସଙ୍ଗୀତା ଜେନା ଆନ୍ଦୋଳନ ଚଳାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ବୁଝାସୁଝା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏନେଇ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଙ୍କୁ ଯୋଗାଯୋଗ କରା ଯାଇଥିଲା । ସେ କହିଲେ, ଛାତ୍ରାବାସରେ ପାନୀୟ ଜଳ ସମସ୍ୟା ଦୁର କରାଯାଇଛି । ଅନ୍ୟ ସମସ୍ୟା ଗୁଡିକୁ ଖୁବ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ମାତ୍ର ଓଡିଆ ଭାଷା ନେଇ ସେ ଯେଉଁ ଅଭିଭାଷଣ ଦେଇଥିଲେ ସେ ଠିକ କହିଛନ୍ତି । ସେ ଅନେକ ଗବେଷଣାକୁ ଭିତିକରି ସେ ଏହା କହିଥିଲେ ବୋଲି ସୂଚନା ପ୍ରଦାନ କରିଥିଲେ ।

## ବିବାଦୀୟ ବିଡିଓଙ୍କୁ ଫେରାଇ ନେଲେ ପଞ୍ଚାୟତିରାଜ ବିଭାଗ

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ରେ କାର୍ଯ୍ୟରତ ବିଡିଓ ବିବାଦରେ ଛନ୍ଦି ହୋଇ ପଡିଥିବା ବେଳେ ତାଙ୍କ ସ୍ଥାନରେ ଢେଙ୍କାନାଳ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଜିଲ୍ଲାପାଳ ଅଗ୍ନିଜା ଶିବଦତ୍ତଙ୍କୁ ବାଙ୍କୀ ବ୍ଲକ ର ବିଡିଓ ଭାବେ ନିଯୁକ୍ତି ମିଳିଛି । ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ନମ୍ବର ୮୦୩୩/ ୧୩.୦୩.୨୦୨୬ ରେ ବାଙ୍କୀ ବ୍ଲକ ବିଡିଓ ସଂଗ୍ରାମ କେଶରୀ ଭଳଙ୍କ ସ୍ଥାନରେ ନୂତନ ବିଡିଓଙ୍କୁ ନିଯୁକ୍ତି ମିଳିଛି । ସୂଚନା ଅନୁସାରେ ବଦଳି ହୋଇଥିବା ବିଡିଓ ଶ୍ରୀ ଭଳ ନିଜ ବ୍ୟକ୍ତିଗତ କାର ରେ ତେଲ ପକାଇ ବ୍ଲକ ର ପୁରୁଣା ଅଚଳ ଜିପ ରେ ପକାଯାଉ ଥିବାର ଦର୍ଶାଇ ନିକଟସ୍ଥ ପେଟ୍ରୋଲ ପମ୍ପ ରୁ ପ୍ରାୟ ୪ ଶହ ୭୧ ଲିଟର ତେଲ ର ବିଲ କରାଇବା ସହିତ ବ୍ଲକ ରେ କାର୍ଯ୍ୟରତ ସରକାରୀ ଡ୍ରାଇଭର ଙ୍କୁ ବିଡିଓ ନିଜ ବ୍ୟକ୍ତିଗତ କାର ରେ ନିୟୋଜିତ କରୁ ଥିବାର ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପ ଲତା ସାମନ୍ତ କଟକ ଜିଲ୍ଲାପାଳ, ଓଡିଶାର ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥି ସହିତ ବିଡିଓ ବ୍ଲକ ମୁଖ୍ୟ ଦପ୍ତର ରେ ନିୟମିତ ଭାବେ ରହୁ ନ ଥିବାର ଅଭିଯୋଗ ହୋଇ ଥିଲା । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତ ବାରିଶି ସାଜି ବ୍ଲକ କାର୍ଯ୍ୟାଳୟ କୁ ଅଭିଯୋଗ କରିବାକୁ ଆସୁଥିବା ଲୋକ ଙ୍କୁ ଥାନାର ଧମକ ଚମକ ଦେଉ ଥିଲେ । ପଞ୍ଚାୟତ ସମିତି ର ନିର୍ବାଚିତ ପ୍ରତିନିଧି ମାନ ଙ୍କୁ ଦୁର୍ବ୍ୟବହାର କରୁଥିବାର ଅଭିଯୋଗ ହୋଇଥିଲା ।ଅଭିଯୋଗ କୁ ଆଧାର କରି କଟକ ଜିଲ୍ଲାପାଳ ଙ୍କ ତଦନ୍ତ ରିପୋର୍ଟ ଆଧାର ରେ ବିଡିଓ ଙ୍କ ର ବଦଳି ହୋଇ ଥିବାର ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପ ଲତା ସାମନ୍ତ ସୂଚନା ଦେଇଛନ୍ତି । ନୂତନ ଭାବେ ନିଯୁକ୍ତି ପାଇଥିବା ବିଡିଓ ଅଗ୍ନିଜା ଶିବା ଦତ୍ତା ସୋମବାର ଦିନ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ ରେ ଯୋଗ ଦେବେ ବୋଲି ସୂଚନା ମିଳିଛି ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ସାନପୁଟ ପଞ୍ଚାୟତ ଛୋଟିଯୋଡ଼ି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସସ୍ମିତା ପଟ୍ଟନାୟକ ଓ ବରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷକ ଶ୍ୟାମ ସୁନ୍ଦର ଜେନାଙ୍କୁ ଗ୍ରାମବାସୀ, ଅଭିଭାବକ , ବିଦ୍ୟାଳୟ କମିଟି ଓ କ୍ଲଷ୍ଟର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷୟତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କୁ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା,ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ,ଗୋବର୍ଦ୍ଧନ ବେହେରା,ପ୍ରଫୁଲ୍ଲ କୁମାର ବେହେରା,ମନ୍ଦାରବସ୍ଥ ସାଧନକେନ୍ଦ୍ର ସଂଯୋଜିକା ମମତା ସାହୁ ,ଜିତେନ୍ଦ୍ର କୁମାର ପ୍ରଧାନ,ରଶ୍ମି ରଞ୍ଜନ ବେହେରା , ବିଜୟ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦମ୍ପତ୍ତିଙ୍କୁ ଆକ୍ରମଣ

ବଳଙ୍ଗା ,(ସବ୍ୟୁ):ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବାଲିଆ ଗ୍ରାମରେ ଜୈନକ ଦମ୍ପତିଙ୍କୁ ଆକ୍ରମଣ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ବାଲିଆ ଗ୍ରାମର ଜଟାଧାରୀ ବାରିକଙ୍କ ପତ୍ନି ଝୁନା ବାରିକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଉମାକାନ୍ତ ବାରିକ, ଚନ୍ଦନ ବାରିକ, ଦେବରାଜ ବାରିକ, ପ୍ରମୋଦ ବାରିକ ପ୍ରମୁଖ ଝୁନାଙ୍କ ସ୍ୱାମୀ ଜଟାଧାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ପ୍ରବଳ ମାଡ ମାରିଥିଲେ । ପାଟି ଶୁଣି ଝୁନା ସ୍ୱାମୀଙ୍କୁ ଉଦ୍ଧାର କରିବା ସମୟରେ ଆସାମୀ ମାନେ ତାଙ୍କ ପିନ୍ଧା ଲୁଗାକୁ ଚିରି ଅସଦାଚରଣ କରି ମାଡ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଖଳିସାହିରେ ଜମୁଛି ଦଶଦୋଳ ଯାତ୍ରା

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡିଆ ଉତ୍ସବ ମୁଖର ହୋଇ ଉଠିଛି । ରଙ୍ଗ ବେରଙ୍ଗର ଆଲୋକମାଳାରେ ଯାତ୍ରା ପଡିଆ ଝଲସି ଉଠିଛି ।ଶୁକ୍ରବାର ବିଳମ୍ବିତ ରାତିରେ ବିଗ୍ରହମାନଙ୍କ ମେଳଣ ପର୍ବରେ ଆଖପାଖ ଅଞ୍ଚଳରୁ ହଜାରହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା ।ବିଗ୍ରହମାନେ ଦୋଳ ବିମାନ ଯୋଗେ ମନ୍ଦିରରୁ ବାହାରି ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଦଶଦୋଳ ଯାତ୍ରା ପଡିଆରେ ପହଞ୍ଚିଥିଲେ ।ପାରମ୍ପରିକ ପ୍ରଥାନୁଯାୟୀ ଖଳିସାହି ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକେ=ଶର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ପ୍ରଥମେ ବିମାନ ଯୋଗେ ପାଟ ପଟୁଆରରେ



ଦଶଦୋଳ ଯାତ୍ରା ପଡିଆକୁ ବିଜେ କରାଯାଇଥିଲା । ପରେ ନିମନ୍ତ୍ରଣକ୍ରମେ ଅନ୍ୟ ବିଗ୍ରହମାନେ ୨୧ ଗୋଟି ବିମାନ ଯୋଗେ ଯାତ୍ରା ପଡିଆରେ ପହଞ୍ଚି ଥିଲେ । ଏ ଅବସରରେ ବାଜା,ବାଣ ସାଙ୍ଗକୁ ହରିବୋଲ ,ହୁଳହୁଳି ଧ୍ୱନି ଯୋଗୁଁ ଖଳିସାହି ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ବିଗ୍ରହମାନେ ଦଶଦୋଳ ଯାତ୍ରା ପଡିଆସ୍ଥିତ ଆସ୍ଥାନରେ ଶନିବାର ପୂଜା ପାଉଥିବା ବେଳେ ବିଗ୍ରହମାନଙ୍କ ନିକଟରେ ଭୋଗ ଲାଗି ନିମନ୍ତେ ଦିନ ତମାମ ଭକ୍ତଙ୍କ ଭିଡ ଲାଗି ରହିଥିଲା ।ଦଶଦୋଳ ଯାତ୍ରାକୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଗତ ୫ ବର୍ଷ ଧରି ଖଳିସାହି ଗ୍ରାମବାସୀଙ୍କ ପ୍ରଚେଷ୍ଟାକ୍ରମେ ଦଶଦୋଳ ମହୋତ୍ସବ ଆୟୋଜିତ ହୋଇ ଆସୁଛି ।ଗଡଜାତ ଖଣ୍ଡପଡ଼ା ଓ ଖଳିସାହି ଅଂଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାର ମହତ ଲକ୍ଷ୍ୟ ନେଇ ଆୟୋଜିତ ଦଶଦୋଳ ମହୋତ୍ସବର ପ୍ରଥମ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆକର୍ଷଣୀୟ ହୋଇ ପାରିଥିଲା ।

## ରକ୍ତମୁଖା ହନୁର ଆତଙ୍କ: ଆଉ ଜଣେ ମହିଳା ଗୁରୁତର

ନିରାକାରପୁର, (ସବ୍ୟୁ): : ବିଭାଗୀୟ ଖାମଖିଆଲ ମନୋଭାବ ଓ ପ୍ରଶାସନିକ ଶିଥିଳତା ଯୋଗୁଁ ଆଜି ନିରାକାରପୁର ଅଞ୍ଚଳରେ ନିର୍ଦ୍ଦିଷ୍ଟ ରକ୍ତମୁଖା ମାଙ୍କଡ଼ର ନରସଂହାର ସଦୃଶ୍ୟ ଆତଙ୍କ ଦେଖିବାକୁ ମିଳିଛି । ଗୋଟିଏ ପଟେ ସାଧାରଣ ଲୋକଙ୍କ ଜୀବନ ବିପନ୍ନ, ଅନ୍ୟପଟେ ବନ ବିଭାଗର ଚୁପ ରହିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି କରିଛି ।ଆଜି ଦିନ ୧୨ ଟା ବେଳେ ଏକ ଅଭାବନୀୟ ଘଟଣା ଘଟିଛି । ନିରାକାରପୁର ଲକ୍ଷ୍ମୀ ବଜାର ପ୍ରମୋଦ କୁମାର ଦାସଙ୍କ ପତ୍ନୀ ଚନ୍ଦ୍ରକାନ୍ତି ଦାସ (୪୨) ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଏକ ହିଂସ୍ର ମାଙ୍କଡ଼ ବାଘ ଭଳି ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା । ଆକ୍ରମଣ ଏତେ ବର୍ବର ଥିଲା ଯେ, ମାଙ୍କଡ଼ଟି ତାଙ୍କ ଡାହାଣ ହାତରୁ ମାଂସ ତାଡ଼ି ନେଇ ପଳାଇଥିଲା । ପ୍ରବଳ ରକ୍ତସ୍ରାବ ଯୋଗୁଁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଖୋର୍ଦ୍ଧା ମୁଖ୍ୟ



ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତର କରାଯାଇଥିଲା ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ଏହି ମାଙ୍କଡ଼ ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କଲାଣି ।ବନ ବିଭାଗକୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ସେମାନେ ମାଙ୍କଡ଼ଟିକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।ମାଙ୍କଡ଼ ଆତଙ୍କ ଯୋଗୁଁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ବଜାର, ଘାଟ ସବୁଠି ଏବେ ମାଙ୍କଡ଼କୁ ନେଇ କୋକୁଆ ଭୟ । ବନ ବିଭାଗର ଏହି ଚରମ ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି ।ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ । ରକ୍ତମୁଖା ମାଙ୍କଡ଼କୁ ଟ୍ରାଙ୍କୁଲାଇଜ କରି ଧରାଯାଉ ଏବଂ ଆହତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି ।

## ମିଶନ ବାତ୍ସଲ୍ୟ ଯୋଜନା ଓ ଶିଶୁ ସୁରକ୍ଷା ସଚେତନତା

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ନୂଆଗାଁ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ଶାଖା ପୁରୀ, ମହିଳା ଓ ଶିଶୁ ସୁରକ୍ଷା ବିକାଶ ବିଭାଗ ଓଡ଼ିଶା ଓ ସଖୀ ଓ୍ୱାନ ଷ୍ଟପ ସେଣ୍ଟର ପୁରୀ ପକ୍ଷରୁ ମିଶନ ବାତ୍ସଲ୍ୟ ଯୋଯନା ଅନ୍ତର୍ଗତ ଶିଶୁ ସୁରକ୍ଷା ସଚେତନତା ଓ ମହିଳା ସହାୟତା କାର୍ଯ୍ୟକ୍ରମ କଣାସ ଶିଶୁ ବିକାଶ ଅଧିକାରଣୀ ସ୍ମୀତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗଡିଶାଗୋଦା ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପୁରୀ ସଖୀ ସେଣ୍ଟର ପ୍ରଶାସନିକ ଅଧିକରଣୀ ବିଜୟ ଲକ୍ଷ୍ମୀ ବଡ଼ଜେନା , ସମ୍ମାନୀତ ଅତିଥି ଭାବେ ଶିଶୁ ସହାୟତା ଜିଲ୍ଲା କୋଡିନେଟର କୃଷ୍ଣ ଚନ୍ଦ୍ର ମିଶ୍ର, ଜିଲ୍ଲା ସାମାଜିକ ମଙ୍ଗଳୟୁନିଟ କୋଡିନେଟର ବିଜୟ କୁମାର ପରିଡ଼ା,ଗଡିଶାଗୋଦା ଗ୍ରାମ ପଞ୍ଚାୟତ ସରପଞ୍ଚ ମଧୁସୂଦନ ଜେନା, ନୁଆ ଗାଁ ପ୍ରକ । କଣାସ ମଣ୍ଡଳର ପାଞ୍ଚଟି ଗ୍ରାମ ପଞ୍ଚାୟତର ଅଙ୍ଗନବାଡି କର୍ମୀ ଓ ପ୍ରାୟ ୧୦୦ରୁ ଉର୍ଦ୍ଧ ମହିଳା ଓ ଯୁବତୀ ଏହି ସଚେତନତା ସଭାରେ ଯୋଗ ଦେଇଥିଲେ । ଶିକ୍ଷକ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ମଞ୍ଚ ସଂଯୋଜନା କରିବା ସହିତ ନୁଆଗାଁର ଅଙ୍ଗନବାଡି କର୍ମୀ ସରସ୍ୱତୀ ଶ୍ରୀଚନ୍ଦନ ଓ ସୁରମା ସାହୁ ସଭା ପରିଚାଳନା କରିଥିଲେ । ଶେଷରେ ବାଲ୍ୟବିବାହକୁ ନା ବିଦ୍ୟାଳୟକୁ ହଁ ବୋଲି ସମସ୍ତେ ଶପଥ ଗ୍ରହଣ କରିଥିଲେ । ପରେ ଓଡିଶୀ ନାଚ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ

କୋଣାର୍କ ,(ସବ୍ୟୁ): ଅର୍କକ୍ଷେତ୍ର କୋଣାର୍କ ନିକଟସ୍ଥ ପବିତ୍ର ଚନ୍ଦ୍ରଭାଗାତୀର୍ଥ ରେ ଚୈତ୍ର ମାସ କୃଷ୍ଣପକ୍ଷ ଏକାଦଶୀ ଅବସରରେ କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ସୂର୍ଯ୍ୟ ଆଳତି ଓ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳ ୬ଘ ୪ମିନିଟ ସମୟରେ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଚୈତ୍ର ମାସ ଏକାଦଶୀ ତିଥିରେ ଚନ୍ଦ୍ରଭାଗା ଠାରେ ଟ୍ରଷ୍ଟ ବୋର୍ଡର ମାର୍ଗ ଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ଓ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ତିଥିରେ ଅନୁଷ୍ଠିତ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡର




ବୋର୍ଡର ସଦସ୍ୟ ସଦସ୍ୟାମାନେ ପ୍ରଭୁ ସୂର୍ଯ୍ୟ ନାରାୟଣ ଙ୍କ ଉଦେଶ୍ୟରେ ଆଳତି କରିବା ସହିତ ମହୋଦଧିରେ ଅର୍ଘ୍ୟ ଅର୍ପଣ କରିଥିଲେ । ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମରେ କର୍ତା ଭାବେ ବରିଷ୍ଠ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ଲେଙ୍କା ଓ ତାଙ୍କ ସହଧର୍ମିଣୀ କର୍ତ୍ରୀ ଭାବେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନ କରିଥିଲେ । ଚୈତ୍ର ମାସ କୃଷ୍ଣପକ୍ଷ ଏକାଦଶୀ ସଦସ୍ୟ ନଟବର ମହାରଣା, ନିରଞ୍ଜନ ତ୍ରିପାଠୀ, ରମେଶ ନାୟକ ସଂଗଠନ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ , କୋଷାଧ୍ୟକ୍ଷ ସଂଜୟ କୁମାର ବରାଳ, ବାମଦେବ ଆଲୁକ, ପ୍ରସନ୍ନ କୁମାର ତ୍ରିପାଠୀ ,ପଞ୍ଚାନନ ବରାଳ,ମନୋରମା ନାୟକ,ସବିତା ରଥ,ପ୍ରଦୀପ୍ତ ଶତପଥି, ଶରତ ଖଟୁଆ, ବଂଶୀଧର ବେହେରା ପ୍ରମୁଖ ଏହି ଦିବ୍ୟ ସମାରୋହକୁ ପରିଚାଳନା କରିଥିଲେ ।

## ଲାୟନ୍ସ ଜିଲ୍ଲା ୩୨୨ସି-୪ର ନୂତନ ଜିଲ୍ଲା ଉପସଭାପତି ନିର୍ବାଚିତ

ଭୁବନେଶ୍ୱର, (ସବ୍ୟୁ):: ଆନ୍ତର୍ଜାତୀୟ ସେବା ସଂଗଠନ ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲ ଅନ୍ତର୍ଗତ ଲାୟନ୍ସ ଜିଲ୍ଲା ୩୨୨ସି-୪ର ୧୩ତମ ବାର୍ଷିକ ଜିଲ୍ଲା ଅଧିବେଶନ ଭୁବନେଶ୍ୱରସ୍ଥିତ ପଦ୍ମଜା କନଭେନସନଠାରେ ଅନୁଷ୍ଠିତ ହୋଇଛି । ୧୪ ଓ ୧୫ ନିର୍ବାଚନ ପ୍ରକ୍ରିୟା ସୁଚାରୁ ଭାବରେ ସମ୍ପନ୍ନ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସଭାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ନିର୍ବାଚନ ଫଳାଫଳ ସାମ୍ବିଧାନିକ ନିୟମାବଳୀ ଅନୁଯାୟୀ ହୋଇଥିବା ଭୋଟିଂରେ ନିମ୍ନଲିଖିତ ନେତୃତ୍ୱ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ଜିଲ୍ଲା ଉଗର୍ଣ୍ଣର




ମାର୍ଚ୍ଚ ଦୁଇଦିନ ଧରି ଆୟୋଜିତ ଏହି ଅଧିବେଶନରେ ଜିଲ୍ଲାର ବିଭିନ୍ନ କ୍ଲବର ପ୍ରତିନିଧିମାନେ ସକ୍ରିୟ ଭାଗ ନେଇଥିଲେ ।ଅଧିବେଶନରେ ପ୍ରମୁଖ ଅତିଥି ଆଇପିଡ଼ି ଲାୟନ ମଥନା ଗୋପଳ ରାମକୃଷ୍ଣନ, ସଦସ୍ୟମାନଙ୍କୁ "ଓ୍ୱି ସର୍ଭ' ଆଦର୍ଶକୁ ଆଗେଇ ନେଇ ସମାଜସେବାକୁ ଆହୁରି ବିସ୍ତୃତ କରିବାକୁ ଆହ୍ୱାନ ଦେଇଥିଲେ । କ୍ୟାବିନେଟ ସଭା, ବ୍ୟବସାୟିକ ଅଧିବେଶନ, ବୟାନର ପ୍ରଦର୍ଶନ, ଶାନ୍ତି ଯାତ୍ରା, ନେକ୍ରୋଲୋଜି ସଭା ଓ ଲାୟନ ଅଶ୍ୱିନୀ ଦାଶ, ପ୍ରଥମ ଉପ ଜିଲ୍ଲା ଗଭର୍ଣ୍ଣର ଲାୟନ ଇଂ ଲଳିତେନ୍ଦୁ ଶତପଥୀ, ଦ୍ୱିତୀୟ ଉପ ଜିଲ୍ଲା ଗଭର୍ଣ୍ଣର ଲାୟନ ଡଃ ସଙ୍ଗୀତା ବାବୁ । ନବ ନିର୍ବାଚିତ ପଦାଧିକାରୀମାନଙ୍କୁ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ ।ବର୍ତ୍ତମାନ ଜିଲ୍ଲା ଗଭର୍ଣ୍ଣର ଡଃ ହେମନ୍ତ ଖୁଣ୍ଟିଆ ମହୋଦୟ ସମସ୍ତ କ୍ୟାବିନେଟ ସଦସ୍ୟ, କ୍ଲବ ପ୍ରତିନିଧି ଓ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ ।

## ଓଡ଼ିଆ ଶାସ୍ତ୍ରୀୟ ଭାଷା ଯୋଗୁ ଆମେ ଗର୍ବିତ

ସାକ୍ଷୀଗୋପାଳ,(ସବ୍ୟୁ): ପୁରୀ ଜିଲ୍ଲା ଶାଖା,ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇଅଛି ।ଭୀମସେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପାଲାଗାୟକ ବୈକୁଣ୍ଠ ପ୍ରଧାନଙ୍କ ପାଲା ଜଗତକୁ ତାଙ୍କର ୪୨ବର୍ଷର ଅବଦାନ ଲାଗି ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା ।ବିଶାଖା ଦେବୀ କାର୍ଯ୍ୟକ୍ରମ ସଂଯୋଜନା, ସାଗତ ଅଭିନନ୍ଦନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ପ୍ରାଧ୍ୟାପକ ଡକଫର ଅଭିମନ୍ୟୁ ବରାଳ,ଡକଫର ହେମନ୍ତ କୁମାର ଛୋଟରାୟ,ପ୍ରଭାକର ଜେନା,ଦିଗମ୍ବର ରଥ,ବିଭୂତିଭୂଷଣ ହୋତା,ବିଜୟ କୁମାର ପରିଡା,ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ସୁନନ୍ଦା ମହାନ୍ତି,କୃପାନିଧି ପ୍ରଧାନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ,ଭବାନୀପ୍ରସାଦ ଦାଶ,ବନ୍ଦନାରାଣୀ ମିଶ୍ର,ଚୌଧୁରୀ ପ୍ରତାପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷାର ଆଭିଜାତ୍ୟପୂର୍ଣ୍ଣ ଇତିହାସ ସଂପର୍କିତ କବିତା-ପ୍ରବନ୍ଧ ପାଠ ଓ ଆଲୋଚନାଚକ୍ର କରିଥିଲେ ।ଶେଷରେ କବୟିତ୍ରୀ ଅନୁସୂୟା କାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନାରୀ ସଶକ୍ତିକରଣ ଓ ସମାଜସେବାରେ ଅଗ୍ରଣୀଙ୍କୁ ଗରିମାମୟ ସମ୍ବର୍ଦ୍ଧନା

ଫୁଲନଖରା,(ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦା ଗ୍ରାମର ପବିତ୍ର ଗୋପାଳଜିଉ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୁଦୀପ୍ତ ଫାଉଣ୍ଡେସନ ଆନୁକୁଲ୍ୟରେ ଭବ୍ୟ ଓ ଗରିମାମୟ ଭାବେ ପରିଚୟ ସମ୍ମାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ସମାଜରେ ନିର୍ଲୋଭ ସେବା, ନାରୀ ସଶକ୍ତିକରଣ ଓ ସାମାଜିକ ଜାଗୃତିରେ ନିରନ୍ତର ଅବଦାନ ରଖୁଥିବା ବିଭିନ୍ନ କ୍ଷେତ୍ରର ସ୍ୱନାମଧନ୍ୟ ବ୍ୟକ୍ତିତ୍ୱମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗଠନର ପ୍ରତିଷ୍ଠାତା ସ୍ନେହାଶିଷ ରାୟଙ୍କ ପ୍ରତ୍ୟକ୍ଷ ତ%ାବଧାନ ଓ ପରିଚିତ ସମାଜସେବୀ ପ୍ରଣୟ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗ୍ରାମ୍ୟ ପରିବେଶରେ ଏକ ନୂତନ ସାମାଜିକ ଉତ୍ସାହ ସୃଷ୍ଟି କରିଥିଲା । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଇତିଶ୍ରୀ ସ୍ୱାଇଁ ଯୋଗଦେଇ ସମାଜରେ ନାରୀମାନଙ୍କ ସକ୍ରିୟ ଭୂମିକା ଓ ଗ୍ରାମ ଉନ୍ନୟନରେ ତାଙ୍କର ଅବଦାନ ବିଷୟରେ ପ୍ରେରଣାଦାୟକ ମତାମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଓ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସମାଜ ଗଠନରେ ସଚେତନ ନାରୀ ମାନଙ୍କର ଭୂମିକା ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ ।



ସମ୍ମାନିତ ଅତିଥି ଭାବେ ଆଇନଜୀବି ମନୋରଞ୍ଜନ ଜେନା, ନାରୀନେତ୍ରୀ ମାମିନା ମହାନ୍ତି, ଶିକ୍ଷୟତ୍ରୀ ଅନୁସୟା ପଟ୍ଟନାୟକ, ଓ୍ୱାର୍ଡ ସଭ୍ୟା ଜିନିୟା ସ୍ୱାଇଁ, ଆଶା କର୍ମୀ ମଞ୍ଜୁବାଳା ଦାଶ, ମହିଳା ସଭାନେତ୍ରୀ ସସ୍ମିତା ସେଠୀ, ନାରୀନେତ୍ରୀ ବୀଣାପାଣି ପରିଡା ଓ ସମାଜସେବୀ ଆଲୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ସୁଦୀପ୍ତ ଫାଉଣ୍ଡେସନ ଦ୍ୱାରା ଗ୍ରାମ୍ୟ ଅଞ୍ଚଳରେ ନିରନ୍ତର ଭାବେ ଚାଲିଥିବା ସେବାମୂଳକ କାର୍ଯ୍ୟକ୍ରମମାନେ ସମାଜରେ ଏକ ନୂତନ ଜାଗୃତି ଓ ସ୍ୱବଳମ୍ବନର ପରିବେଶ ସୃଷ୍ଟି କରୁଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ପ୍ରତିଷ୍ଠାତା ସ୍ନେହାଶିଷ ରାୟ ତାଙ୍କ ଭାଷଣରେ କହିଥିଲେ ଯେ, ସୁଦୀପ୍ତ ଫାଉଣ୍ଡେସନ ସବୁବେଳେ ମହିଳା ସଶକ୍ତିକରଣ, ଶିକ୍ଷା ଓ ସମାଜ ଉନ୍ନୟନ ମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ଜନସେବାକୁ ପ୍ରାଥମିକତା ଦେଇଆସୁଛି ଏବଂ ଆଗାମୀ ଦିନରେ ଏହି ପ୍ରୟାସକୁ ଆହୁରି ବ୍ୟାପକ ରୂପ ଦିଆଯିବ । ଏହି ଅବସରରେ ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବି ଓ ନାରୀନେତ୍ରୀମାନଙ୍କୁ ସମାଜ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଅଞ୍ଚଳର କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମର ଆକର୍ଷଣକୁ ଦୁଇଗୁଣ କରିଦେଇଥିଲା ।

## ହରପ୍ରିୟା ସାହିତ୍ୟ ଉତ୍ସବ -୨୦୨୬

ବାଲିଅନ୍ତା ,(ସବ୍ୟୁ):ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହରପ୍ରିୟା ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ତୃତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ଶ୍ରୀସୁଦର୍ଶନ ଦାରୁ ଅରଣ୍ୟରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାର୍କଫେଡର ସଭାପତି କବିତା ମଞ୍ଜରୀ ପରିଡ଼ା, ଆବାହକ ଚଳଚିତ୍ର ସଂଳାପ ଲେଖକ ଡ଼. ରଜନୀ ରଞ୍ଜନ ଦାଶ , ସମ୍ମାନୀତ ଅତିଥି ଭାବେ ସ୍ତମ୍ଭକାର ଶୁତ୍ରୁ କ୍ରିତୀ ତ୍ରିପାଠୀ, ନାଟ୍ୟକାର ମନୋଜ ପଟ୍ଟନାୟକ ଓ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ସାହିତ୍ୟ ହେଉଛି ସୃଜନଶିଳତାର ଏକ ଅବିଚ୍ଛେଦ୍ୟ ଅଙ୍ଗ ।




ସାହିତ୍ୟ ନିଜ ଅଞ୍ଚଳର ପରିଚୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ । ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ । ସାହିତ୍ୟକୁ ଉଜ୍ଜୀବିତ କରିବାପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ କବି ଓ ସାହିତ୍ୟିକ ନିଜର କବିତା ପଠନ କରିଥିଲେ । ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବରିଷ୍ଠ ଶିଶୁ ସହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, କବି ରକ୍ଷକ ନାୟକ, ଓଡ଼ିଆ ଭାଷା ଗବେଷିକା ଡ ପ୍ରମୋଦିନୀ ଜେନା, କୁଶବନ ପତ୍ରିକାର ସମ୍ପାଦକ ସରୋଜ ଭୋଇ, କବି ବନ୍ଦନା ହରିଚନ୍ଦନ ୬ ଜଣକୁ ସାରସ୍ୱତ ସ୍ରଷ୍ଟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ କବି କମଳିନୀ ମଲ୍ଲିକ ଓ ପ୍ରତିମା ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅନ୍ୟତମ ଟ୍ରଷ୍ଟି ଶ୍ରୀକୁମାର ଆଶୁତୋଷ ଭୋଇ ଓ ସୁରେଶ ବେହେରା, ଉମାକାନ୍ତ ବେହେରା ଓ କାହ୍ନୁ ଦାଶ,ସୁବାଷ ଦାସ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଶୁତୋଷ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୫୮)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯଦା ସଂହରତେ ଚାୟଂ କୂର୍ମୋଙ୍ଗାନୀବ ସର୍ବଶଃ ।**
**ଇନ୍ଦ୍ରିୟାଣିନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୫୮ ॥**

କୂର୍ମ ଯେପରି ନିଜ କରଚରଣାଦି ଅଙ୍ଗସବୁ ସବୁଆଡୁ ସଙ୍କୁଚିତ କରେ, ସେହିପରି ଯେ ଶବ୍ଦାଦି ବିଷୟରୁ ଇନ୍ଦ୍ରିୟମାନଙ୍କୁ ଟାଣି ଆଣନ୍ତି, ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତା ॥୫୮॥

# ନୂତନ ମୋଡ଼ ଦେବ ରାଜ୍ୟସଭା ନିର୍ବାଚନ

ରାଜ୍ୟ ରାଜନୀତିର ମୋଡ଼ ବଦଳାଇ ଦେବ ରାଜ୍ୟସଭା ନିର୍ବାଚନ । ଏଭଳି ଏକ ଆଲୋଚନା ଏବେ ରାଜନୀତିକ ମହଲରେ ବେଶ ଆଲୋଚିତ ହେଉଛି । ଓଡ଼ିଶାର ୪ଟି ଆସନ ପାଇଁ ହେଉଥିବା ଏହି ନିର୍ବାଚନ ଏବେ ଏକ ରୋଚକ ସ୍ଥିତିରେ ପହଞ୍ଚିଛି । ନିର୍ବାଚନ ଗଣିତ ଅନୁସାରେ ଯଦିଓ ଶାସକ ବିଜେପିର ୨ ଜଣ ଓ ମୁଖ୍ୟ ବିରୋଧୀ ଦଳ ବିଜେଡିର ଜଣେ ସଦସ୍ୟ ଅନାୟାସରେ ରାଜ୍ୟସଭାକୁ ନିର୍ବାଚିତ ହେବା ସ୍ପଷ୍ଟ । ତେବେ ଚତୁର୍ଥ ଆସନକୁ ନେଇ ଯେଭଳି ରାଜନୈତିକ ଘନଘଟା ଚାଲିଛି ତାହା ପୂର୍ବରୁ କେବେ ଦେଖା ଯାଇନଥିଲା । ବିଜେପି ସମର୍ଥନରେ ବିଶିଷ୍ଟ ଶିଳ୍ପପତି ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଥିଲାବେଳେ ବିଜେଡି ଓ କଂଗ୍ରେସ ସମର୍ଥନରେ ବିଶିଷ୍ଟ ଡାକ୍ତର ଦତ୍ତେଶ୍ୱର ହୋତା ନିର୍ବାଚନ ଲଢୁଛନ୍ତି । ହାର ଜିତକୁ ନେଇ ଏହି ଦୁଇ ପ୍ରାର୍ଥୀ ମୁହାଁମୁହିଁ ହୋଇଥିବାବେଳେ ଏମାନଙ୍କ ବିଜୟ ଲାଗି ଉଭୟ ବିଜେପି ଓ ବିଜେଡି- କଂଗ୍ରେସ ମେଣ୍ଟ ମଧ୍ୟରେ ତୀବ୍ର ବଳ କଷାକଷି ଆରମ୍ଭ ହୋଇଛି ।

ନିଜ ନିଜ ଦଳର ବିଧାୟକମାନଙ୍କୁ ଏକତ୍ର କରି ରଖିବା ପାଇଁ ଏହି ଦଳଗୁଡ଼ିକ ପକ୍ଷରୁ ହ୍ୱିଇପ ଜାରି ମଧ୍ୟ କରାଯାଇଛି । ଇତିମଧ୍ୟରେ କଂଗ୍ରେସର କିଛି ବିଧାୟକ ରାଜ୍ୟ ବାହାରକୁ ମଧ୍ୟ ଚାଲି ଯାଇଛନ୍ତି । କ୍ରସ ଭୋଟିଂ ଆଶଙ୍କାକୁ ଏଡାଇବା ପାଇଁ ଏଭଳି କରାଯାଇଥିବା କୁହାଯାଉଛି । ଯଦିଓ ଅଦ୍ୟାବଧି ଦତ୍ତେଶ୍ୱରଙ୍କ ସପକ୍ଷରେ ବିଜେଡି ଓ କଂଗ୍ରେସ ବିଧାୟକଙ୍କ ମିଳିତ ସଂଖ୍ୟା ରହିଛି ତେବେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ଶିବିର ପକ୍ଷରୁ ଯେନତେନ ପ୍ରକାରେ ନିର୍ବାଚନ ଜିତିବା ପାଇଁ ଉଦ୍ୟମ ଜାରି ରହିଛି । ରାଜ୍ୟସଭା ପାଇଁ ଓଡ଼ିଶାର ଚତୁର୍ଥ ଆସନଟି ବର୍ତ୍ତମାନ ଖୋଦ୍ ବିଜେପି ଓ ବିଜେଡି- କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ । ଯଦି ନିର୍ବାଚନରେ ବିଜେଡି-କଂଗ୍ରେସର ସମର୍ଥିତ କମନ୍ କ୍ୟାଣ୍ଡିଡେଟ୍ ଦତ୍ତେଶ୍ୱର ହୋତା ବିଜୟ ଲାଭ କରନ୍ତି ତା ହେଲେ ତାହାର ପ୍ରତିକୂଳ ପ୍ରଭାବ ଶାସକ ବିଜେପି ଉପରେ ପଡ଼ିବ । କାରଣ ନିର୍ବାଚନରେ ଚତୁର୍ଥ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟ ଓ ଦତ୍ତେଶ୍ୱର ହୋତା ପ୍ରତିଦ୍ୱନ୍ଦିତା କରୁଥିଲେ ମଧ୍ୟ ଯଦି ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରାଯାଏ ତା ହେଲେ ଏହି ଲଢ଼େଇ ମୁଖ୍ୟତଃ ବିଜେପି ଓ ବିଜେଡି-କଂଗ୍ରେସ ମେଣ୍ଟ ମଧ୍ୟରେ ହେଉଛି । ଯଦି ଦିଲ୍ଲୀପ ରାୟଙ୍କର ବିଜୟ ହୁଏ ତା ହେଲେ ଏହା ମୁଖ୍ୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପ୍ରତି ନିଶ୍ଚିତ ଭାବେ ନକାରାତ୍ମକ ପ୍ରଭାବ ସୃଷ୍ଟି କରିବ । ଏ ଦୁଇ ଦଳ ଅଧିକ ଦୁର୍ବଳ ହେବା ସହିତ ଏହାର ରାଜନୈତିକ ଭବିଷ୍ୟତ ନେଇ ମଧ୍ୟ ପ୍ରଶ୍ନ ଉଠିବ । ଯେଉଁଠି ଦିଲ୍ଲୀପଙ୍କ ବିଜୟକୁ ନେଇ ବିଜେପି ରାଜ୍ୟରେ ଅଧିକରୁ ଅଧିକ ଶକ୍ତିଶାଳୀ ହେବ ।

ବର୍ତ୍ତମାନ ବିଜେଡି ସହ ମେଣ୍ଟକୁ ନେଇ ପିସିସି ମୁଖିଆ ଭକ୍ତ ଦାସ ଦଳ ମଧ୍ୟରୁ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି । ଯଦି କମନ୍ କ୍ୟାଣ୍ଡିଡେଟ ଦତ୍ତେଶ୍ୱର ହୋତା ପରାଜିତ ହୁଅନ୍ତି ତା ହେଲେ ଭକ୍ତ ଦଳ ଭିତରୁ ଅଧିକ ବିରୋଧାଭାଷର ସମ୍ମୁଖୀନ ତ ହେବେ ତା ସହିତ ରାଜ୍ୟରେ କଂଗ୍ରେସର ସ୍ଥିତି ଅଧିକ ଦୟନୀୟ ଅବସ୍ଥାକୁ ଚାଲି ଆସିବ । ଏ ସମସ୍ତ ଦୃଶ୍ୟପଟ୍ଟକୁ ଅନୁଶୀଳନ କଲେ ନିର୍ବାଚନ ଫଳାଫଳ ଯାହା ବି ହେଉ ଏହା ଆଗାମୀ ଦିନର ରାଜ୍ୟ ରାଜନୀତିକୁ ଏକ ନୂତନ ମୋଡ଼ ଯେ ଦେବ ଏଥିରେ ସନ୍ଦେହ ନାହିଁ ।

## ଦେବତ୍ୱର ଦିବ୍ୟ ଆଲୋକ

**ଯେଉଁ ସଂସ୍କୃତିରେ ପ୍ରକୃତି, ନଦନଦୀ, ପଶୁପକ୍ଷୀ, ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ରକୁ ପୂଜା କରାଯାଏ, ଯେଉଠି ଅଗ୍ନି, ଜଳ, ଆକାଶ, ମାଟି ଓ ପବନକୁ ପ୍ରାଣ ବୋଲି ବିଚାର କରାଯାଏ, ପିତାମାତା ଓ ଗୁରୁଙ୍କୁ ଈଶ୍ୱରଙ୍କ ସ୍ୱରୂପ ବୋଲି ବିବେଚନା କରାଯାଏ, ସେବା, ତ୍ୟାଗ, ଦୟା , କରୁଣା, ପରୋପକାରକୁ ଜୀବନର ଶ୍ରେଷ୍ଠ ଆଦର୍ଶ ବୋଲି ଗ୍ରହଣ କରାଯାଏ, ଦିନେ ସେହି ସଂସ୍କୃତି ହିଁ ସମଗ୍ର ବିଶ୍ୱ ଓ ମାନବ ଜଗତକୁ ଦେବ ଦେବତ୍ୱର ଦିବ୍ୟ ଆଲୋକ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସୌରଶକ୍ତି ଓ ପରିବେଶ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ପଶ୍ଚିମ ରାଜସ୍ଥାନରେ ସୌରଶକ୍ତି ପ୍ରକଳ୍ପ ପାଇଁ ବହୁ ସଂଖ୍ୟକ ଶମୀ ଗଛ କାଟିବା ଏବଂ ଗ୍ରାମ ଚାରଣଭୂମି ଅଧିଗ୍ରହଣ ବିରୁଦ୍ଧରେ ବ୍ୟାପକ ପ୍ରତିବାଦ ହେଉଛି । ମରୁଭୂମିର କଳ୍ପବୃକ୍ଷ ନାମରେ ପରିଚିତ ଏହି ଗଛଗୁଡ଼ିକର ସୁରକ୍ଷା ଏବଂ ପାରମ୍ପରିକ ଚାରଣଭୂମିର ସଂରକ୍ଷଣ ପାଇଁ ସ୍ଥାନୀୟ ଦାବି ଏକ ନୂତନ ପ୍ରଶ୍ନ ଉଠାଇଛି । ସୌରଶକ୍ତି ପାଇଁ ପରିବେଶକୁ କ୍ଷତି ପହଞ୍ଚାଇବା କ'ଣ ଯଥାର୍ଥ ?

ଗତ ଦଶନ୍ଧି ମଧ୍ୟରେ ଭାରତ ସୌରଶକ୍ତି ଆଡକୁ ଯେଉଁ ଦ୍ରୁତ ବେଗରେ ଗତି କରିଛି ତାହା ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ପ୍ରମାଣିତ କରିବା ସହିତ ବିଶ୍ୱ ଜଳବାୟୁ ସଙ୍କଟ ପ୍ରତି ଦେଶର ରଣନୈତିକ ବୁଝାମଣାକୁ ମଧ୍ୟ ସୂଚିତ କରେ । ୨୦୧୪ ମସିହାରେ ଭାରତର ସ୍ଥାପିତ ସୌରଶକ୍ତି କ୍ଷମତା ମାତ୍ର ତିନି ଗିଗାୱାଟ ଥିଲା,ବର୍ତ୍ତମାନ ଏହା ୧୩୫ ଗିଗାୱାଟ ଅତିକ୍ରମ କରିଛି । ଏହି ଅଭିବୃଦ୍ଧି କେବଳ ସଂଖ୍ୟାତ୍ମକ ନୁହେଁ । ଏହା ରାଜନୈତିକ ଇଚ୍ଛାଶକ୍ତି, ନୀତି ସମର୍ଥନ ଏବଂ ପୁଞ୍ଜି ନିବେଶର ଫଳାଫଳ ଯାହା ସୌରଶକ୍ତିକୁ ଭାରତର ଶକ୍ତି ନୀତିର କେନ୍ଦ୍ରରେ ରଖିଛି । ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା, କାର୍ବନ ଡାଇଅକ୍ସାଇଡ୍ ଏବଂ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ ହ୍ରାସ କରିବା ଏବଂ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଏହି ସମସ୍ତ ଲକ୍ଷ୍ୟ ସୌରଶକ୍ତିର ପ୍ରସାର ସହିତ ଜଡିତ ।

ସୌରଶକ୍ତିର ମୌଳିକ ଧାରଣା ସରଳ ଏବଂ ନୀତିଗତ ଭାବରେ ଆକର୍ଷଣୀୟ । ସୂର୍ଯ୍ୟରୁ ପ୍ରାପ୍ତ ଶକ୍ତି ପ୍ରଦୂଷିତ କରେ ନାହିଁ କିମ୍ବା ସୀମିତ ସମ୍ବଳ ଉପରେ କୌଣସି ଚାପ ପକାଇ ନାହିଁ । କୋଇଲା, ତେଲ ଏବଂ ଗ୍ୟାସ-ଆଧାରିତ ବିଦ୍ୟୁତ ଉତ୍ପାଦନ ପରି, ସୌର ଶକ୍ତି ଉତ୍ପାଦନ କୌଣସି ଧୂଆଁ, ପାଉଁଶ ଏବଂ କାର୍ବନ ଡାଇଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍ କିମ୍ବା ନାଇଟ୍ରୋଜେନ୍ ଅକ୍ସାଇଡ୍ ପରି କ୍ଷତିକାରକ ଗ୍ୟାସ୍ ଉତ୍ପନ୍ନ କରେ ନାହିଁ । ଏହି କାରଣରୁ ସୌର ଶକ୍ତିକୁ ସ୍ୱଚ୍ଛ, ସବୁଜ, ଏବଂ ନବୀକରଣଯୋଗ୍ୟ ବୋଲି କୁହାଯାଏ ଏବଂ ଏହି ଆଧାରରେ ଏହାକୁ ବିଶ୍ୱ ଜଳବାୟୁ ସମାଧାନ ପାଇଁ ଏକ ପ୍ରମୁଖ ଉପକରଣ ଭାବରେ ବିବେଚନା କରାଯାଇଛି । ହେଲେ, ନୀତି ନିର୍ଦ୍ଧାରଣରେ ଏହାର ସମସ୍ତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବର ଉପଯୁକ୍ତ ମୂଲ୍ୟାଙ୍କନ ବିନା କୌଣସି ସମାଧାନ ସମ୍ପୂର୍ଣ୍ଣ ହୁଏ ନାହିଁ ।

ଭାରତରେ ସୌର ଶକ୍ତି ଉତ୍ପାଦନ ଦ୍ରୁତ ହେଉଥିବାରୁ ଏକ ଗମ୍ଭୀର ପ୍ରଶ୍ନ ଉଠୁଛି । ବର୍ତ୍ତମାନର ସୌର ଶକ୍ତି ବିକାଶ ମଡେଲ୍ କ'ଣ ପ୍ରକୃତରେ ପରିବେଶ ଦୃଷ୍ଟିରୁ ଲାଭଦାୟକ ବୋଲି କୁହାଯାଇଥାଏ ? ବିଶେଷକରି ସୌର ପ୍ରକଳ୍ପ ପାଇଁ ବ୍ୟାପକ ଭୂମି ଅଧିଗ୍ରହଣ ଏବଂ ସବୁଜ ଗଛ କାଟିବା ପରିପ୍ରେକ୍ଷୀରେ । ରାଜସ୍ଥାନ ଏହାର ଏକ ଉଦାହରଣ ।

ଏହି ରାଜ୍ୟ ସୌର ଶକ୍ତିର ବିକାଶ ପାଇଁ ଗର୍ବ କରେ । ଏଠାରେ ବର୍ଷକୁ ୩୦୦ରୁ ଅଧିକ ଦିନ ସୂର୍ଯ୍ୟ କିରଣ, ବିସ୍ତୃତ ଭୂମି ଏବଂ ତୁଳନାତ୍ମକ ଭାବରେ କମ୍ ଜନସଂଖ୍ୟା ଘନତା । ଏହି କାରଣରୁ ରାଜସ୍ଥାନ ଭାରତର ପ୍ରମୁଖ ସୌର ଶକ୍ତି ଉତ୍ପାଦକମାନଙ୍କ ମଧ୍ୟରେ ଅନ୍ୟତମ । ତଥାପି, ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଏହି ରାଜ୍ୟ ମୂଲ୍ୟବାନ ଗଛ କାଟିବା ନେଇ ସାମାଜିକ ଏବଂ ପରିବେଶଗତ ଅଶାନ୍ତିର କେନ୍ଦ୍ର ପାଲଟିଛି । ଏଠାରେ ସୌର ପ୍ରକଳ୍ପ ପାଇଁ ଚୟନ କରାଯାଉଥିବା ଅଞ୍ଚଳଗୁଡ଼ିକ ଜମି ସହିତ ଜୀବନ୍ତ ଇକୋସିଷ୍ଟମ, ଗଛ, ପଶୁ, ପକ୍ଷୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଜୀବନ ସହିତ ଗଭୀର ଭାବରେ ଜଡିତ । ନୀତି ସ୍ତରରେ, ପ୍ରାୟତଃ ଯୁକ୍ତି କରାଯାଏ ଯେ ଅବର୍ଜନା ଜମି ସୌର ଶକ୍ତି ପାଇଁ ବ୍ୟବହାର କରାଯାଉଛି । କିନ୍ତୁ ପରିବେଶ ବିଜ୍ଞାନ ଦର୍ଶାଏ ଯେ ଅନୁପଯୁକ୍ତ ଜମି ମଧ୍ୟ ପରିବେଶଗତ ଭାବରେ ନିଷ୍କ୍ରିୟ ନୁହେଁ ।

ବିଶେଷକରି ରାଜସ୍ଥାନର ଶମୀ ଗଛ ଭଳି ବୃକ୍ଷଗୁଡିକ ଶୁଷ୍କ ଏବଂ ଅର୍ଦ୍ଧ-ଶୁଷ୍କ ଅଞ୍ଚଳରେ, ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏହି ଗଛଗୁଡ଼ିକ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରି ବାୟୁମଣ୍ଡଳକୁ ସନ୍ତୁଳିତ କରନ୍ତି, ମାଟିକୁ ବାନ୍ଧି ରଖନ୍ତି, ଜଳ ସଂରକ୍ଷଣ କରିବାରେ ସାହାଯ୍ୟ କରନ୍ତି ଏବଂ ସ୍ଥାନୀୟ ଜଳବାୟୁକୁ ନିୟନ୍ତ୍ରଣ କରନ୍ତି ।

ସାଧାରଣତଃ, ଏକ ମେଗାୱାଟ୍ ସୌର ଉତ୍ପାଦନ ପାଇଁ ପ୍ରାୟ ଚାରିରୁ ପାଞ୍ଚ ଏକର ଜମି ଆବଶ୍ୟକ ହୁଏ । ଯଦି ସେହି ଜମିରେ ଶହ ଶହ ଗଛ ଥାଏ, ତେବେ ସେଗୁଡ଼ିକୁ କାଟି ନଷ୍ଟ ହୋଇଥିବା କାର୍ବନ-ଶୋଷଣ କ୍ଷମତାକୁ ସୌର ପ୍ୟାନେଲରୁ ଉତ୍ପାଦିତ ସ୍ୱଚ୍ଛ ଶକ୍ତି ଦ୍ୱାରା ତୁରନ୍ତ କ୍ଷତିପୂରଣ ଦିଆଯାଇପାରିବ ନାହିଁ ।

ଆଗାମୀ କିଛି ଦଶନ୍ଧି ମଧ୍ୟରେ, ଯେତେବେଳେ ଆଜି ସ୍ଥାପିତ ହେଉଥିବା ବହୁ ପରିମାଣର ସୌର ପ୍ୟାନେଲ ବ୍ୟବହାରଯୋଗ୍ୟ ହେବ ନାହିଁ, ସେତେବେଳେ ସେମାନଙ୍କର ନିଷ୍କାସନ ଦ୍ୱାରା ସୃଷ୍ଟି ହେଉଥିବା ଇ-ଅବର୍ଜନା ଏବଂ ଏହା ସହିତ ଜଡିତ ପରିବେଶଗତ ବିପଦ ଏକ ନୂତନ ଚ୍ୟାଲେଞ୍ଜ ଭାବରେ ଉଭା ହେବ । ଏହି ସମସ୍ତ ଦିଗକୁ ବିଚାର କଲେ, ଏହା ସ୍ପଷ୍ଟ ହୁଏ ଯେ ସୌର ଶକ୍ତିର ବର୍ତ୍ତମାନର ମୂଲ୍ୟାଙ୍କନ ଅସମ୍ପୂର୍ଣ୍ଣ । ଏହା ଖର୍ଚ୍ଚ ଏବଂ ଉତ୍ପାଦନ ଉପରେ ଧ୍ୟାନ ଦିଏ, କିନ୍ତୁ ପରିବେଶଗତ ଲାଭର ହିସାବକୁ ଏଡ଼ାଇ ଦିଏ । ତେଣୁ, କେବଳ ପ୍ରତି ୟୁନିଟ୍ ମୂଲ୍ୟ କିମ୍ବା ସ୍ଥାପିତ କ୍ଷମତା ଆଧାରରେ ସୌର ଶକ୍ତିର ମୂଲ୍ୟାଙ୍କନ କରାଯାଇପାରିବ ନାହିଁ ।

ଆଜି ଆବଶ୍ୟକତା ହେଉଛି ପ୍ରତ୍ୟେକ ସୌର ପ୍ରକଳ୍ପର ଜୀବନଚକ୍ରକୁ ନେଇ ପରିବେଶଗତ ମୂଲ୍ୟାଙ୍କନ କରାଯିବା । ଏଥିରେ ପ୍ରକଳ୍ପ ନିର୍ମାଣ, ଜମି ପରିବର୍ତ୍ତନ, ଗଛ କଟା, ଶେଷରେ ସୌର ପ୍ୟାନେଲର ନିଷ୍କାସନ ସମୟରେ ହୋଇଥିବା ମୋଟ ପରିବେଶଗତ ଖର୍ଚ୍ଚ ଏବଂ ଏଗୁଡ଼ିକ ତୁଳନାରେ ପ୍ରକୃତ ପରିବେଶଗତ ଲାଭ ଯାଞ୍ଚ କରାଯିବା ଉଚିତ । ଏହି ସବୁ ସ୍ପଷ୍ଟ ନ ହେଲେ, ସ୍ୱଚ୍ଛ ଶକ୍ତିର ଦାବି ଅସମ୍ପୂର୍ଣ୍ଣ ରହିବ । ବର୍ତ୍ତମାନ ବ୍ୟବସ୍ଥାରେ, ସୌର ପ୍ରକଳ୍ପ ଅନୁମୋଦନକୁ ତ୍ୱରାନ୍ୱିତ କରିବା ପାଇଁ ପରିବେଶଗତ ମୂଲ୍ୟାଙ୍କନକୁ କେବଳ ଔପଚାରିକତାରେ ପରିଣତ କରାଯାଇଛି । ଗଛ କାଟିବା ପାଇଁ ପ୍ରାୟତଃ କ୍ଷତିପୂରଣ ଭାବରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଉଛି । ହେଲେ କ୍ୱଚିତ ବିଚାର କରାଯାଏ ଲଗାଯାଇଥିବା ଗଛ ବଞ୍ଚିଛି କି ନାହିଁ କିମ୍ବା ସେହି ପରିବେଶଗତ ଅଞ୍ଚଳରେ ଲଗାଯାଇଛି କି ନାହିଁ ଯେଉଁଠାରେ କ୍ଷତି ଘଟିଛି ।

ଏକ ପରିପକ୍ୱ ଗଛ ଏବଂ ଏକ ନୂତନ ଭାବରେ ଲଗାଯାଇଥିବା ଗଛ ମଧ୍ୟରେ ପରିବେଶଗତ ପାର୍ଥକ୍ୟକୁ ବହୁତ କମ୍ ଗୁରୁତ୍ୱର ସହ ନିଆଯାଇଥାଏ । ଏହି ପରିପ୍ରେକ୍ଷୀରେ, ଏହା ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବର୍ତ୍ତମାନର ସୌର ଶକ୍ତି ସମ୍ପ୍ରସାରଣ ମଡେଲ ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବାରେ ପ୍ରକୃତରେ ସହାୟକ କି ନାହିଁ, କିମ୍ବା ଏହା ଅଜାଣତରେ ଏକ ନୂତନ ପରିବେଶଗତ ସମସ୍ୟା ସୃଷ୍ଟି କରୁଛି କି? ଯଦି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପ୍ରୟାସରେ, ଆମେ ପ୍ରାକୃତିକ ଅଙ୍ଗାରକାମ୍ଳ -ଶୋଷଣକାରୀ ଯନ୍ତ୍ରପାତିକୁ ନଷ୍ଟ କରିଦେଉ, ତେବେ ଏହା ଏକ ନୀତିଗତ ବିରୋଧାଭାସ ହେବ ।

ସ୍ୱଚ୍ଛ ଶକ୍ତିର ଲକ୍ଷ୍ୟ କେବଳ ଚିମିନିରୁ ଧୂଆଁ ବନ୍ଦ କରିବା ନୁହେଁ, ବରଂ ପୃଥିବୀର ପ୍ରାକୃତିକ ସନ୍ତୁଳନ ପ୍ରଣାଳୀକୁ ସୁଦୃଢ଼ କରିବା । ତଥାପି, ଏହି ସମସ୍ୟାର ସମାଧାନ ସୌର ଶକ୍ତିକୁ ସୀମିତ କରିବା ନୁହେଁ ବରଂ ଏହାକୁ ବିକଶିତ କରିବାର ଉପାୟକୁ ପୁନଃପରିଭାଷିତ କରିବା । ନୀତି ନିର୍ମାତାମାନଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ନବୀକରଣୀୟ ଶକ୍ତି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ଏକ ସନ୍ତୁଳନ ଅତ୍ୟାବଶ୍ୟକ । ଛାତ, କେନାଲ, ପରିତ୍ୟକ୍ତ ଶିଳ୍ପ ଜମି, ରେଳ ଏବଂ ରାଜପଥ କରିଡର ପାର୍ଶ୍ୱରେ ସୌର ପ୍ୟାନେଲ ସ୍ଥାପନ କରିବା ବିକଳ୍ପଗୁଡ଼ିକ, ଭୂମି ଉପରେ ଚାପ ଏବଂ ଜଙ୍ଗଲ କ୍ଷୟ ହ୍ରାସ କରିବ । ଭାରତର ସୌର ନୀତିକୁ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିବାକୁ ପଡିବ, ଯେଉଁଠାରେ ଲକ୍ଷ୍ୟ କେବଳ ଗିଗାୱାଟ ଯୋଡିବା ନୁହେଁ ବରଂ ପ୍ରକୃତ ପରିବେଶଗତ ଲାଭ ସୁନିଶ୍ଚିତ କରିବା । ସୌର ଶକ୍ତିକୁ କେବଳ ନବୀକରଣୀୟ ବୋଲି ବିବେଚନା କରାଯାଇପାରିବ ଯଦି ଏହାକୁ ଗଛ, ଜମି ଏବଂ ସ୍ଥାନୀୟ ଇକୋସିଷ୍ଟମ ସହିତ ସମନ୍ୱୟରେ ବିସ୍ତାର କରାଯାଏ । ଅନ୍ୟଥା, ସ୍ୱଚ୍ଛ ଶକ୍ତିର ଏହି ସ୍ୱପ୍ନ ଏହାର ଲକ୍ଷ୍ୟକୁ ଦୁର୍ବଳ କରିବ ।

**ସୌରଶକ୍ତିର ମୌଳିକ ଧାରଣା ସରଳ ଏବଂ ନୀତିଗତ ଭାବରେ ଆକର୍ଷଣୀୟ । ସୂର୍ଯ୍ୟରୁ ପ୍ରାପ୍ତ ଶକ୍ତି ପ୍ରଦୂଷିତ କରେ ନାହିଁ କିମ୍ବା ସୀମିତ ସମ୍ବଳ ଉପରେ କୌଣସି ଚାପ ପକାଇ ନାହିଁ । କୋଇଲା, ତେଲ ଏବଂ ଗ୍ୟାସ-ଆଧାରିତ ବିଦ୍ୟୁତ ଉତ୍ପାଦନ ପରି, ସୌର ଶକ୍ତି ଉତ୍ପାଦନ କୌଣସି ଧୂଆଁ, ପାଉଁଶ ଏବଂ କାର୍ବନ ଡାଇଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍ କିମ୍ବା ନାଇଟ୍ରୋଜେନ୍ ଅକ୍ସାଇଡ୍ ପରି କ୍ଷତିକାରକ ଗ୍ୟାସ୍ ଉତ୍ପନ୍ନ କରେ ନାହିଁ । ଏହି କାରଣରୁ ସୌର ଶକ୍ତିକୁ ସ୍ୱଚ୍ଛ, ସବୁଜ, ଏବଂ ନବୀକରଣଯୋଗ୍ୟ ବୋଲି କୁହାଯାଏ ଏବଂ ଏହି ଆଧାରରେ ଏହାକୁ ବିଶ୍ୱ ଜଳବାୟୁ ସମାଧାନ ପାଇଁ ଏକ ପ୍ରମୁଖ ଉପକରଣ ଭାବରେ ବିବେଚନା କରାଯାଇଛି ।**

**ନୟାଗଡ଼,**
**ମୋ- ୯୪୩୭୬୪୨୯୪୭**

# ଲାଜକୁଳା ସ୍ୱଭାବ, ବନ୍ଧୁତ୍ୱ ଓ ମାନସିକତା

**ଡକ୍ଟର ସୁରେଶ କୁମାର ନାୟକ**

ଆପଣଙ୍କ ପିଲାଟି ଆବଶ୍ୟକତା ଠାରୁ ଅଧିକ ଲାଜକୁଳା ସ୍ୱଭାବର କି? ତେବେ ଏହା ଯଦିଓ ଅସ୍ୱସ୍ଥିକର କିମ୍ବା ଦୁଃଖଦ ବ୍ୟବହାର ନୁହଁ କିନ୍ତୁ ଏହି ମାନସିକତା ଭିତରୁ ପିଲାଟି ମୁକୁଳିବା ନିଶ୍ଚିନ୍ତ ଦରକାର । ଆମମାନଙ୍କ ଭିତରେ ଥିବା କେତେକ ପିଲାଙ୍କ ସ୍ୱଭାବ ଟିକେ ଲାଜକୁଳା । ଅନ୍ୟମାନଙ୍କ ସହ କଥା ହେବା ବେଳେ ସେମାନେ ମନଖୋଲି କଥା ହୋଇପାରନ୍ତି ନାହିଁ । ଏପରି କି ନିଜ ମନ ଭିତରେ ଥିବା କଥାକୁ ସେମାନେ ପରିପ୍ରକାଶ କରିବାକୁ ଚାହିଁ ନଥାନ୍ତି । ହେଲେ ମନରେ ହୁଏତ ଅନେକ କିଛି କ୍ରିଏଟିଭ ଚିନ୍ତାଧାରା ଲୁଚି ରହିଥାଇପାରେ । ସ୍ୱଭାବ ଯଦି ଲାଜକୁଳା ରହିଲା ତେବେ ତାହାର ପ୍ରଭାବ ପିଲାଙ୍କର ଜୀବନଶୈଳୀ ଉପରେ ପଡ଼ିବାର ମଧ୍ୟ ଆଶଙ୍କା ରହିଛି । ଯଦି ପିଲାମାନେ ଏଭଳି ଅଭ୍ୟାସ ସହ ଜଡ଼ିତ ତେବେ ମନରୁ ଏଭଳି ଭାବନାକୁ ଦୂର କରିବାର କେତେକ ସହଜ କଥା ସରଳ ଉପାୟ ରହିଛି । ପିଲାମାନେ ଏହାକୁ ଅନୁସରଣ କରିପାରନ୍ତି ।

ଆଜିକାଲି ଡିଜିଟାଲ ଲାଇଫରେ ପିଲାମାନେ ଏକୁଟିଆ ରହିଯାଉଛନ୍ତି । ନୂଆ ଲୋକଙ୍କ ସହ କଥା ହେବାରେ ତାଙ୍କୁ ଲାଜ ଲାଗିଥାଏ କିମ୍ବା ସଙ୍କୋଚ ବୋଧ ହୋଇଥାଏ । ଏହି ସମସ୍ୟାରୁ ବାହାରିବା ପାଇଁ ହେଲେ ସେମାନଙ୍କୁ ଅଧିକ ବନ୍ଧୁ କରିବାକୁ ହେବ । ସାଙ୍ଗ କରିବା ଏକ କଳା, ଯାହାକୁ ପିଲାମାନେ ଶିଖିବା ନିହାତି ଦରକାର । ବେଳେ ବେଳେ ପିଲାମାନେ ଏହା ଭାବିଥାନ୍ତି ଯେ ସାମ୍ନାରେ ଥିବା ବ୍ୟକ୍ତି କ'ଣ ଭାବିବ ? ଯଦି ଆମେ କାହା ସହ ଭେଟ ହେଉଛନ୍ତି, ତେବେ ତାଙ୍କୁ ହାଲୋ କହିବା ଆବଶ୍ୟକ । ଯଦିକିଛି ପିଲା ଏକାଠି ଖେଳୁଛନ୍ତି, ତେବେ ତାଙ୍କୁ ଅନ୍ୟ ପିଲାଟିଏ ପଚାରିପାରେ ମୁଁ ବି ତୁମ ସହ ଖେଳିପାରେ କି? ଏହି ସବୁ କଥା ଯାଦୁ ପରି କାମ କରିଥାଏ । ଯେମିତିକି ପାର୍କରେ ଯଦି କୌଣସି ପିଲା ଦୋଳିରେ ଝୁଲୁଛି ତେବେ ତାକୁ ଆଉ ଜଣେ କହିବ ଯେ କିଛି ସମୟ ତୁମେ ଝୁଲିବ, ତା'ପରେ ମୁଁ ଝୁଲିବି । ସାଙ୍ଗ ହେବାର ଏହା ସବୁ ଛୋଟ ଛୋଟ ପ୍ରୟାସ ।

ପିଲାମାନେ ଯଦି କୌଣସି ଜିନିଷରେ ଖେଳୁଛନ୍ତି କିମ୍ବା ଖାଉଛନ୍ତି ତେବେ ଅନ୍ୟ ସହ ଶେୟାରିଂ କରିବା ଶିଖିବା ଆବଶ୍ୟକ । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଭଲପାଇବା ବଢ଼ିଥାଏ । ଶେୟାର କରୁଥିବା ପିଲାମାନଙ୍କର ସାଙ୍ଗବହୁତ ଥାନ୍ତି । ଯଦି ଜଣେ ସାଙ୍ଗ ତା କଥା କିଛି କହୁଛି ତେବେ ତାଙ୍କ କଥା ପ୍ରଥମେ ପିଲାମାନେ ଶୁଣିବା ଅଭ୍ୟାସ କରିବା ଭଲ । ଯେତେବେଳେ ଜଣେ ପିଲା ତା ନୂଆ ସାଇକେଲ ବିଷୟରେ କହୁଚି, ତେବେ ଅନ୍ୟଜଣେ ପଚାରି ପାରିବ ଆରେ ବାଃ ଏହାର ରଙ୍ଗ କେତେ ସୁନ୍ଦର, ତୁ ଏହାକୁ କେଉଁଠୁ କିଣିଲୁ ? ଯେତେବେଳେ ଜଣେ ଅନ୍ୟର କଥାକୁ ଧ୍ୟାନ ଦେବେ ତେବେ ଅନ୍ୟମାନେ ସେହି ଅନୁଯାୟୀ ଜଣକୁ ଗୁରୁତ୍ୱ ଦେବେ ।

ପ୍ରଶଂସା ଏପରି ଏକ କଳା, ଯାହାକି ଅନେକ ସମୟରେ ବହୁତ କାମରେ ଆସିଥାଏ । ପିଲାମାନେ ସାଙ୍ଗମାନଙ୍କ ସହ ମିଶୁଥିବା ସମୟରେ ଅନ୍ୟ ପିଲାମାନଙ୍କର କେଉଁ ଗୁଣ ସବୁ ଭଲ ତାହା ଲକ୍ଷ୍ୟ କରିବା ଆବଶ୍ୟକ । କେତେକ ପିଲାଙ୍କର ହସ୍ତାକ୍ଷର ଭଲ । ତେଣୁ ସେଭଳି ହସ୍ତାକ୍ଷର ଲେଖିବାକୁ ଅନ୍ୟମାନେ ଚେଷ୍ଟା କରିବା ଉଚିତ । ଅନ୍ୟମାନଙ୍କର ଖେଳକୁଦ ଯଦି ଜଣକୁ ଆକର୍ଷିତ କରୁଛି ତେବେ ତାହା ସହ ପିଲାମାନେ ନିଜକୁ ସାମିଲ କରିବା ଜରୁରୀ । ଏହାଦ୍ୱାରା ମନରୁ ଲାଜକୁଳା ସ୍ୱଭାବ କେତେକାଂଶରେ ଦୂର ହେବ । କେବଳ ସେତିକି ନୁହେଁ, ଏହାଦ୍ୱାରା ମଧ୍ୟ ଅନ୍ୟମାନଙ୍କ ସହ ସେମାନଙ୍କର ବନ୍ଧୁତା ବଢ଼ିବ ।

ପିଲାଟିଏ ଯଦି ଅଧିକ ସମୟ ଏକୁଟିଆ ରହିଲା, ତେବେ ସେ ଲାଜକୁଳା ହେବାର ଆଶଙ୍କା ରହିଛି । ତେଣୁ ସେମାନେ ପରିବାର ସଦସ୍ୟଙ୍କ ସହ ଖୁସିରେ ସମୟ କାଟିବାକୁ ଚେଷ୍ଟା କରିବା ଦରକାର । ଏହାଦ୍ୱାରା ଲାଜକୁଳା ସ୍ୱଭାବ କିଛି ଦିନ ପରେ ବଦଳିଯିବ ଓ ଅନ୍ୟମାନଙ୍କ ସହିତ ମିଶିବାରେ ସେମାନଙ୍କୁ ଆଉ କୌଣସି ଅସୁବିଧା ହେବନି । ଭୁଲ କଲେ କ୍ଷମା ମାଗିବା ଏକ ଭଲ ଅଭ୍ୟାସ । ଖେଳ ଖେଳରେ ପିଲାମାନଙ୍କର ଝଗଡ଼ା ହେବା ସାଧାରଣ କଥା । ଯେଉଁ ପିଲା ନିଜ ଭୁଲ ବୁଝି ପାରି କ୍ଷମା ମାଗିନିଏ, ତା'ର ସାଙ୍ଗମାନଙ୍କ ସହିତ ବନ୍ଧୁତା ବହୁତ ଦିନ ପର୍ଯ୍ୟନ୍ତ ତିଷ୍ଠି ରୁହେ ଏବଂ ମନରୁ ଲାଜକୁଳା ସ୍ୱଭାବ ମଧ୍ୟ ଦୂର ହୁଏ । ଟିମ ୱାର୍କର ମହତ୍ୱ ପିଲାମାନେ ବୁଝିବା ଦରକାର । ଏହାଦ୍ୱାରା ମନରୁ ଲାଜ ଦୂର ହେବ ଏବଂ ଏକାଠି ହେଉ ବା ନିଜେ କିଛି କାମ କରିବାକୁ ମନରେ ଆଗ୍ରହ ସୃଷ୍ଟି ହେବ । ପିଲାମାନେ ଯଦି ଖେଳୁଛନ୍ତି, ତେବେ ସେମାନେ ଲାଜ ଛାଡ଼ି ଅନ୍ୟମାନଙ୍କ ସହ ସାମିଲ ହେବା ଆବଶ୍ୟକ । ଏହାଦ୍ୱାରା ପିଲାମାନଙ୍କ ମନ ପ୍ରଫୁଲ୍ଲ ରହିବ ଏବଂ ପାଠପଢ଼ା ବ୍ୟତୀତ ଆହୁରି ଭଲ କାମକୁ ପିଲାମାନେ ଠିକ୍ ଭାବରେ କରିପାରିବେ । କେତେକ ଲାଜକୁଳା ପିଲା ଚାପର ବଶବର୍ତ୍ତୀ ହୋଇ କିଛି କହିବା ଓ କରିବାକୁ ଅନେକ ସମୟରେ ଭୟ କରନ୍ତି । ମାତ୍ର ଏପରି ଭାବନାକୁ ମନରୁ କାଢ଼ି ଦିଆଯିବା ଜରୁରୀ । ଏମିତିକି କାମ ଆରମ୍ଭ କଲେ ଭୁଲ ବି ହୋଇପାରେ, କିନ୍ତୁ ସୁଧାରିବାର ସୁଯୋଗ ବି ସେମାନେ ପାଇପାରିବେ । ତେଣୁ ପିଲାମାନେ ଆତ୍ମବିଶ୍ୱାସକୁ ଦୃଢ଼ କରି ସବୁ କାମ କରିବାକୁ ଆଗଭର ହେବା ଆବଶ୍ୟକ ।

**ପିଲାଟିଏ ଯଦି ଅଧିକ ସମୟ ଏକୁଟିଆ ରହିଲା, ତେବେ ସେ ଲାଜକୁଳା ହେବାର ଆଶଙ୍କା ରହିଛି । ତେଣୁ ସେମାନେ ପରିବାର ସଦସ୍ୟଙ୍କ ସହ ଖୁସିରେ ସମୟ କାଟିବାକୁ ଚେଷ୍ଟା କରିବା ଦରକାର । ଏହାଦ୍ୱାରା ଲାଜକୁଳା ସ୍ୱଭାବ କିଛି ଦିନ ପରେ ବଦଳିଯିବ ଓ ଅନ୍ୟମାନଙ୍କ ସହିତ ମିଶିବାରେ ସେମାନଙ୍କୁ ଆଉ କୌଣସି ଅସୁବିଧା ହେବନି ।**

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ,**
**କଟକ, ମୋ-୯୪୩୭୨୨୫୫୯୨**

# ଶରୀର ଉତ୍ତାପ କମିଗଲେ



**ଡାକ୍ତର ଗୁରୁପଦ ମିଶ୍ର**

ଆମେ ଏବେ ବସନ୍ତ ଋତୁ ସମୟକୁ ଉପଭୋଗ କରୁଛେ । ଶୀତ ଅତିକ୍ରମ କରି ଦାରୁଣ ଗ୍ରୀଷ୍ମର ମଧ୍ୟବର୍ତ୍ତୀ ସମୟଟି ହେଉଛି ବସନ୍ତ ଋତୁ। ତେବେ କଥାରେ ଅଛି ଦେହ ଥିଲେ ରୋଗ ତ ନିଶ୍ଚୟ ରହିବ । ଅନେକଙ୍କ ଶରୀରରେ ହଠାତ୍ ଉତ୍ତାପ ନିମ୍ନଗାମୀ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏହି ସମୟରେ ପୀଡ଼ିତ ଜଣଙ୍କର ପାଖ ଲୋକମାନେ ବ୍ୟସ୍ତ ହୋଇପଡ଼ିଥାନ୍ତି । ତେବେ ଶରୀରର ଉତ୍ତାପ ନିମ୍ନଗାମୀ ହେବା ଏବଂ ଏହାର ଚିକିତ୍ସା ଆରମ୍ଭ କଲେ, କୌଣସି ସମସ୍ୟା ପରବର୍ତ୍ତୀ ସମୟକୁ ଆଉ ରହିବ ନାହିଁ । ଶରୀର ଉତ୍ତାପ ହଠାତ୍ ୯୫ ଡିଗ୍ରୀ ଫାରେନ୍‌ହାଇଟ୍ ତଳକୁ ଖସି ଗଲେ, ତାହାକୁ ହାଇପୋଥର୍ମିଆ କୁହାଯାଏ ।

ହାଇପୋର୍ଥମିଆ ହେଲେ ମୁଣ୍ଡକୁ ଖୋଲା ରଖନ୍ତୁ ନାହିଁ ।

ପାଣିରେ ଅଧିକ ସମୟ ରୁହନ୍ତୁ ନାହିଁ ।

ବର୍ଷାରେ ଭିଜି ଯାଇଥିବା ପୋଷାକକୁ ଯଥାଶିଘ୍ର ଦେହରୁ ଓହ୍ଲାଇ ଦିଅନ୍ତୁ ।

ରୋଗୀ ବିଳିବିଳେଇ ହେଲେ ଡାକ୍ତରଖାନା ନିଅନ୍ତୁ ।

ହାଇପୋର୍ଥମିଆ ହେଲେ ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବାରେ କଷ୍ଟ ହୋଇଥାଏ ।

ଅତ୍ୟଧିକ ଥଣ୍ଡା ଲାଗିବା, ଶରୀର ଦରଜ ହେବା ଆଦି ଲକ୍ଷଣ ଦେଖାଦେଲେ, ଜାଣିବେ ଆପଣଙ୍କୁ ହାଇପୋଥର୍ମିଆ ହୋଇଛି ।

ହାଇପୋଥର୍ମିଆ ରୋଗୀ ଉଭୟ ଶାରିରୀକ ଓ ମାନସିକ ସ୍ତରରେ ଦୁର୍ବଳ ଅନୁଭବ କରିଥାଏ ।

ମାନସିକସ୍ତରରେ ଦୁର୍ବଳ, ଆଜ୍‌ମା, ପୃଷ୍ଟିହୀନତା ରୋଗର ଶୀକାର ହୋଇଥିବା ଲୋକମାନଙ୍କ ପ୍ରତି ହାଇପୋଥର୍ମିଆ ରୋଗ ଭାରି ବିପଦ ଆଣିଥାଏ ।

ରୋଗୀକୁ ଥଣ୍ଡା ଅଞ୍ଚଳରୁ ଗରମ ଅଞ୍ଚଳକୁ ସ୍ଥାନାନ୍ତରିତ କରନ୍ତୁ ।

ଶରୀର ଓ ମୁଣ୍ଡକୁ ଢ଼ାଙ୍କି ରଖନ୍ତୁ ।

ଗରମ ପାଣି ଜମାରୁ ପିଆନ୍ତୁ ନାହିଁ । ନିଆଁ ପାଖରେ ବସାନ୍ତୁ ନାହିଁ ।

ବେକ ଓ ଛାତିରେ ନିଆଁ ସେକ ଦିଅନ୍ତୁ ।

ହାତ ପାପୁଲି ଓ ପାଦ ତଳେ ତେଲ ମାଲିସ୍ କରନ୍ତୁ ।

ରୋଗୀକୁ କୌଣସି ପରିସ୍ଥିତିରେ ଆଲକୋହଲ୍ ଗ୍ରହଣ କରିବାର ସୁଯୋଗ ଦିଅନ୍ତୁ ନାହିଁ। ରୋଗୀର ଶରୀରକୁ ମୋଡ଼ାମୋଡ଼ି କରନ୍ତୁ ନାହିଁ ।

ସବୁବେଳେ ଗୋଟିଏ କଥା ଭଲ ଭାବେ ମନେରଖନ୍ତୁ, ଏପରି ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜିଲେ ପୀଡ଼ିତ ବା ରୋଗୀ ଜଣଙ୍କୁ ସର୍ବନିମ୍ନ ଘରୋଇ ଉପଚାର କରିବା ପରେ ତୁରନ୍ତ ନିଟକସ୍ଥ ସରକାରୀ ଡାକ୍ତରଖାନାକୁ ନିଅନ୍ତୁ । ସରକାରୀ ବ୍ୟବସ୍ଥାରେ ଡାକ୍ତରୀ ପରାମର୍ଶ ଠାରୁ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା ସହ ମାଗଣା ଔଷଧ ପ୍ରଦାନର ବ୍ୟବସ୍ଥା ରହିଛି । କୌଣସି ପରିସ୍ଥିତିରେ ଗୁଣୀ ଗାରେଡ଼ି ବା ନକଲି ଡାକ୍ତର (କ୍ୱାକ୍)ଙ୍କ ଚିକିତ୍ସା ବା ପରାମର୍ଶ ଗ୍ରହଣ କରନ୍ତୁ ନାହିଁ । ଧୈର୍ଯ୍ୟହରା ନହୋଇ ଭଗବାନ ଓ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ଭରସା ରଖନ୍ତୁ ଦେଖିବେ ରୋଗୀଟି ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିବ।

**ସହକାରୀ ପ୍ରଫେସର, ଭେଷଜ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋ-୯୪୩୮୫୧୧୦୭୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ ରାଜ୍ୟ ପାଇଁ ...

ତାମିଲନାଡୁରେ ଏପ୍ରିଲ ୨୩ରେ ୨୩୪ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବାକୁ ଥିବାବେଳେ ମାର୍ଚ୍ଚ ୩୦ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶନ ପାଇଁ ତାରିଖ ରହିଛି । ଏପ୍ରିଲ ୬ ନାମାଙ୍କନ ଦାଖଲ ତାରିଖ, ଏପ୍ରିଲ ୭ରେ ନାମାଙ୍କନ ଯାଞ୍ଚ, ନାମାଙ୍କନ ପ୍ରତ୍ୟାହାର ପାଇଁ ଏପ୍ରିଲ ୯ ଶେଷ ତାରିଖ ରହିଛି । କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଏପ୍ରିଲ ୯ରେ ମତଦାନ ହେବାକୁ ଥିବାବେଳେ ମାର୍ଚ୍ଚ ୧୬ ଗେଜେଟ୍ ବିଜ୍ଞପ୍ତି ପ୍ରକାଶନ ପାଇଁ ତାରିଖ ରହିଛି । ମାର୍ଚ୍ଚ ୨୩ ନାମାଙ୍କନ ଦାଖଲ, ମାର୍ଚ୍ଚ ୨୪ରେ ନାମାଙ୍କନ ଯାଞ୍ଚ, ନାମାଙ୍କନ ପ୍ରତ୍ୟାହାର ପାଇଁ ମାର୍ଚ୍ଚ ୨୬ ଶେଷ ତାରିଖ ରହିଛି । ନିର୍ବାଚନ ଫଳାଫଳ ମେ' ୪ ତାରିଖରେ ଆସିବ ବୋଲି ମୁଖ୍ୟ ନିର୍ବାଚନ ଆୟୁକ୍ତ କହିଛନ୍ତି ।

### ବିଧାନସଭାର କାର୍ଯ୍ୟକାଳ ଶେଷ ହେବ

- ପଶ୍ଚିମବଙ୍ଗ: ୭ ମଇ ୨୦୨୬
- ତାମିଲନାଡୁ: ୧୦ ମଇ ୨୦୨୬
- ଆସାମ: ୨୦ ମଇ ୨୦୨୬
- କେରଳ: ୨୩ ମଇ ୨୦୨୬
- ପୁଡୁଚେରି: ୧୫ ଜୁନ୍ ୨୦୨୬

ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀ ଉପସ୍ଥିତିରେ ସେ କହିଛନ୍ତି, ନିର୍ବାଚନ କମିସନ ଦଳ ଗତ କିଛି ସପ୍ତାହ ମଧ୍ୟରେ ଏହି ସମସ୍ତ ରାଜ୍ୟ ଗସ୍ତ କରିଥିଲା । ଫେବ୍ରୁଆରିରେ ଆସାମ, ତାମିଲନାଡୁ ଏବଂ ପୁଡୁଚେରୀ, ମାର୍ଚ୍ଚ ୬-୭ରେ କେରଳ ଏବଂ ମାର୍ଚ୍ଚ ୯-୧୦ରେ ପଶ୍ଚିମବଙ୍ଗରେ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା ।

## ଆଜି ରାଜ୍ୟସଭା...

ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ହୋଟେଲ ଓ ଭୋଜନ ପଲିଟିକ୍ସ ।

ରାଜ୍ୟସଭା ନିର୍ବାଚନରେ ଭୋଟ ଦେବେ ୧୪୭ ଜଣ ବିଧାୟକ । ସେଥିରୁ ବିଜେପିର ୭୮ ବିଧାୟକ ଥିବା ବେଳେ ବିଜେପି ସମର୍ଥିତ ବିଧାୟକ ୩ଜଣ, ବିଜେଡିର ୫୦ଜଣ ବିଧାୟକଙ୍କ ମଧ୍ୟରୁ ଦୁଇ ଜଣ ବିଧାୟକ ନିଲମ୍ବିତ ଅଛନ୍ତି । ସେହିପରି କଂଗ୍ରେସର ୧୪ ଜଣ ବିଧାୟକ ଓ ଜଣେ ସିପିଆଇ(ଏମ୍) ବିଧାୟକ ଭୋଟ ଦେବେ ।

ରାଜ୍ୟସଭା ଆସନ ପାଇଁ ବିଜେପି ପକ୍ଷରୁ ମନମୋହନ ସାମଲ ଓ ସୁଜିତ କୁମାର ନିର୍ବାଚନ ଲଢୁଥିବା ବେଳେ ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ରଙ୍କ ମଇଦାନକୁ ଓହ୍ଲାଇଛନ୍ତି । ରାଜ୍ୟସଭାର ଚତୁର୍ଥ ଆସନ ବିଜୟକୁ ନେଇ ରାଜନୀତିରେ ଦ୍ୱନ୍ଦ । ବିଜେଡି ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଏବଂ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ରାଜ୍ୟସଭା ପ୍ରାର୍ଥୀତ୍ୱକୁ ନେଇ ଏବେ ଓଡ଼ିଶା ରାଜନୀତିରେ ବିଧାୟକ ଲୁଚକାଳି ଆରମ୍ଭ କରିସାରିଲେଣି ।

## ବିରୋଧୀ ଶିବିରର ...

ବିରୋଧୀ ବିଜେଡି-କଂଗ୍ରେସ ଶିବିର ନିଜ ବିଧାୟକମାନଙ୍କୁ ଏକଜୁଟ ରଖିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି । ଏବେ ସବିଶେଷ ସୂଚନା ଅନୁଯାୟୀ ବିରୋଧୀ ଶିବିରର ୩ ବିଧାୟକଙ୍କ ପତ୍ତା ମିଳୁନାହିଁ । କଂଗ୍ରେସର ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଦଳୀୟ ଯୋଗଯୋଗରେ ନଥିବା ବେଳେ ବିଜେଡିର ବାଲିଗୁଡ଼ା ବିଧାୟକ ଚନ୍ଦ୍ରମଣି କହଁର ଓ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ବିଧାୟକ ଦଳ ବୈଠକକୁ ଆସୁନାହାନ୍ତି । ଉଭୟ ବିଜେଡି-କଂଗ୍ରେସ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ତେବେ ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦଳରୁ ଅଧିକ କ୍ରସ ଭୋଟିଂ ହେବାର ସମ୍ଭାବନା ରହିଛି ।

ଆଜି ପ୍ରଥମେ କଂଗ୍ରେସ ପକ୍ଷରୁ ଦାଶରଥୀ ଗମାଙ୍ଗଙ୍କୁ ନୋଟିସ ଜାରି କରାଯାଇ ସନ୍ଧ୍ୟା ୫ଟା ସୁଦ୍ଧା ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ କୁହାଯାଇଥିଲା । କାହିଁକି ଦଳ ସହ ଯୋଗାଯୋଗରେ ନାହଁ ତାର କାରଣ ଦର୍ଶାଇବାକୁ କୁହାଯାଇଥିଲା । ତେବେ ସନ୍ଧ୍ୟା ୫ଟା ସୁଦ୍ଧା ଦାଶରଥୀ ନାଁ ଆସିଥିଲେ ନାଁ କଂଗ୍ରେସ ନେତୃବର୍ଗଙ୍କୁ ଯୋଗାଯୋଗ କରିଥିଲେ । ପିସିସି ଶୃଙ୍ଖଳା କମିଟି ପକ୍ଷରୁ ପୁନର୍ବାର ନୋଟିସ ଦିଆଯାଇ ସକାଳ ୯ଟା ସୁଦ୍ଧା ଆସି ଦଳୀୟ ନେତୃତ୍ୱଙ୍କୁ ଭେଟିବା ପାଇଁ ସମୟ ଦିଆଯାଇଛି । କାହିଁକି କାର୍ଯ୍ୟାନୁଷ୍ଠାନ ନହେବ ସେ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଏହାସହ ଶରଦ ଯାଦବଙ୍କ ଉଦାହରଣ ଦିଆଯାଇ ସଭ୍ୟ ପଦ ରଦ୍ଦର ଚେତାବନୀ ଦିଆଯାଇଛି ।

ସେହିପରି ବିଜେଡିର ୨ ବିଧାୟକ ଚନ୍ଦ୍ରମଣି କହଁର ଓ ନବକିଶୋର ମଲ୍ଲିକଙ୍କୁ ରାତ୍ରୀ ୯ଟା ମଧ୍ୟରେ ନବୀନ ନିବାସ ପହଞ୍ଚିବାକୁ କୁହାଯାଇଥିଲା । କାହିଁକି ଦଳୀୟ ବୈଠକରେ ଉପସ୍ଥିତ ରହିନାହଁ, ସେ ସମ୍ପର୍କରେ ଜଣାଇବାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ।

ବିଜେଡି ପକ୍ଷରୁ ଦଳରୁ ନିଲମ୍ବନ ହୋଇଥିବା ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କୁ ଚିଠି ଲେଖାଯାଇ ସଭ୍ୟପଦ ରଦ୍ଦର ଚେତାବନୀ ଦିଆଯାଇଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଉଭୟଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦଳର ଚିହ୍ନରେ ନିର୍ବାଚନ ଜିତିଛ । ନିଲମ୍ବନ ହୋଇଥିଲେ ବି ନିଜର ସାମ୍ବିଧାନିକ କାର୍ଯ୍ୟକୁ ଭୁଲି ଯିବା ଉଚିତ ନୁହେଁ । ରାଜ୍ୟସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ବିଧାୟକମାନଙ୍କୁ ହ୍ୱିପ ଜାରିକରାଯାଇ ନିର୍ଦ୍ଦେଶ ଦିଆଯାଇଛି ଯେ, ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ । ନଚେତ ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁଯାୟୀ ସଭ୍ୟପଦ ରଦ୍ଦ ହୋଇପାରେ ।

ସେହିଭଳି ବିଜେପି ବିଧାୟକମାନେ ପାରାଦୀପର ଏକ ହୋଟେଲରେ ରହୁଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେହି ହୋଟେଲକୁ ଯାଇଛନ୍ତି । ସେଠାରେ ଦଳୀୟ ବିଧାୟକମାନଙ୍କୁ ରାଜ୍ୟସଭା ଭୋଟିଂ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି ।

## ରାଜ୍ୟସଭା ରାଜନୀତି...

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋମବାର ରାଜ୍ୟସଭା ନିର୍ବାଚନ, ଆଉ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେପିର ପ୍ରାୟ ସମସ୍ତ ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆସି ହଠାତ ପହଞ୍ଚିବା ସମସ୍ତଙ୍କୁ ବେଶ ଚକିତ କରିଛି । କେହି କେହି ଏହାକୁ ବିଧାୟକମାନଙ୍କୁ ଭୋଟ ସଂକ୍ରାନ୍ତୀୟ ତାଲିମ ଶିବିର କହୁଥିବାବେଳେ ଅନେକ ଏହାକୁ ସମସ୍ତଙ୍କୁ ଗୋଟିଏ ମୁଣାରେ ପୁରାଇ ବାନ୍ଧି ରଖିବା ଓ ବିଜୟ ପୂର୍ବରୁ ଉତ୍ସବ ମନାଇବା ମଧ୍ୟ ଆଲୋଚନା କରୁଛନ୍ତି । ବିଜେପି ଦଳରୁ ମନମୋହନ ସାମଲ ଓ ସୁଜିତ କୁମାର ରାଜ୍ୟସଭା ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଦଳ ଖୋଲାଖୋଲି ସମର୍ଥନ କରିଛି ।

ଦିଲୀପଙ୍କ ସପକ୍ଷରେ ବିଜେପି ସମର୍ଥନ କଲା ପରେ ମଧ୍ୟ ଆବଶ୍ୟକୀୟ ସଂଖ୍ୟା ନଥିବା ଓ ଅନ୍ୟପଟେ ବିଜେପି ବିଧାୟକ ଏବଂ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏକାଠି ହେବା ଏଠି ନିଶ୍ଚୟ ଯେ ରଜନୀତିର ରାଜ୍ୟସଭା ଗଣିତ କଷା ଯାଉଛି । ତାହା ସମସ୍ତେ ବୁଝି ସାରିଲେଣି କଂଗ୍ରେସ ନିଜ ଦଳର ୮ ବିଧାୟକଙ୍କୁ ଧରି ବେଙ୍ଗାଲୁରୁରେ ଥିବା ଓ ବିଜେଡି ନବୀନ ନିବାସରେ ନିଜ ବିଧାୟକମାନଙ୍କୁ ନେଇ ମାନସ ମନ୍ଥନ କରିଛନ୍ତି । କଂଗ୍ରେସ ଓ ବିଜେଡିର କିଛି ଅସନ୍ତୁଷ୍ଟଙ୍କୁ ମନେଇ ନିଜ ସପକ୍ଷରେ ଭୋଟ ଆଣିବା ପାଇଁ ସାଶକ ବିଜେପି ଉଦ୍ୟମ ମଧ୍ୟ ଜାରି ରଖିଛି । ବିଜେପି ଦୁଇଦିନ ଆଗରୁ ଆସି ତାର ସମସ୍ତ ବିଧାୟକମାନଙ୍କ ସହ ଏଠାରେ ଡେରା ପକାଇ ଥିବା ବେଳେ ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଓ ଦିଲ୍ଲୀପ ରାୟ ଏହି ହୋଟଲରେ ଥାଇ ବିଜେପି ଭୋଟକୁ ଗୋଟିଏ ଜାଗାରେ ସଂଘଠିତ କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି । ଅବଶ୍ୟ ରାଜ୍ୟ ସଭାପତି ତଥା ପ୍ରାର୍ଥୀ ମନମୋହନ ସାମଲ ଆମର ତିନୋଟି ସିଟରେ ବିଜୟ ହେବା ବୋଲି ଦୃଢତାର ସହ କହିଥିବା ପ୍ରାର୍ଥୀ ସୁଜିତ କୁମାର ପ୍ରକାଶ କରିଛନ୍ତି । ସେ ଯାହା ହେଉନା କାହିଁକି ରାଜ୍ୟ ରାଜନୀତିରେ ରାଜ୍ୟସଭା ନିର୍ବାଚନକୁ ନେଇ ଚାଲିଥିବା ରାଜନୀତିର ମିଶାଣ ଓ ଫେଡ଼ାଣ ଏବେ ବନ୍ଦର ନଗରୀରେ ବେଶ ଉଷ୍ମତା ଭରି ଦେଇଛି । ଏକଥା ସ୍ପଷ୍ଟ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଥିବା ବେଳେ ଅନ୍ୟ ନେତୃମଣ୍ଡଳୀ, ବିଧାୟକ ଓ ମନ୍ତ୍ରୀ ମାନେ ଏଠାରେ ଅଛନ୍ତି । ସୋମବାର ସକାଳୁ ସେମାନେ ଏକତ୍ରିତ ହୋଇ ଭୁବନେଶ୍ୱର ଯିବେ ଓ ସେଠାରେ ଭୋଟ ଦେବେ ବୋଲି ସୂଚନା ମିଳିଛି ।

## ଘୂର୍ଣ୍ଣିଝଡ଼ ନେଲା...



ଗ୍ରାମରେ ୭୦ରୁ ଉର୍ଦ୍ଧ ଘରର ଛପର ଉଡିଯାଇଛି । ସନ୍ଧ୍ୟାବେଳକୁ କରଞ୍ଜିଆ ଡାକ୍ତରଖାନାରେ ଆହତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତଙ୍କୁ ଚିକିତ୍ସା କରାଯାଇଥିଲା । ମାଜିଷ୍ଟ୍ରେଟ ବେଦବ୍ୟାସ ଭୋଇ ସମସ୍ତ ଆହତଙ୍କ କଥା ବୁଝିଥିଲେ । କରଞ୍ଜିଆ ଏସଡିପିଓ ନବ କୃଷ୍ଣ ନାୟକ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକୁ ଯାଇ ଆହତ ମାନଙ୍କୁ ଉଦ୍ଧାର କରିଥିଲେ । କରଞ୍ଜିଆ ଥାନା, ଆମ୍ବୁଲାନ୍ସ, ଦମକଳ ବାହିନୀ, ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ । ପ୍ରାୟ ୨୦୦ ଟି ଘରର ଛପର ଉଡି ଯାଇଥିବାର ଖବର ମିଳିଛି । ସୋମବାର ପ୍ରଶାସନ ପକ୍ଷରୁ ଥଇଥାନ କରାଯିବାର ବ୍ୟବସ୍ଥା କରାଯିବ ।



ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ।

## ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ପାଇଁ ଗଣତାନ୍ତ୍ରିକ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା

ବାଲେଶ୍ୱର,(ସବ୍ୟୁ): ଜିଲ୍ଲାବାସୀଙ୍କୁ ଉନ୍ନତ ସରକାରୀ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସମସ୍ତ ଆବେଦନ ନିବେଦନ ବ୍ୟର୍ଥ ହେବା ପରେ ଗଣତାନ୍ତ୍ରିକ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା ବୋଲି ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀରେ ମତପ୍ରକାଶ ପାଇଛି । ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ପ୍ରଦୀପ ଦାସ ୧୮ ଦଫା ଦାବି ଓ ଦାବି ପୂରଣ ପାଇଁ ସପ୍ତାହବ୍ୟାପୀ ଗଣଧାରଣା, ଏବଂ ବାଲେଶ୍ୱରର ବହୁ ସାମାଜିକ ଓ ଗଣ ସଂଗଠନମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି କମଲ ଚକ୍ରବର୍ତ୍ତୀ, ଡ. ଅଜିତ୍ ମହାନ୍ତି, କୁମୁଦ ରଂଜନ ଗିରି, ଡ. କେଶବ ଚରଣ ପଣ୍ଡା, ଉମାକାନ୍ତ ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ତରୁଣ ଦାସ, କହ୍ନେଇ ବେହେରା, ବିଧାନ ରାୟ, ତୁଷାର ମହାପାତ୍ର, ଦାମୋଦର ନାୟକ, ଭାରତୀ ପଣ୍ଡା, ଷ୍ଟାଲିନ୍ ମିଶ୍ର, ମହେଶ୍ୱର ବେହେରା, ଗୋବିନ୍ଦ ଚନ୍ଦ୍ର ଭୋଇ, ଦୁଷ୍ମନ୍ତ ଦାସ, ଡ. କ୍ଷିତୀଶ୍ୱର ଦାଶ, ଦିଲ୍ଲୀପ ଗିରି, ଅଭୟ ମିଶ୍ର ଓ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ ଦୁରାବସ୍ଥାର ପ୍ରତ୍ୟକ୍ଷ ବିବରଣୀ ପ୍ରଦାନ କରି ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ପଦବୀ ପୂରଣ, ଏମ୍ସ ସାଟେଲାଇଟ୍ ସେଣ୍ଟ ଓ ରୋଗ, ସ୍ନାୟୁରୋଗର ବିଭାଗ ଖୋଲିବା, ଜାତୀୟ ରାଜପଥରୁ ମେଡିକାଲ୍ କଲେଜକୁ ପ୍ରସ୍ତାବିତ ସଂଯୋଗ ରାସ୍ତା ନିର୍ମାଣ ଓ ମେଡିକାଲ୍ କଲେଜର ପ୍ରିନ୍ସିପାଲ୍ ଓ ଆଡ଼ମିନିଷ୍ଟ୍ରେଟିଭ୍ ଅଫିସରଙ୍କୁ ବଦଳି ପ୍ରଭୃତି ଦାବି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ତେଣୁ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ୍ ଅଫିସ୍ ସମ୍ମୁଖରେ ଗଣଧାରଣା, ନିର୍ବାଚିତ ସାଂସଦ ଓ ବିଧାୟକମାନଙ୍କୁ ଗଣସାକ୍ଷାତକାର, ପଞ୍ଚାୟତସ୍ତରରୁ ସ୍ୱାସ୍ଥ୍ୟସେବା ସଂପର୍କରେ ସଚେତନତା ଓ ବାଲେଶ୍ୱର ବନ୍ଦ ଭଳି ବିଭିନ୍ନ ଆନ୍ଦୋଳନର ପ୍ରସ୍ତାବ ଆଗତ କରାଯାଇଥିଲା । ଗଣତାନ୍ତ୍ରିକ ପଦ୍ଧତିରେ ଲଗାତର ଆନ୍ଦୋଳନ ହିଁ ଦାବି ପୂରଣର ଏକମାତ୍ର ପଥ ବୋଲି ବହୁ ବକ୍ତା ନିଜର ମତ ପ୍ରକାଶ କରିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ମଞ୍ଚ ଆହ୍ୱାନ କରିଥିବାବେଳେ ପ୍ରମିତା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୟାମସୁନ୍ଦର ଜେନା, ଯତୀନ୍ ପାତ୍ର, ସୁକୁମାର ରଣା, ଯୋଗେନ୍ଦ୍ର ମାହାର୍ଣ୍ଣା, ପ୍ରଫୁଲ୍ଲ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ରହଣିଆ ପିଏମଶ୍ରୀ ବିଦ୍ୟାଳୟରେ କିଶୋରୀ ସଚେତନତା ଶିବିର

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ କିଶୋରୀ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦେବଦତ୍ତ ଯେନାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଷଷ୍ଠ ରୁ ଦଶମ ଶ୍ରେଣୀ କିଶୋରୀମାନଙ୍କ ସଚେତନତା, ନେତୃତ୍ୱ ଆଭିମୁଖ୍ୟର ବିକାଶ, ସ୍ୱାସ୍ଥ୍ୟ ସଚେତନତା ପାଇଁ ଅନୁଷ୍ଠିତ ଏହି ଶିବିରରେ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ମୁଖ୍ୟ ଅତିଥି, ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜିକା ତଥା ଏବିଇଓ ମଞ୍ଜୁଳା ନାୟକ, ସବଇନିସପେକଟର ମଧୁସ୍ମିତା ସିଂ, ବିଦ୍ୟାଳୟ ଆଲମୁନି କମିଟି ଉପସଭାପତି କରୁଣାକର ତରାଇ ଓ ଶିକ୍ଷୟତ୍ରୀ ଇତିଶ୍ରୀ ନିବେଦିତା ଶାହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ପାରିବାରିକ, ସାମାଜିକ, ବିଦ୍ୟାଳୟ ଜୀବନରେ କିଶୋରୀମାନଙ୍କ ପାଇଁ ଥିବା ସାର୍ବଜନୀନ ସମସ୍ୟା, ଆହ୍ୱାନ ଓ ଆଶଙ୍କା ଆଦି ସମ୍ପର୍କରେ ଆଲୋକପାତ କରିବା ସହ ଏହାର ମୁକାବିଲା ପାଇଁ ବ୍ୟକ୍ତିଗତ ଉଦ୍ୟମ ଓ ସରକାରୀ ବ୍ୟବସ୍ଥାର ଉପଯୋଗୀତା ଆଦି ସମ୍ପର୍କରେ ସଚେତନ କରାଇଥିଲେ । ଏହାସହ କିଶୋରୀମାନେ ପ୍ରତି ପଦକ୍ଷେପରେ ଉପଯୁକ୍ତ ବିଚାରବୋଧ ଓ ସାବଧାନତା ସହ ନିଜ କାର୍ଯ୍ୟ ଓ ସଂପୃକ୍ତି ତୁଲାଇବାକୁ ଶିବିରରେ ପରାମର୍ଶ ଦିଆଯାଇ କିଶୋରୀ କ୍ଲବ ଗଠନ ପାଇଁ ପଦକ୍ଷେପ ନେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । କିଶୋରୀମାନେ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବାକୁ ଅତିଥିମାନେ ଶିବିରରେ ବୁଝାଇଥିଲେ । ଶିକ୍ଷୟତ୍ରୀ ସ୍ମୃତିରେଖା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ ।

## ୧୧ ମାଓବାଦୀଙ୍କ...




କାର୍ଯ୍ୟକ୍ରମରେ ୧୧ ଜଣ ହାର୍ଡକୋର ମାଓବାଦୀ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି । ପୋଲିସ ଡ଼ିଜି ଯୋଗେଶ ବାହାଦୁର ଖୁରାନିଆ , ଏଡିଜି (ମାଓ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଆଇଜି ସିଆରପିଏଫ ଅମିତେନ୍ଦ୍ର ନାଥ ସିହ୍ନା, ଆଇଜି ଅପରେସନ ଡକଫର ଦୀପକ କୁମାର, ଡିଆଇଜି ଏସଆଇଡବ୍ଲୁ ଅଖିଳେଶ୍ୱର ସିଂହ, ଡିଆଇଜି କୋରାପୁଟ ବିଶାଳ ସିଂହ, କଳାହାଣ୍ଡି ଏସ୍ପି ନାଗରାଜ ଦେବରକୋଣ୍ଡା, ରାୟଗଡ଼ା ଏସପି ସ୍ୱାତୀ ଏସ୍. କୁମାର ଏବଂ କନ୍ଧମାଳ ଏସପି ହରିଶା ବି.ସି. ଙ୍କ ସମେତ ବରିଷ୍ଠ ପୁଲିସ ଏବଂ ଅର୍ଦ୍ଧସାମରିକ ଅଧିକାରୀଙ୍କ ଉପସ୍ଥିତିରେ ଏହି କ୍ୟାଡରମାନେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମ୍ମୁଖରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ର ଓଡ଼ିଶା ରାଜ୍ୟ କମିଟିର ଡିଭିଜନାଲ କମିଟି ସଦସ୍ୟ ନକୁଳ ଥିଲେ, ଯାହାଙ୍କ ମୁଣ୍ଡରେ ୨୨ ଲକ୍ଷ ଟଙ୍କା ପୁରସ୍କାର ଥିଲା । ଏହି ଗୋଷ୍ଠୀରେ ଜଣେ ଡିଭିଜନାଲ କମିଟି ସଦସ୍ୟ, ପାଞ୍ଚ ଜଣ ଏରିଆ କମିଟି ସଦସ୍ୟ ଏବଂ ପାଞ୍ଚ ଜଣ ଦଳୀୟ ସଦସ୍ୟ ଥିଲେ । ଏକତ୍ର ସେମାନେ ୬୩.୨୫ ଲକ୍ଷ ଟଙ୍କାର କ୍ରମାଗତ ପୁରସ୍କାର ଘୋଷିତ ହୋଇଥିଲେ । ମାଓବାଦୀଙ୍କ ଆତ୍ମସମର୍ପଣ ସମାବେଶକୁ ସମ୍ବୋଧିତ କରି ଶ୍ରୀ ଖୁରାନିଆ କହିଛନ୍ତି ଯେ ଏହି ଅଞ୍ଚଳରେ ମାଓ ଚିନ୍ତାଧାରାର କ୍ରମାଗତ ଭାବରେ ଦୁର୍ବଳ ହେଉଥିବା ପ୍ରଭାବକୁ ପ୍ରତିଫଳିତ କରୁଛି । ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ , ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ , ସୁରକ୍ଷା ବାହିନୀ ଦ୍ୱାରା ନିରନ୍ତର ମାଓ ବିରୋଧୀ ଅଭିଯାନ ଜାରି ରଖିଛନ୍ତି । ସେ ଆଶ୍ୱାସନା ଦେଇଛନ୍ତି ଯେ ସମସ୍ତ ଆତ୍ମସମର୍ପଣକାରୀ ମାଓବାଦୀ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅନୁଯାୟୀ ଲାଭାନ୍ୱିତ ହେବେ । ଆର୍ଥିକ ସହାୟତା ଏବଂ ବୃତ୍ତିଗତ ତାଲିମ ଅନ୍ତର୍ଭୁକ୍ତ ଯାହା ଦ୍ୱାରା ସେମାନେ ସମ୍ମାନର ସହିତ ସେମାନଙ୍କର ଜୀବନ ପୁନଃନିର୍ମାଣ କରିପାରିବେ । ପୁଲିସ ଅଧିକାରୀଙ୍କ ଅନୁଯାୟୀ ଆତ୍ମସମର୍ପଣକାରୀ ଗୋଷ୍ଠୀ କଳାହାଣ୍ଡି, ରାୟଗଡ଼ା ଏବଂ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟ କରୁଥିଲା । ନକୁଳ ମହାରାଷ୍ଟ୍ରର ମୂଳ ବାସିନ୍ଦା ହୋଇଥିଲା ବେଳେ ଅନ୍ୟ ୧୦ ଜଣ କ୍ୟାଡର ପଡ଼ୋଶୀ ଛତିଶଗଡ଼ର ବାସିନ୍ଦା । ପୁଲିସ କହିଛି ଯେ ଗତବର୍ଷ ଡିସେମ୍ବରରେ କନ୍ଧମାଳରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ହତ୍ୟା ଏବଂ ଏହି ଅଞ୍ଚଳରେ ନିରନ୍ତର ସୁରକ୍ଷା ଅଭିଯାନ ପରେ କ୍ୟାଡରମାନେ ମନୋବଳ ହରାଇ ବସିଥିଲେ, ଯାହା ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ପ୍ରେରଣା ଦେଇଥିଲା । ମାଓବାଦୀମାନେ ପୁଲିସକୁ ୧୧ଟି ବନ୍ଧୁକ ହସ୍ତାନ୍ତର କରିଥିଲେ । ଯେଉଁଥିରେ ଗୋଟିଏ ଅଓି-୪୭ ରାଇଫଲ, ଗୋଟିଏ ରାଇଫଲ୍, ଚାରିଟି ଗକR ରାଇଫଲ୍, ଚାରିଟି ସିଙ୍ଗଲ୍-ସଟ୍ ରାଇଫଲ୍ ଏବଂ ଗୋଟିଏ ୧୨-ବୋର ବନ୍ଧୁକ ସହିତ ବହୁ ପରିମାଣର ଗୁଳିଗୋଳା ଏବଂ ଅନ୍ୟାନ୍ୟ ସାମଗ୍ରୀ ରହିଛି ।

ଅଧିକାରୀମାନେ କହିଛନ୍ତି ଯେ ଏହି ଗୋଷ୍ଠୀକୁ ଆତ୍ମସମର୍ପଣ ନୀତି ଅନୁଯାୟୀ ପ୍ରୋତ୍ସାହନ ଏବଂ ଅସ୍ତ୍ରଶସ୍ତ୍ର ପାଇଁ ଅତିରିକ୍ତ କ୍ଷତିପୂରଣ ସମେତ ପ୍ରାୟ ୧.୨୩ କୋଟି ଟଙ୍କାର ପୁନର୍ବାସ ପ୍ୟାକେଜ୍ ମିଳିବ । ଓଡ଼ିଶାରେ କାର୍ଯ୍ୟ କରୁଥିବା ସଶସ୍ତ୍ର ମାଓବାଦୀ କ୍ୟାଡରଙ୍କ ସଂଖ୍ୟା ବର୍ତ୍ତମାନ ପ୍ରାୟ ୧୫ କୁ ହ୍ରାସ ପାଇଛି, ସେମାନଙ୍କର କାର୍ଯ୍ୟକଳାପ ମୁଖ୍ୟତଃ କନ୍ଧମାଳ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳ ମଧ୍ୟରେ ସୀମିତ ରହିଛି । ଏପର୍ଯ୍ୟନ୍ତ ନୂଆପଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବୌଦ୍ଧ ଏବଂ ବଲାଙ୍ଗୀର ଭଳି ଜିଲ୍ଲାଗୁଡ଼ିକୁ ସମ୍ପୂର୍ଣ୍ଣ ମାଓ ମୁକ୍ତ ଘୋଷଣା କରାଯାଇଛି ।

## ସନ୍ଦେହ ଉଜାଡ଼ିଲା ହସଖୁସି ସଂସାର

### ପତ୍ନୀଙ୍କୁ ତଣ୍ଟି ଚିପି ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା: ଶିଶୁକନ୍ୟା ଅନାଥ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ମହାରୁଦ୍ରପୁର ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ସନ୍ଦେହ ଯୋଗୁ ଗୋଟିଏ ହସଖୁସିର ସଂସାର ଉଜୁଡ଼ି ଯାଇଛି । ସ୍ୱାମୀ ପରେଶ ମାଝୀ (୨୨) ନିଜ ପତ୍ନୀ ରଶ୍ମିରେଖାଙ୍କୁ ହତ୍ୟା କରିବା ପରେ ନିଜେ ଜୀବନ ହାରିଛନ୍ତି ।ମହାରୁଦ୍ରପୁର ଗ୍ରାମର ଦିବାକର ମାଝୀଙ୍କ ପୁଅ ପରେଶ, ୪ ବର୍ଷ ତଳେ ବାସୁଦେବପୁର ଥାନା ନୂଆଁଗାଁର ଗୟାଧର ପରିଡ଼ାଙ୍କ ଝିଅ ରଶ୍ମିରେଖାଙ୍କୁ ପ୍ରେମ ବିବାହ କରିଥିଲେ । ସେମାନଙ୍କର ୨ ବର୍ଷର ଏକ କନ୍ୟା ସନ୍ତାନ ମଧ୍ୟ ଅଛି । ତେବେ ଗତ କିଛି ଦିନ ହେବ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହକୁ ନେଇ କଳହ ଲାଗି ରହିଥିଲା । ଅନେକ ସମୟରେ ପରେଶ ମଦ୍ୟପାନ କରି ପତ୍ନୀଙ୍କ ସହ ପାଟିତୁଣ୍ଡ ଓ ମାରପିଟ କରୁଥିଲେ ।ଯାହାକୁ ନେଇ ପୂର୍ବରୁ ଅନେକ ବାର ଗ୍ରାମର ଭଦ୍ରଲୋକଙ୍କ ଦ୍ୱାରା ସମାଧାନ କରାଯାଇଥିଲା ।ଗତ ଶନିବାର ରାତିରେ ସମାନ ଘଟଣାକୁ ନେଇ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ।ଏହାପରେ ମଦ ନିଶାରେ ପରେଶ ଉତ୍ତ୍ୟକ୍ତ ହୋଇ ରଶ୍ମିରେଖାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ଭୟଭୀତ ହୋଇ ପରେଶ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିବା ଅଭିଯୋଗ ହୋଇଛି ।ପରେଶଙ୍କ ବାପା ଦିବାକର ରାତିରେ ସମୁଦ୍ରରୁ ମାଛ ମାରି ଫେରିବା ପରେ, ଛୋଟ ଝିଅଟିର କାନ୍ଦ ଶୁଣି ପୁଅ ଘର ଭିତରକୁ ଯାଇଥିଲେ । ସେଠାରେ ବୋହୂ ରଶ୍ମିରେଖା ତଳେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ଚମକି ପଡ଼ିଥିଲେ । ପରେ ପୁଅକୁ ଖୋଜାଖୋଜି କରିବା ସମୟରେ ଘର ପଛପଟ ଗଛରେ ପରେଶ ଝୁଲୁଥିବାର ଦେଖିବାକୁ ପାଇଥିଲେ ।ଘଟଣା ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇବା ପରେ ଗୋପାଳପୁର ଥାନା ପୋଲିସକୁ ଖବର ଦିଆଯାଇଥିଲା । ରବିବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ କମିଟିର ମାଗଣା ସ୍ୱାସ୍ଥ୍ୟ ଶିବିର

ନୀଳଗିରି,(ସବ୍ୟୁ): ନୀଳଗିରି ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ଚଳିତ ବର୍ଷ ମହୋତ୍ସବକୁ ମହାସମାରୋହରେ ପାଳନ କରିବାକୁ ଯାଉଥିବା ବେଳେ ତା ପୂର୍ବରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଅଛି । ନୀଳଗିରି ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ କମିଟିର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶିବିରକୁ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଓ ଏନ୍.ଏ.ସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଉପସ୍ଥିତ ରହି ଶିବିରକୁ ଉ"ାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଉପସ୍ଥିତ ରହିଥିବା ବେଳେ ଏହି ଶିବିରରେ କେୟାର ହସ୍ପିଟାଲର ଭେଷଜ ଡାକ୍ତର ଅବିନାଶ ପଣ୍ଡା, ହୃଦରୋଗ ବିଶେଷଜ୍ଞ ଡାକ୍ତର ବିକ୍ରମ କେଶରୀ ମହାପାତ୍ର, ପେଟ ରୋଗ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମହାନ୍ତି ଉପସ୍ଥିତ ରହି ରୋଗୀଙ୍କୁ ମାଗଣାରେ ସେବା ଯୋଗାଇଛନ୍ତି । ଏହି ଶିବିରରେ ପାଖା ପାଖି ୨୦୦ଶହରୁ ଅଧିକ ଲୋକ ନିଜ ନିଜର ରୋଗ ବାବଦରେ ଦେଖାଇଥିଲେ । ମାଗଣାରେ ବିଭିନ୍ନ ପ୍ରକାରର ପରୀକ୍ଷା କରାଯାଇଥିଲା । କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସମସ୍ତଙ୍କ ପାଇଁ ମାଗଣା ଖାଇବାର ବ୍ୟବସ୍ଥା କରାଯାଇଥିଲା । ଦେବାଶିଷ ରାଉଳ , ପରିସ୍ମିତା ଦାସ, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତଥିଲେ ।

## ଓଡିଶାରେ ପ୍ରବେଶ କରିଛି ୟୁବିଡି

ଭୁବନେଶ୍ୱର,(ସବ୍ୟୁ) : ଉତ୍ତର ଭାରତର ପ୍ରମୁଖ ବଜାରଗୁଡିକରେ ଏକ ମଜବୁତ ଉପସ୍ଥିତି ଥିବା, ଦ ଉପଲ ଗ୍ରୁପର ସ୍ପିରିଟ୍ ଶାଖା ଉପଲ ବ୍ରିୱର୍ସ ଆଣ୍ଡ ଡିଷ୍ଟିଲର୍ସ (ୟୁବିଡି) ଓଡିଶାରେ ଏହାର ପ୍ରବେଶ ସମ୍ପର୍କରେ ଔପଚାରିକ ଭାବେ ଘୋଷଣା କରିଛି । ୟୁବିଡିର ଫ୍ଲାଗସିପ ଲେବେଲ ତଥା ଉତ୍କୃଷ୍ଟତମ ବ୍ଲେଣ୍ଡେଡ ଇଣ୍ଡିଆନ ହ୍ୱିସ୍କି ସୁରହିର ବିକ୍ରି ଏବେ ଓଡିଶାର ପ୍ରିମିୟମ ରିଟେଲ ଆଉଟଲେଟ ଏବଂ ଭୁବନେଶ୍ୱର, ବ୍ରହ୍ମପୁର ଓ କଟକ ଭଳି ଓଡିଶାର ପ୍ରମୁଖ ଅର୍ବାନ ହବଗୁଡିକରେ ଆରମ୍ଭ ହୋଇଛି । ଏସମ୍ପର୍କରେ ୟୁବିଡିର ସହ-ପ୍ରତିଷ୍ଠାତା କନ୍‌ହବ ଉପଲ କହିଛନ୍ତି, ସୁରାହିକୁ ମିଳିଥିବା ଉତ୍ସାହଜନକ ପ୍ରତିକ୍ରିୟା ଏହି "ଗର୍ବିତ ଭାରତୀୟ' କାହାଣୀକୁ ଓଡିଶାକୁ ନେବା ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ୬ରୁ ୮ ଟି ରାଜ୍ୟକୁ ଆମର ସମ୍ପ୍ରସାରଣ ଜାରି ରଖିବା ପାଇଁ ଆମର ଲକ୍ଷ୍ୟକୁ ପ୍ରୋତ୍ସାହିତ କରିଛି ।

**ହଜିଛି**

ମୁଁ ଶ୍ରୀ ଅଶୋକ କୁମାର ପରିଡ଼ା, ପିତା : ସ୍ୱର୍ଗତ କୁଳମଣୀ ପରିଡ଼ା, ଗ୍ରାମ–ମଧୁପୁର, ପୋ–ଅଲଣାହାଟ, ଥାନା–ନାଉଗାଁ, ଜି–ଜଗତସିଂହପୁର ଆପଣଙ୍କୁ ଜଣାଉଅଛି କି, ମୌଜା–କୁଣ୍ଡେଶ୍ୱର, ଖାତା ନଂ–୧୦୫, ପ୍ଲଟ ନଂ. ୨୦୯୪ର କବଲା ଟି ମୁଁ କୁଣ୍ଡେଶ୍ୱରରୁ ନାଉଗାଁ ବଜାରକୁ ଯିବା ବାଟରେ ତା.୦୯.୦୩.୨୦୨୬ ରିଖରେ କେଉଁଠି ହଜିଯାଇଛି । ଯେତେ ଖୋଜାଖୋଜି କଲାପରେ ମଧ୍ୟ ମିଳୁନାହିଁ । ଯଦି କେଉଁ ସହୃଦୟ ବ୍ୟକ୍ତି ହଜିଯାଇଥିବା ଉକ୍ତ କବଲାଟିକୁ ପାଆନ୍ତି, ତେବେ ଦୟାପୂର୍ବକ ୯୪୩୯୭ ୪୨୭୩୩ ନମ୍ବରକୁ କଲ କରି ଜଣାଇବାକୁ ଅନୁରୋଧ ।

**AFFIDAVIT**

By virtue of an affidavit sworn before the Executive Magistrate, Rairakhol. on 13.03.2026, I, Ananta Kumar Biswal, S/o- Siba Prasad Biswal, Resident of Village- Gambhariberni, Po- Gambhariberni, Ps- Charmal, Dist- Sambalpur, Odisha, Pin-768106. Declare that I have changed my minor son's name from Ronan Biswal to Rohan Biswal. Henceforth, He shall be known as Rohan Biswal for all purposes.
**Sd/- Ananta Kumar Biswal**

**AFFIDAVIT**

By virtue of an affidavit before the Executive Magistrate Kamakhyanagar Dist- Dhenkanal Odisha, No. 659, Dt.10.3.2026, I, Basant Kumar Swain S/o-Bhagaban Swain Vill/ po-Baligorad Ps-kamakhyanagar Dist- Dhenkanal Odisha State that my actual name is Basant Kumar Swain mentioned in each of my document. But wrongly mentioned as Basanta Kumar Swain in my old Adhar card no 6310 9056 2149. That Basant Kumar Swain and Basanta Kumar Swain is one and same person.That this affidavit will be produced before the Passport office Bhubaneswar for correction of passport No. AG232399, of Sanjukta Swain W/o- Basant Kumar Swain

**AFFIDAVIT**

I, Sabitri Jena, D/O Kulamani Jena, born on 25/05/1998, resident of At/Po- Totapada, P.S- Bansada, Dist- Bhadrak, Pin- 756129, have changed my name to Shreeyanvi Jena vide affidavit dated 03/02/2026 sworn before Executive Magistrate, Chandbali. Henceforth, I shall be known as **Shreeyanvi Jena** for all purposes.

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
9001/32/2526
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**
*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ତା ୧୬/୦୩/୨୦୨୬ ରିଖ, ତା ୨୩/୦୩/୨୦୨୬ ରିଖ ଏବଂ ତା ୩୦/୦୩/୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ପ୍ରମୁଖ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**
OIPR : 9001/9001/1/25-26/0018

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦,

# ଖୋଲାଝର୍କା ସାହିତ୍ୟ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ସମାରୋହ

କଟକ (ସବ୍ୟୁ): ସାହିତ୍ୟିକ ବିଚାର ଓ ବିମର୍ଶର ମୁକ୍ତମଞ୍ଚ 'ଖୋଲାଝର୍କା'ର ଅଷ୍ଟମ ବାର୍ଷିକ ସାରସ୍ୱତ ସମାରୋହ ରବିବାର ପୂର୍ବାହ୍ଣରେ କଟକସ୍ଥ ମହାନଦୀ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର



'ଖୋଲାଝର୍କା' ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ବିଖ୍ୟାତ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାହିତ୍ୟର ପ୍ରେରଣାଦାୟୀ ଶକ୍ତି ସଂପର୍କରେ ଅବତାରଣା କରିଥିଲେ। ଶ୍ରୀଜଗନ୍ନାଥ ତତ୍ତ୍ୱ ବିଶ୍ୱବାସୀଙ୍କ ପାଖରେ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ ବୋଲି ପ୍ରଫେସର ଆଚାର୍ଯ୍ୟ ଉଲ୍ଲେଖ କରିଥିଲେ। ପ୍ରଫେସର ବୈଷ୍ଣବ ଚରଣ ସାମଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମାନବବାଦର ପ୍ରତିଷ୍ଠାରେ ସାହିତ୍ୟ ସୂତ୍ରଧର ହେବା ଆବଶ୍ୟକ ବୋଲି ପ୍ରଫେସର ସାମଲ ଉଲ୍ଲେଖ କରିଥିଲେ। ଖୋଲାଝର୍କା ପକ୍ଷରୁ ଚଳିତ ବର୍ଷ ପାଇଁ କଥାଶିଳ୍ପୀ ଡକ୍ଟର ପ୍ରକାଶ କୁମାର ପରିଡ଼ାଙ୍କୁ 'ଖୋଲାଝର୍କା ସାହିତ୍ୟ ସମ୍ମାନ' ଓ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କୁ 'ଖୋଲାଝର୍କା ପରିବାର ସମ୍ମାନ' ପ୍ରଦାନ କରାଯାଇଥିଲା। ଡକ୍ଟର ପରିଡ଼ା, ପ୍ରଫେସର ପଟ୍ଟନାୟକ ଓ ଇଂ ମୁରଲୀଧର ହୋତା ବକ୍ତୃତା ପ୍ରଦାନ କରିଥିଲେ। ପ୍ରହଲ୍ଲାଦ ଚନ୍ଦ୍ର ମହାନ୍ତିଙ୍କୁ 'ଖୋଲାଝର୍କା ସମାଜସେବା ସମ୍ମାନ' ଦିଆଯାଇଥିଲା।

ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ମିଶ୍ରଙ୍କ ରଚିତ 'କବିତାଂଜଳି' ପୁସ୍ତକ ଉନ୍ମୋଚିତ ହୋଇଥିଲା ଓ ଶ୍ରୀ ମିଶ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂପାଦକ ଇଂ ଅଜୟ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ଓ ବିଶ୍ୱମିତ୍ରା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାଜଲକ୍ଷ୍ମୀ ପାତ୍ର ଓ ଜ୍ୟୋସ୍ନାମୟୀ ବସ୍ତିଆ ମାନପତ୍ର ପାଠ କରିଥିଲେ। ଅରୁଣା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ସସ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ କବି ଡଃ ଶତ୍ରୁଘ୍ନ ପାଣ୍ଡବ ଉଦଘାଟକ ଓ କବି ପିନାକୀ ସିଂହ ଅତିଥି ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ନେହଲତା ଦ୍ୱିବେଦୀ ଓ କୁନଲତା ତ୍ରିପାଠୀଙ୍କ ସଂଯୋଜନାରେ କବି ସୁରେଶ କୁମାର ନାୟକ, ସୁଷମା ଦେବୀ, ତରୁଲତା ପତି, ମେଜର ମନୋରଞ୍ଜନ ମହାନ୍ତି, ରାକେଶ ଶତପଥୀ, ନିବେଦିତା ମହାନ୍ତି, ନଳିନୀପ୍ରଭା ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ମୈତ୍ରୀଭୂଷଣ ଖୁଣ୍ଟିଆ ମଂଚ ଆମନ୍ତ୍ରଣ ଓ ମିନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସଙ୍ଗଠନ ବିଦ୍ୱାନ ପକ୍ଷରୁ ଇଫ୍‌ତାର ପାର୍ଟି

କଟକ, (ସ୍ୱପ୍ର) : କଟକ ସହର ଭାଇଚାରା ସହରରେ ସାମାଜିକ ସଙ୍ଗଠନ ବିଦ୍ୱାନ ପକ୍ଷରୁ ସହରର ଚର୍ଚ୍ଚିତ ଯୁବ ସମାଜସେବୀ ବିନୋଦ



କୁମାର ପଣ୍ଡାଙ୍କ ନେତୃତ୍ୱରେ କଟକ ଦେୱାନ ବଜାର ସ୍ଥିତ ମଦ୍ରାସା ଠାରେ ଇଫତାର ପାର୍ଟି ଅନୁଷ୍ଠିତ ହୋଇଛି । ରୋଜା ବା ଉପବାସ ଖୋଲିବା ପରେ ଆହାର ଗ୍ରହଣ କରିଛନ୍ତି ମୁସଲମାନ ସମ୍ପ୍ରଦାୟର ଲୋକେ । ମଦ୍ରାସା ଠାରେ ଏକତ୍ରିତ ହୋଇ ବୟସ୍କ, ମହିଳା, ଯୁବ ମାନେ ଖାଦ୍ୟ ଗ୍ରହଣ କରିଥିଲେ । ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଇଫତାର ପାର୍ଟିରେ ସାମିଲ ହୋଇ ପରସ୍ପରକୁ ଆଲିଙ୍ଗନ କରି ବଧେଇ ଜଣାଇଥିଲେ । କଟକ ସମେତ ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ଭାଇଚାରା ବଜାୟ ରଖିବାକୁ ସଙ୍ଗଠନର ସଭାପତି ବିନୋଦ ପଣ୍ଡା ବାର୍ତ୍ତା ଦେଇଛନ୍ତି । ଏହି ଇଫତାର ପାର୍ଟିରେ ସଂଗଠନର କର୍ମକର୍ତାଙ୍କ ସମେତ ବିଭିନ୍ନ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ । ଦିଓ୍ୱାନ ବଜାର ମହଲା କମିଟିର ସଭାପତି ଅଲମାସୟୁସୁଫ, ସଂପାଦକ ଅବଦୁଲ ରିୟାଜ, ଉପ ସଭାପତି ଶେଖ ସିରାଜୁଲା, ଯୁଗ୍ମ ସମ୍ପାଦକ ଶେଖ କଲାମ ମହମ୍ମଦ, ପୂର୍ବତନ ସଭାପତି ଅବଦୁଲ ମଜିତ ଖାନ ଏବଂ ଆଞ୍ଜୁମାନର ସଭାପତି ଅବଦୁଲ ଆହାତ, ସମ୍ପାଦକ ଲାକୁଉଦ୍ଦୀନ ଅହମଦ ଓ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, ଶିକ୍ଷାବିତ ସୁବ୍ରତ ଦାସ, ଡ଼ଃ ଦେବେନ୍ଦ୍ର ମହାପାତ୍ର, ସମାଜସେବୀ ଧବଳ ସାହୁ, ମହମ୍ମଦ ଅଲ୍ଲୀ, ସମାଜସେବୀ କେଶବ ଅଗସ୍ତି, ଆଇନଜୀବୀ ଜଗନ୍ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହମ୍ମଦ ଜାବିର ପରିଚାଳନା କରିଥିଲେ ।

# ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ- ପ୍ରୟୋଗ ୨୦୨୬

ଭୁବନେଶ୍ୱର, (ସବ୍ୟୁ): ସଫ୍ଟୱେର ଟେକ୍‌ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ), ଭୁବନେଶ୍ୱର ଏବଂ ଏହାର ଏମର୍ଜ ଟେକ୍‌ନୋଲୋଜିସ୍




(ଏମ୍‌ଟେକ୍ ସିଓଇ) କ୍ଷେତ୍ରରେ ଥିବା ସିଓଇ ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ ପ୍ରୋଗ୍ରାମ- ପ୍ରୟୋଗ (ପିଆର୍‌ଏୱାଇଓଜି) ଆୟୋଜନ କରିଥିଲେ ଯେଉଁଥିରେ ନୀତି ନିର୍ଦ୍ଧାରକ, ଭେଞ୍ଚର କ୍ୟାପିଟାଲିଷ୍ଟ, ଆଞ୍ଜେଲ ପୁଞ୍ଜିନିବେଶକ, ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ନୂତନ ପ୍ରଯୁକ୍ତି ଷ୍ଟାର୍ଟଅପ୍‌ଗୁଡକ ଓଡ଼ିଶାରେ ନବସୃଜନ ଏବଂ ପୁଞ୍ଜିନିବେଶ ପରିବ୍ୟବସ୍ଥା ସୁଦୃଢ କରିବାକୁ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ରଶ୍ମିତା ପଣ୍ଡା, କମିଶନର-ତଥା-ଶାସନ ସଚିବ, ଏମ୍‌ଏସଏମ୍‌ଇ ବିଭାଗ ଓ ଚେୟାରପର୍ସନ ତଥା ସିଇଓ, ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ତାଙ୍କ ସହିତ ବରିଷ୍ଠ ସରକାରୀ ପଦାଧିକାରୀ, ପୁଞ୍ଜିନିବେଶକାରୀ, ମାର୍ଗଦର୍ଶକ, ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ରଶ୍ମିତା ପଣ୍ଡା ରାଜ୍ୟରେ ଏକ ସୁସଂହତ ପ୍ରଯୁକ୍ତି ଓ ଷ୍ଟାର୍ଟଅପ୍ ପରିବ୍ୟବସ୍ଥା ଗଢିତୋଳିବା ନିମନ୍ତେ ଓଡ଼ିଶା ସରକାରଙ୍କର ଦୃଢ ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ। ବିଶିଷ୍ଟ ଅତିଥିଗଣ ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ମାନ ରଞ୍ଜନ ପଣ୍ଡା, ଡାଇରେକ୍ଟର, ଏସ୍‌ଟିପିଆଇ ଭୁବନେଶ୍ୱର ବୈଶ୍ୱିକ ନବସୃଜନ ଦୃଶ୍ୟପଟ୍ଟରେ ଭାରତର ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ।

## ଦ୍ୱିତୀୟ ସମାପ୍ତି ସୂଚକ ଆକଳନ ସମାପ୍ତ

ସାକ୍ଷୀଗୋପାଳ ,(ସବ୍ୟୁ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓସେପା ତରଫରୁ ଦିତୀୟ ସମାପ୍ତି ସୂଚକ ଆକଳନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ତା ୦୬/୦୩/୨୦୨୬ ରୁ ଆରମ୍ଭ ହୋଇ ୧୩/୦୩/୨୦୨୬ ରେ ସମାପ୍ତ ହୋଇ ଯାଇଅଛି । ଉକ୍ତ ଆକଳନ କାର୍ଯ୍ୟକ୍ରମ ରେ ଭାରତ ସରକାର ଙ୍କ ତରଫରୁ ଜାରି କରାଯାଇଥିବା ନୂତନ ଶିକ୍ଷାନୀତି ନିୟମ ଅନୁଯାୟୀ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ନିମିତ୍ତ ଉଦ୍ଦିଷ୍ଟ ନୂତନ ଆକଳନ ପଦ୍ଧତିରେ ମୂଲ୍ୟାୟନ ବ୍ୟବସ୍ଥା ଲାଗୁ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର କ୍ଲଷ୍ଟର ର ବ୍ରାହ୍ମଣ ପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅନୁରୂପ ପଦ୍ଧତି ରେ ଏହି ମୂଲ୍ୟାୟନ ଆରମ୍ଭ ହୋଇ ଯାଇଅଛି । ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୭ ଜଣ ଛାତ୍ର ଛାତ୍ରୀଙ୍କର ଏହି ଆକଳନ ପଦ୍ଧତି ଅନୁଯାୟୀ ଶୈକ୍ଷିକ ସଫଳତା ନିର୍ଦ୍ଧାରଣ କରାଯିବ ।

### ସମ୍ବଲପୁର ଭାଲୁବାହାଲରେ "ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍" ଲୋକାର୍ପିତ

# ବହି କେବଳ ନୁହେଁ, ଅନୁଭୂତିମୂଳକ ଶିକ୍ଷା ହିଁ ଗଢ଼ିବ ଦକ୍ଷ ନାଗରିକ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ପିଲାମାନେ ବହିରୁ ଯାହା ପଢ଼ନ୍ତି, ତା'ଠାରୁ ଅଧିକ ସେମାନେ ନିଜ ପରିବେଶ ଓ ଅନୁଭୂତିରୁ ଶିଖନ୍ତି । ପାରମ୍ପରିକ ଶିକ୍ଷାର ସୀମା ଲଂଘି ପିଲାଙ୍କୁ ଅନୁଭୂତିମୂଳକ ଶିକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସମ୍ବଲପୁରର ଭାଲୁବାହାଲରେ "ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍"ର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଏବଂ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କେବଳ ଇଂରାଜୀରେ ପଢିଲେ ପିଲାମାନେ ଗ୍ଲୋବାଲ୍ ବା ଆନ୍ତର୍ଜାତୀୟ ସ୍ତରର ହେବେ ନାହିଁ । ମାତୃଭାଷାରେ ଶିକ୍ଷା ଗ୍ରହଣ କଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଏବଂ ସେମାନଙ୍କ ଚିନ୍ତାଧାରାରେ




ସ୍ୱଚ୍ଛତା ଆସିଥାଏ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ନର୍ସରୀରୁ କେଜି ୧ ଓ କେଜି ୨ ପର୍ଯ୍ୟନ୍ତ 'ବାଲବାଟିକା' ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢାଇବାକୁ ଗୁରୁତ୍ୱ ଦିଆଯାଇଛି । ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି । ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି । ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର । କ୍ଲାସରୁମ୍ ମଧ୍ୟରେ ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଦିଗରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ଏଆଇର ସହଯୋଗ ନେବାକୁ ସେ ସ୍କୁଲର ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ସ୍କୁଲ ପରିସରରେ ବହୁତ ପରିମାଣରେ ବୃକ୍ଷରୋପଣ କରି ଏହାକୁ ଏକ ଆଧୁନିକ 'ଗୁରୁକୁଳ'ରେ ପରିଣତ କରିବାକୁ ସେ ସ୍କୁଲ ମ୍ୟାନେଜମେଣ୍ଟ କମିଟିକୁ ପରାମର୍ଶ ଦେଇଛନ୍ତି । ସେ ଆହୁରି ସୂଚନା ଦେଇଛନ୍ତି, ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ସ୍କୁଲର ଆଧୁନିକିକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୨ କୋଟି ଟଙ୍କା ବିନିଯୋଗ କରାଯିବ । ଶେଷରେ, ସମ୍ବଲପୁରକୁ ଏକ "ଶିକ୍ଷା ହବ୍" ଭାବେ ଗଢିତୋଳିବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

### ବେଙ୍ଗାଲୁରୁରେ କଂଗ୍ରେସ ବିଧାୟକଙ୍କୁ ନେଇ ଘୋଡ଼ା ବେପାର ପାଇଁ ଉଦ୍ୟମ

# ଦଳୀୟ ଶୃଙ୍ଖଳା ଅବମାନନା କଲେ ସଦସ୍ୟତା ପଦ ରଦ୍ଦ ହେବ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସଭା ନିର୍ବାଚନରେ ବିଜେପି ଦଳର ଘୋଡ଼ା ବେପାରକୁ ନେଇ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଓ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗ ଦେଇଥିଲେ । ସମ୍ବୋଧିତ କରି ପ୍ରଭାରୀ ଶ୍ରୀ ଲଲ୍ଲୁ କହିଲେ ବିଜେପି ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ବିଜେପି ଦୁଇଜଣ ରାଜ୍ୟ ସଭାପାଇଁ ପ୍ରାର୍ଥୀ ଦେଇଥିଲା ଏବଂ ବିଜେଡ଼ି ମଧ୍ୟ ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ଜଣଙ୍କୁ ପ୍ରାର୍ଥୀ ଦେଇଥିଲା । ଅନ୍ୟପକ୍ଷରେ କଂଗ୍ରେସର ୧୪ ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି । ତେଣୁ ଏକ ଅଣରାଜନୈତିକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସ୍ୱାର୍ଥ ପାଇଁ ପ୍ରାର୍ଥୀ କରିବାକୁ ସମଭାବାପନ୍ନ ଦଳ ବିଜେଡ଼ିକୁ କଂଗ୍ରେସ ଆହ୍ୱାନ କରିଥିଲା । ଯାହାଫଳରେ ବିଜେଡ଼ି ଓ କଂଗ୍ରେସ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଚତୁର୍ଥ ପ୍ରାର୍ଥୀ ଘୋଷଣା କରିଥିଲେ । ସଂଖ୍ୟା ଦୃଷ୍ଟିରୁ ଡାକ୍ତର ଦତ୍ତେଶ୍ୱର ହୋତା ନିଦ୍ୱନ୍ଦରେ ନିର୍ବାଚିତ ହୋଇପାରିଥାନ୍ତେ କିନ୍ତୁ ବିଜେପି ନିଜର ସଂଖ୍ୟା ନଥାଇ ମଧ




୫ମ ପ୍ରାର୍ଥୀଙ୍କ ନାମାଙ୍କନ କଲା । ଏହା ଘୋଡା ବେପାରକୁ ଆମନ୍ତ୍ରଣ ନୁହେଁକି।

ପିସିସି ସଭାପତି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଲେ, କଂଗ୍ରେସ ଏବଂ ବିଜେଡ଼ି ସମଭାବାପନ୍ନ ଧର୍ମନିରପେକ୍ଷ ଦଳ । ଉଭୟ ଦଳ ରାଜ୍ୟରେ ସମଦୂରତା ବଜାୟ ରଖି ରାଜନୀତି କରନ୍ତି । ରାଜ୍ୟ ରାଜନୀତିରେ ଘୋଡ଼ା ବେପାର ବନ୍ଦ କରି ସ୍ୱଚ୍ଛତା ଆଣିବାପାଇଁ ରାଜ୍ୟସଭା ପ୍ରାର୍ଥୀ ମିଳିତ ଭାବେ ଘୋଷଣା କରିବା ଅତ୍ୟନ୍ତ ଜରୁରୀ ଥିଲା । ମିଳିତ ପ୍ରାର୍ଥୀ ପାଇଁ ବିଜେଡ଼ି ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୀକୃତି ଦେଇଥିଲେ । ବିଜେପି ରାଜ୍ୟ ରାଜନୀତିକୁ ଯେଉଁଭଳି ଭାବରେ କଳୁଷିତ କରୁଛି ତାହା କଳ୍ପନାତୀତ । ଜାତୀୟ କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟି ଆଲୋଚନା ଓ ଆଶୀର୍ବାଦ ପାଇଁ ଆମ ୮ ଜଣ ବିଧାୟକ ଏବଂ ମୁଁ ବାଙ୍ଗାଲୋର ଯାଇଥିଲୁ । ଆମ ବିଧାୟକ ଯେଉଁ ହୋଟେଲରେ ରହୁଥିଲେ ସେହି ହୋଟେଲକୁ ରାଜ୍ୟ ବିଜେପିର ସର୍ବଶକ୍ତିମାନ ନେତାଙ୍କ ପରାମର୍ଶକ୍ରମେ ୪ ଜଣ ବିଜେପି ଲୋକ ଆସି ଆମ ବିଧାୟକଙ୍କୁ ଭେଟି ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲେ । ଏମାନେ ହେଲେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଅଜିତ ସାହୁ, ରାଉରକେଲାର ବୀରେନ୍ଦ୍ର ପ୍ରସାଦ, ସୀମାଞ୍ଚଳ ମହାକୁଡ଼ ଓ କର୍ଣ୍ଣାଟକ ବିଜେପି ନେତାଙ୍କ ଲୋକ ସୁରେଶ । ଦୁଇଜଣ ପୁଲିସ ହାତରେ ଧରା ପଡ଼ିଲେ ଓ ଦୁଇଜଣ ଫେରାର ହୋଇଗଲେ । ସେମାନଙ୍କ ପାଖରୁ ଗୋଟିଏ ବ୍ଲାଙ୍କ ଚେକ ଏବଂ ୧୭ ଲକ୍ଷ ଟଙ୍କା ଲେଖାଥିବା ଅନ୍ୟ ଏକ ଚେକ ଜବତ ହୋଇଛି । ସମଭାବାପନ୍ନ ଦଳ ମଧ୍ୟରେ ଚତୁର୍ଥ ପ୍ରାର୍ଥୀ ଦେବାପାଇଁ ବ୍ୟବସ୍ଥା ହେଲା । ତାହାକୁ ସମ୍ମାନ ନଜଣାଇ ଓଡ଼ିଶା ବିଜେପି ଦଳର କ'ଣ ବାଧବାଧକତା ଅଛିଯେ ଓଡ଼ିଶା ରାଜନୀତିକୁ କଳୁଷିତ କରିବାକୁ ପଛାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ୱାର୍ଡ଼ ନଂ ୨୭ ରେ ମହିଳା ସମ୍ମିଳନୀ

କଟକ, (ସବ୍ୟୁ):ମହାନଗର ନିଗମ ୱାର୍ଡ ନମ୍ବର ୨୭ ସ୍ଥିତ ଜଗନ୍ନାଥ ଲଜ ଠାରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଇତିଶ୍ରୀ ଦାସ ଙ୍କ ସଭାପତିତ୍ୱରେ ଏକ ୱାର୍ଡ ସ୍ତରୀୟ ମହିଳା ସମ୍ମିଳନୀ ଆୟୋଜିତ ହୋଇଯାଇଅଛି । ଏହି ସମ୍ମିଳନିରେ ୱାର୍ଡ ର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ କିପରି ସ୍ୱାବଲମ୍ବୀ , ଆତ୍ମନିର୍ଭରତା ଏବଂ ଆର୍ଥୀକ ରୂପେ ସଶକ୍ତ କରାଯଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ କର୍ପୋରେଟର ଇତିଶ୍ରୀ ଦାସ ଙ୍କ ସହିତ ମୁଖ୍ୟ ଅତିଥି ଭାବରେ କଟକ ମେୟର ସୁବାସ ସିଂହ, ସମ୍ମାନୀୟ ଅତିଥି ଭାବରେ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ , ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ, ଅରୁନ୍ଧତୀ କର ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆଇନଜୀବୀ ସ୍ୱଦେଶ ଦାସ , ମିନା ବିଶ୍ୱାଳ , ସରିତା ନାୟକ , ରଂଜିତା ଦାସ , ନାମିତ ଦାସ , ମୌସମୀ ନନ୍ଦୀ , ସୁପ୍ରତି ପଟ୍ଟନାୟକ , ଭାରତୀ ଦାସ, ସୁଚିତ୍ରା , ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ମହିଳା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଫ୍ରିଡମ ସେଲ୍ସ ମ୍ୟାନେଜରଙ୍କ ଅକାଳ ବିୟୋଗ

କଟକ, (ସ୍ୱପ୍ର) : ଦେଶର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମ ପରିବାରର ସଦସ୍ୟ ତଥା ଦକ୍ଷିଣ ଓଡ଼ିଶାର ସେଲ୍ସ ମ୍ୟାନେଜର ସୋମପେଟା ଧର୍ମାରାଜୁଙ୍କ ୫୪ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ଶ୍ରୀ ଧର୍ମାରାଜୁ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ଧରି ଓଡ଼ିଶା ହେଡ ଅମିୟ କୁମାର ଧଳଙ୍କ ସଙ୍ଗେ ସୁଚାରୁରୂପେ ସଫଳତାର ସହ ତାଙ୍କର କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି । ଦକ୍ଷିଣ ଓଡ଼ିଶାରେ ଫ୍ରିଡମର ସଫଳତା ପାଇଁ ଶ୍ରୀ ଧର୍ମାରାଜୁଙ୍କ ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡିଶା ମୁଖ୍ୟ ଅମୀୟ ଧଳ ପ୍ରକାଶ କରିଥିଲେ । ଏହି ଅବସରରେ



ଶ୍ରୀ ଧର୍ମାରାଜୁଙ୍କ ବିୟୋଗରେ ଫ୍ରିଡମ ପରିବାର ପକ୍ଷରୁ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଜଗତରନାଥ ଜଗନ୍ନାଥ ସହାୟ ହୁଅନ୍ତୁ ବୋଲି ଫ୍ରିଡମ ଓଡ଼ିଶା ହେଡ ଅମିୟ ଧଳ କହିଛନ୍ତି ।

# ବିଧାୟକ ଦାଶରଥୀଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,(ସବ୍ୟୁ): ଗଜପତି ଜିଲ୍ଲା ମୋହନା ସଂରକ୍ଷିତ ବିଧାନସଭାରୁ ନିର୍ବାଚିତ କଂଗ୍ରେସ ବିଧାୟକ ଦାସରଥି ଗମାଙ୍ଗୋ ଗତ ୭ ତାରିଖ ଠାରୁ ପିସିସି ସମ୍ପର୍କରେ ନାହାନ୍ତି । ଫୋନ କଲ, ହ୍ୱାଟସଆପ କଲ, ମେସେଜ, ଇମେଲ ଆଦିର କୌଣସି ଉତ୍ତର ଦେଉନାହାନ୍ତି । ଏପରିକି ତାଙ୍କ ଗ୍ରାମ ବାସଗୃହ ଏବଂ ଭୁବନେଶ୍ୱର ନିବାସରେ ମଧ୍ୟ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ଖବର ମିଳିପାରୁ ନାହିଁ । ଦଳପକ୍ଷରୁ ସମସ୍ତ ବିଧାୟକଙ୍କୁ ୧୪,୧୫, ୧୬ ଦିନ ଭୁବନେଶ୍ୱରରେ ଉପସ୍ଥିତ ରହି ଯୋଗାଯୋଗରେ ରହିବାକୁ ହୁଇପ ଜାରି କରାଯାଇଥିଲା । ତାହା ସତ୍ତ୍ୱେ ମଧ ଶ୍ରୀ ଗମାଙ୍ଗୋଙ୍କ କିଛି ଖୋଜ ଖବର ମିଳୁନାହିଁ । ଯାହା ଦଳୀୟ ଶୃଙ୍ଖଳାର ଘୋର ବିରୋଧାଚରଣ କରୁଛି । ସେଥିପାଇଁ ଶୃଙ୍ଖଳା କମିଟି ତରଫରୁ ୧୫.୩.୨୬ ସଂଧ୍ୟା ୭ ଟା ସୁଦ୍ଧା କଂଗ୍ରେସ ଅଫିସରେ ଉପସ୍ଥିତ ରହିବାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଯଦି ଏଥିରେ ମଧ ସେ ବିଫଳ ହୁଅନ୍ତି ତେବେ କଂଗ୍ରେସ ସଦସ୍ୟତା ପଦ ରଦ୍ଦ ହେବା ସହିତ ବିଧାନସଭା ପଦ ରଦ୍ଦ ପାଇଁ ଦଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । କଂଗ୍ରେସ ଦଳ ସ୍ୱଚ୍ଛ, ସଚ୍ଚୋଟ ଏବଂ ନିରପେକ୍ଷ ରାଜନୀତି ଉପରେ ବିଶ୍ୱାସ ରଖେ । ଏଭଳି ବିଶୃଙ୍ଖଳା କୌଣସି ରୂପରେ ଗ୍ରହଣ କରାଯିବ ନାହିଁ । କଂଗ୍ରେସ ଦଳର ବିଶ୍ୱାସ, ଆମ ସମସ୍ତ ବିଧାନସଭା ସଦସ୍ୟ କଂଗ୍ରେସ ଦଳ ସମର୍ଥିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବେ । ଆଜିର ସାମ୍ବାଦିକ ସମ୍ମିଳନୀରେ ମିଡିଆସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସମ୍ମିଳନୀକୁ ପରିଚାଳନା କରିଥିଲେ ।

# ଆଦିତ୍ୟ ଆଲୁମିନିୟମକୁ ଏଏସ୍‌ଆଇ ପ୍ରଦର୍ଶନ ମାନଦଣ୍ଡ ପ୍ରମାଣପତ୍ର

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରି ଏଲ୍‌ଟିଡି ର ଆଦିତ୍ୟ ଆଲୁମିନିୟମ କାରଖାନା କୁ ଏଏସଆଇ ପ୍ରଦର୍ଶନ ମାନଦଣ୍ଡ ପ୍ରମାଣପତ୍ର ଭି ୩.୧(୨୦୨୩) ଅନୁସାରେ ପ୍ରାଥମିକ ଅବସ୍ଥା ସହିତ ପ୍ରମାଣପତ୍ର ପାଇଛି। ଏହି ପ୍ରମାଣପତ୍ର ଉଚ୍ଚ ଶୁଦ୍ଧତାର ପ୍ରାଥମିକ ଆଲୁମିନିୟମ୍‌ର ଉତ୍ପାଦନ ଓ ରପ୍ତାନି ପାଇଁ ଦିଆଯାଇଛି, ଯାହା ଭିନ୍ନ ଭିନ୍ନ ଆକାର ଓ ବିଶିଷ୍ଟତାରେ ତିଆରି ହୁଏ ଯଥା ପିଗ୍ ଇଙ୍ଗଟ୍, ସୋ ଇଙ୍ଗଟ୍ ଓ ପ୍ରାଇମାରି ଫାଉଣ୍ଡ୍ରି ଆଲୋୟ। ଏହା ସହିତ ଏହି ପ୍ରମାଣପତ୍ର ଲପଙ୍ଗା ରେ ଅବସ୍ଥିତ ଆଦିତ୍ୟ ଆଲୁମିନିୟମ ର ୯୦୦ ଏମଡବ୍ଲୁ କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ପାଇଁ ମଧ୍ୟ ଲାଗୁ ହୁଏ। ଆଲୁମିନିୟମ ଷ୍ଟେୱାର୍ଡସିପ ଇନିସିଟିଭି ଘୋଷଣା କରିଛି ଯେ ଆଦିତ୍ୟ ଆଲୁମିନିୟମ କୁ ଏଏସଆଇ ଭି୩.୧(୨୦୨୩) ଅନୁସାରେ ପ୍ରଦର୍ଶନ ମାନଦଣ୍ଡ ପ୍ରମାଣିତ ହୋଇଛି। ଏହି ସଂସ୍ଥାରେ ପ୍ରାଥମିକ ଆଲୁମିନିୟମ୍ ସ୍ମେଲ୍ଟର୍ ଚାଲୁଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୩୬୦ କିଲୋଟନ୍। ଏଥିରେ ଇଲେକ୍ଟ୍ରୋଲିଟିକ୍ ପଟଲାଇନ୍ ଅପରେସନ୍, କାଷ୍ଟହାଉସ୍ କାର୍ଯ୍ୟକଳାପ ଓ ଆନୋଡ୍ ନିର୍ମାଣ ଅନ୍ତର୍ଭୁକ୍ତ।

ଏହି କାରଖାନାରେ ପିଗ୍ ଇଙ୍ଗଟ୍, ସୋ ଇଙ୍ଗଟ୍, ପ୍ରାଇମାରି ଫାଉଣ୍ଡ୍ରି ଆଲୋୟ ଓ ଲିକ୍ୱିଡ୍ ଏଲୁମିନିୟମ୍ ଉତ୍ପାଦନ କରାଯାଏ। ସ୍ମେଲ୍ଟିଂ ଅପରେସନ୍‌କୁ ସମର୍ଥନ କରିବା ପାଇଁ ଏଠାରେ ଏକ କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ମଧ୍ୟ ଚାଲୁଛି, ଏବଂ ଉତ୍ପାଦନ ପ୍ରଣାଳୀରେ ପୁନର୍ନବୀକରଣ ଶକ୍ତିର ବ୍ୟବହାରକୁ ମଧ୍ୟ ସମ୍ମିଳିତ କରାଯାଇଛି। ଏଏସଆଇ ସର୍ଟିଫିକେସନ୍ ପ୍ରୋଗ୍ରାମ୍‌ଟି ବ୍ୟାପକ ମଲ୍ଟି-ଷ୍ଟେକହୋଲ୍ଡର୍ ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ଉନ୍ନତ କରାଯାଇଛି ଏବଂ ଏହା ଆଲୁମିନିୟମ୍ ଭ୍ୟାଲୁ ଚେନ୍ ପାଇଁ ସବୁଠାରୁ ସମ୍ପୂର୍ଣ୍ଣ ସ୍ୱଇଚ୍ଛିକ ସସ୍ଥାୟୀତା ମାନକ ଉଦ୍ୟମ। ଏଏସଆଇ ପ୍ରଦର୍ଶନ ମାନଦଣ୍ଡ ଭି୩ ଏବଂ ଏଏସଆଇ ଚେନ ଅଫ କଷ୍ଟଡି ଭି୨ ମେ ମାସ ୨୦୨୨ ରେ ଏକ ଦୀର୍ଘ ସମୟର ସଂଶୋଧନ ପ୍ରକ୍ରିୟା ପରେ ଉନ୍ମୋଚନ କରାଯାଇଥିଲା।

## ଓଡ଼ିଶାର ବାସ୍ତବତା ସନ୍ତୁଳନ ପାଇଁ

# ବଜେଟରେ ଏମ୍‌ଏସ୍‌ଏମ୍‌ଇକୁ ପ୍ରୋତ୍ସାହନ ଅଧିକ ଆବଶ୍ୟକ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ବଜେଟ ପୁଣି ଥରେ ଏମଏସଏମଇ ଗୁଡ଼ିକୁ ଭାରତର ଅଭିବୃଦ୍ଧି କାହାଣୀର ନୈତିକ କେନ୍ଦ୍ରରେ ସ୍ଥାନିତ କରିଛି - ଋଣ ରେଖାକୁ ବିସ୍ତାର କରାଯାଇଛି, କ୍ରୟ ନିୟମକୁ ଜୋର ଦିଆଯାଇଛି, ପ୍ରଯୁକ୍ତି ପାଣ୍ଠିକୁ ସତେଜ କରାଯାଇଛି। ଉପସଂହାରଟି ପରିଚିତ: କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ଅଧିକାଂଶ ନିଯୁକ୍ତି ସୃଷ୍ଟି କରନ୍ତି ଏବଂ ସମୃଦ୍ଧି ଅନୁସରଣ କରନ୍ତି। ତଥାପି, ଓଡ଼ିଶାରେ ସେହି ପ୍ରତିଶ୍ରୁତି ଏକ ଜଟିଳ ଦୃଶ୍ୟପଟ ପୂରଣ କରେ। ରାଜ୍ୟରେ ଦେଶର କିଛି ସବୁଠାରୁ ଶକ୍ତିଶାଳୀ ଶିଳ୍ପ କ୍ଷମତା କଳିଙ୍ଗନଗରରେ ଟାଟା ଷ୍ଟିଲ୍, ଅନୁଗୁଳରେ ଜେଏସଡବ୍ଲୁ ଏବଂ ଜିନ୍ଦଲ ଷ୍ଟିଲ୍ ଏବଂ ପାୱାର, ପାରାଦୀପରେ ଆର୍ସେଲର ମିତଲ ନିପନ୍ ଷ୍ଟିଲ୍, ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ରେ ବେଦାନ୍ତର ଆଲୁମିନିୟମ୍ ସାମ୍ରାଜ୍ୟ ରହିଛି। ତଥାପି ଏହି ବିଶାଳ କମ୍ପାନୀଗୁଡ଼ିକ ଚାରିପାଖରେ ଏମଏସଏମଇ ମାନଚିତ୍ର ଅସମାନ ରହିଛି। ନୀତି ବଡ଼ ଏବଂ ଛୋଟ ମଧ୍ୟରେ ଏକ ପ୍ରାକୃତିକ ନୃତ୍ୟଗୀତ ଗ୍ରହଣ କରେ। ଏକ ମେଗା ପ୍ଲାଂଟ ଆସେ ଏହା ଚାରିପାଖରେ ମେସିନ୍ ଦୋକାନ, ଲଜିଷ୍ଟିକ୍ ଫାର୍ମ, ୱେଲ୍ଡିଂ ୟୁନିଟ୍, ପ୍ୟାକେଜିଂ ବିକ୍ରେତା, କ୍ୟାଂଟିନ୍, ମରାମତି ସେବା ଏବଂ ଶହ ଶହ ଅଦୃଶ୍ୟ ବାଣିଜ୍ୟ ପ୍ରସ୍ଫୁଟିତ ହୁଏ। ଏହା କଳାହାଣ୍ଡି-ରାୟଗଡ଼ାରେ ଦୁର୍ବଳ ହୋଇଯାଇଛି, ଯେଉଁଠାରେ ଏହି ଅଂଚଳର ଶିଳ୍ପ ଭବିଷ୍ୟତ ଲାଞ୍ଜିଗଡ଼ର ଆଲୁମିନା ରିଫାଇନାରୀ ସହିତ ଜଡିତ ଥିଲା।

ଏହି ରିଫାଇନାରୀ ତାର ଜୀବନର ଅଧିକାଂଶ ସମୟ ବକ୍ସାଇଟ୍ ବିନା କାର୍ଯ୍ୟ କରିଛି, ଦୂରବର୍ତୀ ଏବଂ ମହଙ୍ଗା ଯୋଗାଣ ଉପରେ ନିର୍ଭରଶୀଳ। ଡିଜାଇନ୍ କ୍ଷମତା ତଳେ କାର୍ଯ୍ୟ କରୁଥିବାରୁ, ଏହା ଏମଏସଏମଇ ଗୁଡ଼ିକୁ ସର୍ବୋପରି ଆବଶ୍ୟକ କରୁଥିବା ଗୋଟିଏ ଜିନିଷ ପ୍ରଦାନ କରିବାରେ ଅସମର୍ଥ ହୋଇଛି। ଉପକରଣ ଯୋଗାଣକାରୀଙ୍କ ପାଇଁ ନିର୍ମିତ ସେଡ୍ ଅଧା ସ୍ଥାନରେ ରହିଛି। ବ୍ୟାଙ୍କ ଋଣରେ ଟିପର୍ ଫ୍ଲିଟ୍ କିଣିଥିବା ପରିବହନକାରୀମାନେ ଏବେ ବିକ୍ଷିପ୍ତ ଅର୍ଡର ପିଛା କରୁଛନ୍ତି। ସରକାରୀ ଦକ୍ଷତା କେନ୍ଦ୍ରରେ ତାଲିମପ୍ରାପ୍ତ ଯୁବ ୱେଲ୍ଡରମାନେ ତେଲେଙ୍ଗାନାକୁ ରାତ୍ରି ବସ୍ ଯାଆନ୍ତି। ଆଲୁମିନିୟମ୍ କରିଡରକୁ ସେବା ଦେବା ପାଇଁ ଉଦ୍ଦିଷ୍ଟ ଏକ ପିଢ଼ି ଇଟା ଭାଟି ଏବଂ ନିର୍ମାଣ ସ୍ଥାନକୁ ପରିଚିତ ପ୍ରସ୍ଥାନରେ ଯୋଗ ଦେଇଛନ୍ତି।

ଆଂଚଳିକ ଅର୍ଥନୀତିଜ୍ଞମାନଙ୍କ ଆକଳନ ଅନୁଯାୟୀ ଏକ ସମ୍ପୂର୍ଣ୍ଣ ବ୍ୟବହୃତ ଲାଞ୍ଜିଗଡ଼ ରିଫାଇନାରୀ ପରିବହନ, ନିର୍ମାଣ, ରାସାୟନିକ ପଦାର୍ଥ, ପ୍ୟାକେଜିଂ, ଆତିଥ୍ୟ ଏବଂ ସେବା କ୍ଷେତ୍ରରେ ୮୦୦-୧,୦୦୦ ଏମଏସଏମଇକୁ ସମର୍ଥନ କରିପାରିବ, ଯାହା ୪୦,୦୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ବର୍ତମାନର ବ୍ୟବହାରରେ, ସେହି ସମ୍ଭାବନାର କେବଳ ଏକ ତୃତୀୟାଂଶ ଦୃଶ୍ୟମାନ। ସୁଯୋଗ ମୂଲ୍ୟ ଖାଲି ଶିଳ୍ପ ପାର୍କରେ, ରାଜ୍ୟ ଟେବୁଲର ତଳେ ଥିବା ଜିଲ୍ଲା କ୍ରେଡିଟ୍-ଜମା ଅନୁପାତରେ ଏବଂ ପ୍ରଥମ ପିଢ଼ିର ଉଦ୍ୟୋଗୀମାନଙ୍କ ନୀରବ ହତାଶାରେ ମପାଯାଏ। ପଶ୍ଚିମ ଓଡ଼ିଶାକୁ ଏକ ଭିନ୍ନ ଭବିଷ୍ୟତର ପ୍ରତିଶ୍ରୁତି ଦିଆଯାଇଥିଲା - ଆଲୁମିନିୟମ୍ ଅଭାବ ରହିବ ନାହିଁ। ସେହି ଭବିଷ୍ୟତ ଯୋଜନାର ଅଭାବ ପାଇଁ ନୁହେଁ ବରଂ କଂଚାମାଲର ଅଭାବ ପାଇଁ ଅଟକି ଯାଇଥିଲା। ଯଦି କେନ୍ଦ୍ର ବଜେଟର ଏମଏସଏମଇ ଦୃଷ୍ଟିକୋଣ ଏହି ଅଂଚଳରେ ପ୍ଲାଂଟକୁ କଂଚାମାଲର ଯୋଗାଇବା ଆବଶ୍ୟକ ଯାହା ଦ୍ୱାରା ଏହାର ଚାରିପାଖରେ ଥିବା ପିଲାମାନେ ଶେଷରେ ବଢିପାରିବେ।

# ବନ୍ଦ ହେବ କି ବାବ୍ ଏଲ୍-ମାଣ୍ଡେବ ପ୍ରଣାଳୀ?

ତେହେରାନ: ଇରାନ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ହର୍ମୁଜ୍ ପ୍ରଣାଳୀ ପରେ, ୟେମେନର ହୁତି ଆତଙ୍କବାଦୀମାନେ ଏବେ ବାବ୍ ଅଲ୍-ମାଣ୍ଡେବକୁ ବନ୍ଦ କରିବାକୁ ଧମକ ଦେଇଛନ୍ତି। ଏହି ଧମକ ବିଶ୍ୱ ଅର୍ଥନୀତି ତଥା ବିଶ୍ୱ ବାଣିଜ୍ୟ ଉପରେ ଆଶଙ୍କାର କଳାବାଦଲ ଘୋଡ଼ାଇ ଦେଇଛି। ଯଦି ଏହି ସମୁଦ୍ର ପଥ ବନ୍ଦ ହୋଇଯାଏ, ତେବେ ୟୁରୋପ ଓ ଏସିଆ ମଧ୍ୟରେ ବାଣିଜ୍ୟ ଗୁରୁତର ଭାବରେ ବାଧାପ୍ରାପ୍ତ ହେବ।ୟେମେନର ହୁତି ନେତା ଅବଦୁଲ ମାଲିକ ଅଲ-ହୁଥି ସ୍ପଷ୍ଟ କରିଛି, ଆମ ଯୋଦ୍ଧାମାନେ ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ଇରାନର ତିନି ପର୍ଯ୍ୟାୟ ଆକ୍ରମଣ ଆରମ୍ଭ କରିବା ରଣନୀତିର ଏକ ଅଂଶ। ପ୍ରଥମ ପଦକ୍ଷେପ ହେଉଛି ପଶ୍ଚିମ ଦେଶଗୁଡ଼ିକର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବା ପାଇଁ ସମୁଦ୍ର ପଥଗୁଡ଼ିକୁ ଅବରୋଧ କରିବା।



ବାବ୍ ଅଲ୍-ମାଣ୍ଡେବ ଲୋହିତ ସାଗରକୁ ଭାରତ ମହାସାଗର ସହିତ ସଂଯୋଗ କରୁଥିବା ଏକମାତ୍ର ପଥ। ୨୯ କିଲୋମିଟର ଚଉଡାର ଏହି ପଥ ଏସିଆ ଓ ୟୁରୋପ ମଧ୍ୟରେ ବାଣିଜ୍ୟର ଏକ ପ୍ରମୁଖ ସଂଯୋଗ। ସୁଏଜ୍ କେନାଲ ଦେଇ ଯାତ୍ରା କରୁଥିବା ପ୍ରତ୍ୟେକ ଜାହାଜକୁ ଏହି ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ପ୍ରଣାଳୀକୁ ପାର ହେବାକୁ ପଡିଥାଏ। ଏହି ସମୁଦ୍ର ପଥ ଦେଇ ପ୍ରତିଦିନ ପ୍ରାୟ ୮.୮ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ ହୋଇଥାଏ, ଯାହା ବିଶ୍ୱର ମୋଟ ଯୋଗାଣର ୩୦ ପ୍ରତିଶତ। ଯଦି ଏହି ମାର୍ଗ ବନ୍ଦ ହୋଇଯାଏ, ତେବେ ଅଶୋଧିତ ତୈଳ ମୂଲ୍ୟ ଆହୁରି ବଢ଼ିବା ଆଶଙ୍କା ରହିଛି।। ଏହା ଇନ୍ଧନ ମୂଲ୍ୟ ବୃଦ୍ଧି କରିବା ସହିତ ବିଶ୍ୱ ମୁଦ୍ରାସ୍ଫୀତିର ଏକ ନୂଆ ସମୀକରଣ ସୃଷ୍ଟି କରିବ। ଯଦି ଜାହାଜଗୁଡ଼ିକ ଏହି ରାସ୍ତା ଦେଇ ନ ଯାଇ ଆଫ୍ରିକାର କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଯାଆନ୍ତି, ତେବେ ଯାତ୍ରା ପାଇଁ ୧୦ରୁ ୧୫ ଦିନ ସମୟ ଲାଗିବ। ଏହା ଇନ୍ଧନ ଖର୍ଚ୍ଚ ଓ ମାଲ ପରିବହନ ଖର୍ଚ୍ଚକୁ ଯଥେଷ୍ଟ ବୃଦ୍ଧି କରିବ। ଇଲେକ୍ଟ୍ରୋନିକ୍ସ, ଯନ୍ତ୍ରପାତି ଓ ଶସ୍ୟ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ବାଧାପ୍ରାପ୍ତ ହେବା ଦ୍ୱାରା ବଜାରରେ ଘୋର ଅଭାବ ଦେଖାଦେଇପାରେ।

ଇରାନ-ସମର୍ଥିତ ଗୋଷ୍ଠୀଗୁଡ଼ିକ ଏବେ ଏକାଠି କାମ କରୁଛନ୍ତି, ଯାହା ଆଧୁନିକ ଇତିହାସର ସବୁଠାରୁ ବଡ଼ ସାମୁଦ୍ରିକ ସଙ୍କଟର ସଙ୍କେତ ଦେଉଛି। ଯଦି ବାବ୍ ଅଲ୍-ମାଣ୍ଡେବ ଓ ହର୍ମୁଜ୍ ପ୍ରଣାଳୀ ଉଭୟ ଏକକାଳୀନ ବନ୍ଦ ହୋଇଯାଏ, ତେବେ ଏହା ବିଶ୍ୱ ବାଣିଜ୍ୟ ପାଇଁ ଏକ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିବ। ହୁତିଙ୍କ ଏହି ଧମକକୁ କେବଳ ଏକ ଚେତାବନୀ ନୁହେଁ ବରଂ ବିଶ୍ୱ ସାମୁଦ୍ରିକ ସୁରକ୍ଷା ପାଇଁ ଏକ ସିଧାସଳଖ ଚ୍ୟାଲେଞ୍ଜ ଭାବରେ ଦେଖାଯାଉଛି।

# ଆର୍. ବୈରାମୁଥୁ ପାଇବେ ଭାରତର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର

ନୂଆଦିଲ୍ଲୀ: ତାମିଲ ଭାଷାର ବିଶିଷ୍ଟ ଗୀତିକାର ତଥା ଲେଖକ ଆର୍. ବୈରାମୁଥୁଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ମିଳିବ ବୋଲି 'ଭାରତୀୟ ଜ୍ଞାନପୀଠ' ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ତାମିଲ ସାହିତ୍ୟକୁ ପ୍ରଭୂତ ଅବଦାନ ଲାଗି ତାଙ୍କୁ ୨୦୨୫ ବର୍ଷ ପାଇଁ ୬୦ତମ ଜ୍ଞାନପୀଠ ପୁରସ୍କାର ମିଳିବ।

୧୯୫୩ ମସିହାରେ ଜନ୍ମିତ ଆର୍. ବୈରାମୁଥୁ ଜ୍ଞାନପୀଠ ପୁରସ୍କାର ପାଇବାରେ ତୃତୀୟ ତାମିଲ ସାହିତ୍ୟିକ। ଚାରି ଦଶନ୍ଧିର ଗୀତିକାର କ୍ୟାରିଅରରେ ସେ ୭୫୦୦ରୁ ଅଧିକ ଗୀତ ଲେଖିଛନ୍ତି। ଗୀତ ରଚନା ପାଇଁ ସେ ସାତ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଓ ଛଅ ଥର ତାମିଲନାଡୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ତାଙ୍କ କୃତିମାନଙ୍କରେ ମାନବିକ ଆବେଗ, ସାମାଜିକ ସଚେତନତା ଓ ପ୍ରକୃତି ପ୍ରତି ଗଭୀର ସମ୍ବେଦନାକୁ



ସବୁଠାରୁ ଅଧିକ ଗୁରୁତ୍ୱ ମିଳିଥାଏ। ଗୀତ ରଚନା ବ୍ୟତୀତ ସେ ତିରିଶଟି ପୁସ୍ତକର ରଚୟିତା। ୨୦୦୩ରେ ତାଙ୍କର ଲୋକପ୍ରିୟ ଉପନ୍ୟାସ 'କଲ୍ଲିକାଟ୍ଟୁ ଏଥିକାସମ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ମିଳିଥିଲା। ଭାରତ ସରକାର ତାଙ୍କୁ ୨୦୦୩ରେ ପଦ୍ମଶ୍ରୀ ଓ ୨୦୧୪ରେ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ଏଥରର ଜ୍ଞାନପୀଠ ପୁରସ୍କାର ମନୋନୟନ କମିଟିର ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ ଓଡ଼ିଆ ଔପନ୍ୟାସିକା ପ୍ରତିଭା ରାୟ। ମାଧବ କୌଶିକ, ଦାମୋଦର ମାଉଜୋ, ସୁରଞ୍ଜନ ଦାସ, ଏ. କୃଷ୍ଣ ରାଓ, ପ୍ରଫୁଲ୍ଲ ଶିଲେଦାର, କେସୁଭାଇ ଦେଶାଇ, ଜାନକୀ ପ୍ରସାଦ ଶର୍ମା, କେ. ଶ୍ରୀନିବାଶ ସାଓ ଓ ମହେଶ୍ୱର ପ୍ରମୁଖ ଏହି କମିଟିର ସଦସ୍ୟ ଅଛନ୍ତି। ୧୯୬୧ ମସିହାରୁ ପ୍ରତି ବର୍ଷ ଭାରତର ଯେକୌଣସି ଭାଷାର ଜଣେ ବିଶିଷ୍ଟ ସାହିତ୍ୟିକଙ୍କୁ ଏହି ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା, ବାଗ୍ଦେବୀଙ୍କ କାଂସ୍ୟ ମୂର୍ତ୍ତି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ।

# ରାଜ୍ୟସଭା ନିର୍ବାଚନ: ୩୭ ଆସନରୁ ୨୧-୨୨ଟି ପାଇପାରେ ଏନଡିଏ

ନୂଆଦିଲ୍ଲୀ: ମାର୍ଚ୍ଚ ୧୬ ତାରିଖରେ ୩୭ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ଶାସକ ଏନ୍ଡିଏ ଉଚ୍ଚ ସଦନରେ ନିଜର ପ୍ରଭାବ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଗତ ପ୍ରାୟ ବର୍ଷକ ମଧ୍ୟରେ କେତେକ ରାଜ୍ୟ ନିର୍ବାଚନରେ ପାଇଥିବା ସଫଳତାକୁ ପୁଞ୍ଜି କରି ମେଣ୍ଟ କେତେକ ରାଜ୍ୟସଭା ଆସନରେ ଆରାମଦାୟକ ବିଜୟ ଆଶା କରୁଛି। ଏହା ଏନ୍ଡିଏକୁ ପ୍ରମୁଖ ରାଜ୍ୟଗୁଡ଼ିକରେ ନେତୃତ୍ୱ ଗତିଶୀଳତାକୁ ରୂପ ଦେବାର ସୁଯୋଗ ପ୍ରଦାନ କରେ।

ବର୍ତ୍ତମାନ ଭାରତୀୟ ଜନତା ପାର୍ଟି (ବିଜେପି)ର ୧୦୩ଟି ଆସନ ଥିବାବେଳେ ୨୪୫ ସଦସ୍ୟ ବିଶିଷ୍ଟ ଚାମ୍ବରରେ ଏନ୍ଡିଏର ମିଳିତ ସଂଖ୍ୟା ୧୩୩ ରହିଛି। ପାର୍ଟି ସୂତ୍ରରୁ ଜଣାପଡିଛି ଯେ, ମେଣ୍ଟ ୩୭ଟି ଆସନ ମଧ୍ୟରୁ ୨୧-୨୨ଟି ହାସଲ କରିପାରେ, ଯାହା ସମ୍ଭବତଃ ଏହାର ଶକ୍ତିକୁ ୧୪୦ର ନିକଟତର କରିପାରେ। ଫଳରେ ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ଉଚ୍ଚ ସଦନରେ ଏହାର ପ୍ରଭାବ ଅଧିକ ଦୃଢ ରହିବ। ସମସ୍ତଙ୍କ ନଜର ବିହାର ଉପରେ ରହିଛି, ଯେଉଁଠାରେ ପାଞ୍ଚ ଜଣ ସଦସ୍ୟ ନିର୍ବାଚିତ ହେବେ। ଏନ୍ଡିଏ ପାଞ୍ଚ ଜଣ ପ୍ରାର୍ଥୀ ଦେଇଛି, ଯେଉଁଥିରେ ବିଜେପିର ଦୁଇଜଣ, ଜେଡିୟୁରୁ ଦୁଇଜଣ ଏବଂ ସହଯୋଗୀ ଉପେନ୍ଦ୍ର କୁଶୱାହାଙ୍କ ଦଳରୁ ଜଣେ ପ୍ରାର୍ଥୀ ଅଛନ୍ତି। ନୀତୀଶ କୁମାର ରାଜ୍ୟସଭାକୁ ଯିବାକୁ ଚାହୁଁଥିବାରୁ ତାହା ବିହାରରେ ଏକ ସମ୍ଭାବ୍ୟ ରାଜନୈତିକ ପରିବର୍ତ୍ତନ ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି, ଯାହା ରାଜ୍ୟ ସରକାରରେ ଅଧିକ ଦଖଲ ଜମେଇବାକୁ ବିଜେପି ପାଇଁ ସ୍ଥାନ ଖୋଲିଛି। ଆସାମ, ଓଡ଼ିଶା, ହରିୟାଣା ଓ ଛତିଶଗଡ଼ ଭଳି ରାଜ୍ୟରେ ଏନ୍ଡିଏର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ କ୍ରସ୍ ଭୋଟିଂ ମଧ୍ୟ ଏକ ୱାଇଲ୍ଡକାର୍ଡ ହୋଇ ରହିଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ଏନ୍ଡିଏ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ତେବେ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ ୭୧ଟି ରାଜ୍ୟସଭା ଆସନ ଖାଲି ପଡ଼ିବ। ସେତେବେଳେ ଉଚ୍ଚ ସଦନରେ ଏନ୍ଡିଏର ସଂଖ୍ୟା ଓ ପ୍ରଭାବ ଆହୁରି ବୃଦ୍ଧି ପାଇପାରେ।

# ବିଜୟଙ୍କୁ ବିଜେପିର ଅଫର: ଉପମୁଖ୍ୟମନ୍ତ୍ରୀ ପଦ ଓ ପାର୍ଟିକୁ ୮୦ ସିଟ୍

ଚେନ୍ନାଇ : ପାର୍ଟି ସୂତ୍ର ଅନୁସାରେ ବିଜେପି ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏନଡିଏର ବିଜୟ ସ୍ଥିତିରେ ତାମିଲଗା ଭେଟ୍ରି କଜଗମ (ଟିଭିକେ)ର ମୁଖ୍ୟ ବିଜୟଙ୍କୁ ଉପମୁଖ୍ୟମନ୍ତ୍ରୀ ପଦବୀ ଅଫର କରିଛି। ପ୍ରସ୍ତାବିତ ଆସନ ବଣ୍ଟନ ବୁଝାମଣା ଅନୁସାରେ ଟିଭିକେକୁ ପାଖାପାଖି ୮୦ଟି ଆସନ ପ୍ରସ୍ତାବ ମଧ୍ୟ ଦିଆଯାଇଛି। ସୂତ୍ର ଅନୁସାରେ ବିଜେପି ଏବଂ ଟିଭିକେ ମଧ୍ୟରେ ନିର୍ବାଚନ ପୂର୍ବରୁ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଯଦି ସୂତ୍ରରୁ ମିଳୁଥିବା ସୂଚନା ସାବ୍ୟସ୍ତ ହୁଏ ତେବେ ଭୋଟ ସେୟାରରେ ସାମାନ୍ୟ ଏପଟ ସେପଟ ବି ଯେଉଁଠି ନିର୍ବାଚନରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ପରିସ୍ଥିତି ସୃଷ୍ଟି କରୁଛି ସେଠାରେ ରାଜ୍ୟର ନିର୍ବାଚନ ସମୀକରଣ ବଦଳିବାର ମଧ୍ୟ ଆଶଙ୍କା କରାଯାଉଛି। ସୂତ୍ର ଅନୁସାରେ ବିଜୟ ମୁଖ୍ୟମନ୍ତ୍ରୀ ପଦବୀ ଉପରେ ମଧ୍ୟ ଆଖି ରଖିଛନ୍ତି, ଯାହା ଆଲୋଚନାର ଏବେ ପ୍ରସଙ୍ଗ ପାଲଟିଛି। ଅଭିନେତା ତଥା ନେତା ବିଜୟଙ୍କୁ ଏନଡିଏ ବ୍ୟାନର ତଳକୁ ଆଣିବା ପାଇଁ ବିଜେପି ଲଗାତାର



ଉଦ୍ୟମ କରୁଛି। ଏଣୁ ବିଜୟଙ୍କ ସହ ସମ୍ପର୍କ ସ୍ଥାପନା ନିମନ୍ତେ ବିଜେପି ବିଭିନ୍ନ ଉପାୟ ମଧ୍ୟ ଅବଲମ୍ବନ କରୁଛି। ଯେଉଁ ପ୍ରମୁଖ ମାଧ୍ୟମ ଉପରେ ବିଚାର କରାଯାଉଛି ସେଥିରୁ ଗୋଟିଏ ହେଉଛି ଅନ୍ୟ ରାଜ୍ୟର ଉପମୁଖ୍ୟମନ୍ତ୍ରୀଙ୍କ ଭାଗିଦାରୀ। ଏଥିରେ ସେ ବାର୍ତ୍ତାକାର ଭୂମିକା ନିର୍ବାହ କରିପାରନ୍ତି। ବିଜୟଙ୍କ ଉପରେ ବିଜେପି ଭରସା କରିବାର ମୁଖ୍ୟକାରଣ ହେଉଛି ସାରା ରାଜ୍ୟରେ ତାଙ୍କର ଲୋକପ୍ରିୟତା। ପାର୍ଟିର ରାଜନୀତିକାରଙ୍କ କହିବା କଥା ହେଉଛି ଏହି ଲୋକପ୍ରିୟତାର ସାମାନ୍ୟ ଅଂଶ ବି ଆଗାମୀ ବିଧାନସଭା ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ। ବିଜେପି ସୂତ୍ର ଅନୁସାରେ କୌଣସି ନିର୍ବାଚନ ମଣ୍ଡଳିରେ ୨ ପ୍ରତିଶତ ଭୋଟ ମଧ୍ୟ ନିର୍ବାଚନର ଦିଗ ବଦଳାଇ ଦେଇପାରେ। ତାମିଲନାଡୁ ନିର୍ବାଚନ ଇତିହାସରେ ପ୍ରାୟତଃ ଜିତର ଅନ୍ତର ଖୁବ୍ କମ୍ ଥାଏ। ଏଣୁ ମାମୁଲି ଅନ୍ତରକୁ ବି ରାଜନୈତିକ ରୂପେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଅନ୍ୟପଟେ ଏନଡିଏ ସହିତ ମେଣ୍ଟ ସମ୍ଭାବନା ବିଜୟଙ୍କ ନିକଟତମ ପରାମର୍ଶଦାତାଙ୍କୁ ଏବେ ଅଡୁଆରେ ପକାଇ ଦେଇଛି। ସୂତ୍ର ଅନୁସାରେ ତାଙ୍କ ନିକଟତମ ଲୋକଙ୍କ ମଧ୍ୟରୁ କେତେକ ଏ କଥାକୁ ନେଇ ମଧ୍ୟ ଚିନ୍ତିତ ଯେ ସେମାନେ ନୂଆ କରି ଗଢିଥିବା ପାର୍ଟିର ବିଶ୍ୱସନୀୟତା ଉପରେ କି ପ୍ରକାର ପ୍ରଭାବ ପଡିବ। ଏହି ଆଶଙ୍କା ଏ କଥାରୁ ସୃଷ୍ଟି ହେଉଛି ଯେ ବିଜୟ ନିଜର ଏକ ସ୍ୱତନ୍ତ୍ର ଛବି ଉପସ୍ଥାପନ କରି ନିଜ ପାର୍ଟିକୁ ତାମିଲନାଡୁ ରାଜନୈତିକ ପରିଦୃଶ୍ୟରେ ଏକ ବିକଳ୍ପ ରୂପେ ପ୍ରବେଶ କରାଇଛନ୍ତି।

# ନେତାନ୍ୟାହୁଙ୍କ ମୃତ୍ୟୁ ଗୁଜବକୁ ଖଣ୍ଡନ

ତେଲ୍ ଅଭିଭ୍: ଇସ୍ରାଏଲ, ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ବିବାଦ ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଖବରକୁ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଶନିବାର ଖାରଜ କରିଛି। ତୁର୍କୀର ଆନାଡୋଲୁ ଏଜେନ୍ସିର ଏକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଦାବିକୁ ଖଣ୍ଡନ କରିଛି। ଏଗୁଡ଼ିକ ମିଥ୍ୟା ଖବର; ପ୍ରଧାନମନ୍ତ୍ରୀ ଭଲ ଅଛନ୍ତି ବୋଲି କାର୍ଯ୍ୟାଳୟ କହିଛି। ଶୁକ୍ରବାର ନେତାନ୍ୟାହୁ ତାଙ୍କ ଏକ୍ସ ଆକାଉଣ୍ଟରେ ସେୟାର କରିଥିବା ଏକ ଭିଡିଓରେ ସେ ଚାଲିଥିବା ଇସ୍ରାଏଲ-ଆମେରିକା-ଇରାନ ବିବାଦ ଉପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରୁଥିବା ଦେଖାଯିବା ପରେ ଏହି ଗୁଜବ ପ୍ରଚାରିତ ହୋଇଥିଲା। ଭିଡିଓ ପୋଷ୍ଟ ହେବାର କିଛି ସମୟ ପରେ, କିଛି ସୋସିଆଲ ମିଡିଆ ବ୍ୟବହାରକାରୀ ଦାବି କରିଛନ୍ତି ଯେ, ସେମାନେ ନେତାନ୍ୟାହୁଙ୍କ ଡାହାଣ ହାତରେ ଛଅଟି ଆଙ୍ଗୁଠି ଦେଖିଥିଲେ। ଭିଡିଓର ପ୍ରାୟ ୩୫ ସେକେଣ୍ଡ ପରେ, ଛୋଟ ଆଙ୍ଗୁଠି ପାଖରେ ଥିବା ଅତିରିକ୍ତ ମାଂସର ଏକ ପ୍ୟାଚ୍କୁ କିଛି ଉପଭୋକ୍ତା ଷଷ୍ଠ ଆଙ୍ଗୁଠି ବୋଲି କହିଥିଲେ, ଯାହାକୁ ସେମାନେ ଏକ 'କ୍ଲାସିକ୍ ଏଆଇ ଫିଙ୍ଗର ଗ୍ଲିଚ୍' ଭାବରେ ବର୍ଣ୍ଣନା କରିଥିଲେ, ଯାହା ପ୍ରାୟତଃ କୃତ୍ରିମ ଭାବରେ ସୃଷ୍ଟି ହୋଇଥିବା ଚିତ୍ର ସହିତ ଜଡିତ।

ଏହି ଅଞ୍ଚଳରେ ତୀବ୍ର ଶତ୍ରୁତା ବୃଦ୍ଧି ପାଉଥିବା ବେଳେ ଅନଲାଇନ୍ ଗୁଜବ ଉପୁଜିଥିଲା। ଫେବ୍ରୁଆରି ୨୮ରେ ଇସ୍ରାଏଲ ଓ ଆମେରିକା ଇରାନ ବିରୋଧରେ ମିଳିତ ଆକ୍ରମଣ ଆରମ୍ଭ କରିଥିଲେ, ଯେଉଁଥିରେ ଇରାନର ତତ୍କାଳୀନ ସର୍ବୋଚ୍ଚ ନେତା ଅଲି ଖେମିନିଙ୍କୁ ହତ୍ୟା କରାଯାଇଥିଲା, ଯାହା ଏକ ପୂର୍ଣ୍ଣ ଯୁଦ୍ଧର କାରଣ ହୋଇଥିଲା। ଏହା ପରେ ଇରାନ ଇସ୍ରାଏଲ ଓ ଅନେକ ପଡୋଶୀ ଦେଶକୁ ଟାର୍ଗେଟ୍ କରି ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରୁଛି।

# ଧର୍ମାଡୋମରୁ ଲଢ଼ିବେ ପିନାରାୟି ବିଜୟନ

ନୂଆଦିଲ୍ଲୀ: ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍-ମାର୍କ୍ସବାଦୀ) ଆଗାମୀ କେରଳ ବିଧାନସଭା ନିର୍ବାଚନ ୨୦୨୬ରେ ୮୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ ପୁଣି ଥରେ କନ୍ନୁର ଜିଲ୍ଲାର ଧର୍ମାଡୋମ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କେକେ ଶୈଳଜାଙ୍କୁ କନ୍ନୁର ଜିଲ୍ଲାର ପେରାଭୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରାଯାଇଛି। ପୂର୍ବରୁ ସେ ମଟ୍ଟାନୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ି ରେକର୍ଡ ବ୍ୟବଧାନରେ ଜିତିଥିଲେ। ପେରାଭୁରର ପ୍ରତିନିଧିତ୍ୱ ବର୍ତ୍ତମାନ କେରଳ ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ସଭାପତି ସନ୍ନି ଜୋସେଫ୍ କରୁଛନ୍ତି। ଦଳ ଏପର୍ଯ୍ୟନ୍ତ ୮୧ ଜଣ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଅବଶିଷ୍ଟ ପାଞ୍ଚ ଜଣ ସ୍ୱାଧୀନ ପ୍ରାର୍ଥୀ ହେବେ, ଯାହାଙ୍କୁ ପରେ ଘୋଷଣା କରାଯିବ। ଉଲ୍ଲେଖନୀୟ ପ୍ରାର୍ଥୀମାନଙ୍କ ମଧ୍ୟରେ ପିକେ ଶ୍ୟାମଳା ତାଲିପରମ୍ବା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଶ୍ୟାମଳା ହେଉଛନ୍ତି ସିପିଆଇଏମ୍ ରାଜ୍ୟ ସମ୍ପାଦକ ଏମ୍ଭି ଗୋବିନ୍ଦନଙ୍କ ପତ୍ନୀ ଏବଂ ତାଲିପରମ୍ବା ପୂର୍ବରୁ ତାଙ୍କ ଆସନ ଥିଲା। ଯେଉଁ ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି (ବିଜେପି) ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ସେହି ନିର୍ବାଚନମଣ୍ଡଳୀରେ ମଧ୍ୟ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏମାନଙ୍କ ମଧ୍ୟରେ ନେମୋମ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭି ସିଭାନକୁଟ୍ଟି, କାଜାକୁଟ୍ଟମ ବିଧାନସଭା ନିର୍ବାଚନମଣ୍ଡଳୀରୁ କାଡାକମ୍ପାଲି ସୁରେନ୍ଦ୍ରନ, ଭାଟିୟୁରକାଭୁ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭିକେ ପ୍ରଶାନ୍ତ ଓ ମଞ୍ଜେଶ୍ୱରମ ବିଧାନସଭା ନିର୍ବାଚନମଣ୍ଡଳୀରୁ କେଆର ଜୟନନ୍ଦନ ଅଛନ୍ତି। ପାଲକ୍କଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ ଏବଂ ସେଠାରେ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ରହିବେ। ରବିବାର ନିର୍ବାଚନ ଆୟୋଗ ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ନିକଟରେ କେରଳମ୍ ନାମରେ ନାମିତ କେରଳରେ ଏହାର ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭା ପାଇଁ ଏପ୍ରିଲ ୯ରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ହେବ ଏବଂ ମେ ୪ରେ ଭୋଟ୍ ଗଣତି ହେବାର କାର୍ଯ୍ୟକ୍ରମ ରହିଛି।

# ତାମିଲନାଡୁରେ ସରକାର ଗଢିପାରେ ଏନଡିଏ

ନୂଆଦିଲ୍ଲୀ: ନିର୍ବାଚନ ଆୟୋଗ ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ରବିବାର ତାରିଖ ଘୋଷଣା କରିଛନ୍ତି। ତାମିଲନାଡୁରେ ୨୩ ଏପ୍ରିଲ ୨୦୨୬ରେ ଭୋଟ ଗ୍ରହଣ ହେବ ଓ ଫଳାଫଳ ମେ ୪ ତାରିଖରେ ଆସିବ। ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ସହିତ ରାଜ୍ୟର ଓପିନିୟନ ପୋଲ ମଧ୍ୟ ଆସିଯାଇଛି। ମାଟ୍ରିଜ-ଇଆନସ୍ ସେମାନଙ୍କ ଓପିନିୟନ ପୋଲ ମାଧ୍ୟମରେ ତାମିଲନାଡୁ ଭୋଟରଙ୍କ ମୁଡ ଜାଣିବାକୁ ଚେଷ୍ଟା କରିଛନ୍ତି। ଏହି ଓପିନିୟନ ପୋଲ ମୁତାବକ ତାମିଲନାଡୁ ନିର୍ବାଚନରେ ଡିଏମକେ ଓ ଏନଡିଏ ମେଣ୍ଟ ମଧ୍ୟରେ କଡା ଟକ୍କର ହେବ। ଏଠାରେ ଏନଡିଏ ମେଣ୍ଟକୁ ସଂଖ୍ୟାଗରିଷ୍ଠତା ମିଳିପାରେ। ଏଥର ନିର୍ବାଚନରେ ଏନଡିଏକୁ ୧୧୪ରୁ ୧୨୭ ଆସନ ମିଳିବାକୁ ଥିବା ବେଳେ ଡିଏମକେକୁ ୧୦୪-୧୧୪ ଓ ଟିଭିକେକୁ ୬-୧୨ଟି ଆସନ ମିଳିବ ବୋଲି ଓପିନିୟମ ପୋଲରେ ଅନୁମାନ କରାଯାଇଛି। ତାମିଲନାଡୁ ବିଧାନସଭା ନିର୍ବାଚନ ଗୋଟିଏ ପର୍ଯ୍ୟାରେ ଶେଷ ହେବ। ଏଠାରେ ଗେଜେଟ ନୋଟିଫିକେସନ ତାରିଖ ୩୦ ମାର୍ଚ୍ଚ



୨୦୨୬। ସେହିପରି ଏଠାରେ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଏପ୍ରିଲ ୬ ତାରିଖ ଥିବା ବେଳେ ୨୩ ଏପ୍ରିଲରେ ଭୋଟ ଗ୍ରହଣ ହେବ।

ତାମିଲନାଡୁ ବିଧାନସଭା ନିର୍ବାଚନ ୨୦୨୧ର ଫଳାଫଳ ଦେଖିଲେ ଏଥିରେ ଡିଏମକେକୁ ସଂଖ୍ୟା ଗରିଷ୍ଠତା ମିଳିଥିଲା। ଡିଏମକେ ନିର୍ବାଚନରେ ମୋଟ ୧୩୩ଟି ଆସନ ଜିତିଥିଲା। ସେହିପରି ଏଆଇଏଡିଏମକେକୁ ୬୬, କଂଗ୍ରେସକୁ ୧୮, ପିଏମକେ କୁ ୫, ଭିସିକେ କୁ ୪ ଓ ନିର୍ଦ୍ଦଳୀୟଙ୍କୁ ୮ଟି ଆସନ ମିଳିଥିଲା। ଏବେ ଡିଏମକେ ସାମ୍ନାରେ ଆଗାମୀ ବିଧାନସଭା ନିର୍ବାଚନରେ ନିଜ ପ୍ରଦର୍ଶନ ଦୋହରାଇବା ଚ୍ୟାଲେଞ୍ଜ ପାଲଟିଛି।

# ରେଳବାଇରେ ଏଆଇ ଏଣ୍ଟ୍ରି

ରାୟପୁର : ଦେଶରେ ରେଳ ଚଳାଚଳକୁ ଅଧିକ ସୁରକ୍ଷିତ ଓ ଟେକ୍ନୋଲଜି ଆଧାରିତ କରିବା ପାଇଁ ଦକ୍ଷିଣ-ପୂର୍ବ-କେନ୍ଦ୍ର ରାଳବାଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଭିଲାଇସ୍ଥିତ ପିପି ୟାର୍ଡରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ୱାଗନ ଡ୍ୟାମେଜ ଡିଟେକ୍ସନ ସିଷ୍ଟମ କମିସନିଂ କରାଯାଇଛି। ଏହି ଅତ୍ୟାଧୁନିକ ପ୍ରାଣାଳୀର ଉଦ୍ଦେଶ୍ୟ ୟାର୍ଡକୁ ମରାମତି ପାଇଁ ଆସୁଥିବା ଗୁଡସ୍ ଟ୍ରେନ ୱାଗନରେ ଥିବା ତ୍ରୁଟିକୁ ଦ୍ରୁତ ଓ ସଠିକ ଚିହ୍ନଟ କରିବା। ଏହା ଦ୍ୱାରା ମରାମତି କାର୍ଯ୍ୟକୁ ଆହୁରି ପ୍ରଭାବୀ ଢଙ୍ଗରେ କରାଯାଇ ପାରିବ ଓ ରେଳ ସୁରକ୍ଷା ଅଧିକ ମଜଭୁତ ହେବ। ଏହି ଏଆଇ ଆଧାରିତ ପ୍ରଣାଳୀ ମେସିନ ଲର୍ଣ୍ଣିଂ ଏଲଗୋରିଦିମ ମାଧ୍ୟମରେ ରେଳ ୱାଗନରେ ଥିବା ତ୍ରୁଟିକୁ ତୁରନ୍ତ ଚିହ୍ନଟ କରୁଛି। କୌଣସି ରାକ୍ ୟାର୍ଡରେ ପ୍ରବେଶ କରିବା ପରେ ଏହି ପ୍ରଣାଳୀ ହାଇ ଡେଫିନେସନ ମେସିନ ଭିଜନ କ୍ୟାମେରା ଓ ବିଶେଷ ଆଲୋକ ସ୍ରୋତ ମାଧ୍ୟମରେ ୱାଗନର ଛବି ନେଇ




ଏହାର ବିଶ୍ଳେଷଣ କରୁଛି। ଏହା ପରେ ପ୍ରତ୍ୟେକ ୱାଗନ ନମ୍ବର ସହିତ ଚିହ୍ନଟ ତ୍ରୁଟିର ବିସ୍ତୃତ ରିପୋର୍ଟ ଆପେ ଆପେ ପ୍ରସ୍ତୁତ ହୋଇଯାଉଛି। ଏହି ପ୍ରଣାଳୀ ପାରମ୍ପରିକ ନିରୀକ୍ଷଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ସମ୍ଭାବିତ ତ୍ରୁଟିର ସୂଚନା ଦେଇ ପାରୁଛି।ଏହା ଦ୍ୱାରା ମରାମତି ଓ ରକ୍ଷଣା ବେକ୍ଷଣ ଯୋଜନା ଶୀଘ୍ର ତିଆରି କରାଯିବା ସହ ତ୍ରୁଟି ବିହୀନ ମରାମତି ହୋଇ ପାରୁଛି। ତରୁଣ ପ୍ରକାଶଙ୍କ ମାର୍ଗଦର୍ଶନରେ ଜୋନରେ ଆଧୁନିକ ଟେକ୍ନୋଲଜି କୁ ଆପଣେଇବା ଦିଗରେ ଦ୍ରୁତ କାମ କରାଯାଉଛି। ଏହି ପଦକ୍ଷେପ ଯୋଗୁ ନା କେବଳ ରେଳ ସୁରକ୍ଷା ମଜଭୁତ ହେବ ବରଂ ମାଲ ପରିବହନ ଦକ୍ଷତାରେ ମଧ୍ୟ ଉଲ୍ଲେଖନୀୟ ସୁଧାର ହେବ ବୋଲି ଆଶା କରାଯାଉଛି।

# ଉତ୍ତର-ପୂର୍ବ ଭାରତ ପାଇଁ ପ୍ରବଳ ବର୍ଷା ଚେତାବନୀ

ନୂଆଦିଲ୍ଲୀ: ଉତ୍ତର ଓ ପୂର୍ବ ଭାରତରେ ଆସନ୍ତାକାଲି ଝଡ଼ବର୍ଷା ଓ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରାଯାଇଛି। ପଶ୍ଚିମ ହିମାଳୟ ଓ ପାଖାପାଖି ଅଞ୍ଚଳରେ କେତେକ ସ୍ଥାନରେ ସୋମବାର ବିଜୁଳି ଘଡ଼ଘଡ଼ି ସହିତ ପବନ, କୁଆପଥର ବର୍ଷା ଓ ଝଡ଼ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଚେତାବନୀ ଜାରି କରିଛି। ଅନ୍ୟପକ୍ଷରେ ପଶ୍ଚିମା ଝଡ଼ ପ୍ରଭାବରେ ସମ୍ପୃକ୍ତ ଅଞ୍ଚଳ ଓ ସଂଲଗ୍ନ ଉତ୍ତର ପଶ୍ଚିମ ଭାରତରେ ମାର୍ଚ୍ଚ ୧୮ରୁ ଝଡ଼ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଇଏମ୍ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ସୋମବାର ଓ ମଙ୍ଗଳବାର ଆସାମର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅରୁଣାଚଳ ପ୍ରଦେଶରେ ମଙ୍ଗଳବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମିଜୋରାମରେ ସୋମବାର ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଇଏମ୍ଡି କହିଛି। ଆସନ୍ତା ଦୁଇ ଦିନ ଯାଏ ଉତ୍ତର-ପଶ୍ଚିମ ଭାରତରେ ସର୍ବାଧିକ ତାପମାତ୍ରା ୩ରୁ ୫ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇବ। ଏହାର ପରବର୍ତ୍ତୀ ପର୍ଯ୍ୟନ୍ତ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବ। ଉତ୍ତର ପଶ୍ଚିମ ଓଡ଼ିଶା ଓ ବିଦର୍ଭରେ ଗତ ୨୪ ଘଣ୍ଟାରେ ହିଟ୍ୱେଭ୍ ସ୍ଥିତି ରହିଥିଲା। ଜମ୍ମୁ ଓ କାଶ୍ମୀର, ଲଦାଖ ଓ ହିମାଚଳ ପ୍ରଦେଶରେ ମାର୍ଚ୍ଚ ୧୯ରେ କୁଆପଥର ବୃଷ୍ଟି ହୋଇପାରେ, ଉତ୍ତରାଖଣ୍ଡରେ ମାର୍ଚ୍ଚ ୧୬, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼, ପୂର୍ବ ଉତ୍ତର ପ୍ରଦେଶରେ ମାର୍ଚ୍ଚ ୧୬, ଗାଙ୍ଗେୟ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରେ ସୋମବାର ପର୍ଯ୍ୟନ୍ତ କେତେକ ସ୍ଥାନରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଥିବା ଆଇଏମ୍ଡି ପକ୍ଷରୁ କୁହାଯାଇଛି। ଉତ୍ତରଖଣ୍ଡରେ ସୋମବାର ୫୦-୬୦ କିମି ବେଗରେ ପବନ ଓ ସ୍ଥଳ ବିଶେଷରେ ଝଟ୍କା ପବନ ୭୦ କିମି ବେଗରେ ବହିବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡରେ ୪୦ରୁ ୫୦ କିମି ବେଗରେ ପବନ ଓ ଝଟ୍କା ପବନ ୬୦ କିମି ବେଗରେ ପ୍ରବାହିତ ହେବ ବୋଲି ଆଇଏମ୍ଡି ପକ୍ଷରୁ କୁହାଯାଇଛି।

# ପରିସ୍ଥିତି ଉପରେ ନଜର ରଖିବା ପାଇଁ ୨୨ ରାଜ୍ୟରେ ନିୟନ୍ତ୍ରଣ କକ୍ଷ

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାକ୍ରମକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଛି। ଏଗୁଡ଼ିକ ଶକ୍ତି ଯୋଗାଣ ପରିଚାଳନା, ସାମୁଦ୍ରିକ କାର୍ଯ୍ୟକଳାପ, ସ୍ଥାନୀୟ ଅଞ୍ଚଳରେ ଭାରତୀୟ ନାଗରିକଙ୍କ କଲ୍ୟାଣ ଏବଂ ସାଧାରଣ ଯୋଗାଯୋଗ ପଦକ୍ଷେପ ସହ ଜଡିତ। ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ସ୍ଥିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ନିୟମିତ ଯୋଗାଣ ଏବଂ ବଣ୍ଟନ ବଜାୟ ରଖିବା ଲାଗି ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ସୁରକ୍ଷିତ ଗ୍ୟାସ୍ ଯୋଗାଣ ଜାରି ରହିଛି । ଏଥିରେ ପିଏନଜି ଏବଂ ସିଏନଜି ପାଇଁ 100% ଯୋଗାଣ ଅନ୍ତର୍ଭୁକ୍ତ। ଅନ୍ୟପଟେ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଯୋଗାଣ ପ୍ରାୟ ୫୦%ରେ ନିୟନ୍ତ୍ରିତ ହେଉଛି। ପ୍ରମୁଖ ନଗର ଏବଂ ସହରାଞ୍ଚଳରେ ବାଣିଜ୍ୟିକ ଏଲପିଜିଉପଭୋକ୍ତାମାନଙ୍କୁ ପିଏନଜିସଂଯୋଗ ବାଛିବାକୁ ଉତ୍ସାହିତ କରାଯାଉଛି । ସେମାନେ ଇମେଲ୍, ଚିଠି କିମ୍ବା ସିଟି ଗ୍ୟାସ୍ ବଣ୍ଟନ (ସିଜିଡି) କମ୍ପାନୀଗୁଡ଼ିକର ଗ୍ରାହକ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ। ପିଏନଜିସଂଯୋଗ ଏବଂ ଏଲପିଜି-ରୁ-ପିଏନଜିରପରିବର୍ତ୍ତନର ସ୍ଥିତି ସମୀକ୍ଷା କରିବା ପାଇଁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ପିଏନଜିଆରବିଏବଂ ସିଜିଡିସଂସ୍ଥାଗୁଡ଼ିକ ସହିତ ୧୪ମାର୍ଚ୍ଚ ୨୦୨୬ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ପ୍ରଚଳିତ ଭୂରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଲପିଜି ଯୋଗାଣ ଉପରେ ନଜର ରଖାଯାଇଛି। ଏଲପିଜି ବିତରକମାନଙ୍କ ନିକଟରେ କୌଣସି ଅଭାବ ସମ୍ପର୍କରେ ରିପୋର୍ଟ ନାହିଁ। ଏଲପିଜି ବୁକିଂରେ ହ୍ରାସ ଦେଖାଦେଇଛି, ଗତକାଲି ପ୍ରାୟ ୭୭ ଲକ୍ଷ ବୁକିଂ ରେକର୍ଡ ହୋଇଛି, ୧୩ ମାର୍ଚ୍ଚ ୨୦୨୬ରେ ୮୮.୮ ଲକ୍ଷ ବୁକିଂ ହୋଇଥିଲା। ଅନଲାଇନ୍ ଏଲପିଜି ସିଲିଣ୍ଡର ବୁକିଂ ୮୪% ରୁ ପ୍ରାୟ ୮୭% ବୃଦ୍ଧି ପାଇଛି। ବିହାର, ଦିଲ୍ଲୀ, ହରିୟାଣା ଏବଂ ରାଜସ୍ଥାନ ସମେତ ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ



ପ୍ରଦେଶ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଅଣ-ଘରୋଇ ଏଲପିଜି ଆବଣ୍ଟନ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରାଥମିକ ବଣ୍ଟନ ପାଇଁ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ରାଜ୍ୟ ସରକାରଙ୍କ ହାତରେ ରଖାଯାଇଛି ଏବଂ ଏହା ବର୍ତ୍ତମାନ ୩୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ଗ୍ରାହକଙ୍କ ଲାଗି ଉପଲବ୍ଧ।

ବିକଳ୍ପ ଇନ୍ଧନ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ୪୮,୦୦୦ କିଲୋଲିଟରକିରୋସିନର ଅତିରିକ୍ତ ଆବଣ୍ଟନ ଯୋଗାଇ ଦିଆଯାଇଛି। ଏଲପିଜିଯୋଗାଣ ଉପରେ ଚାପ କମ କରିବା ପାଇଁ ଆତିଥ୍ୟ ଏବଂ ରେସ୍ତୋରାଁ ସମେତ କିଛି କ୍ଷେତ୍ର ପାଇଁ କିରାସିନି ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନକୁ ସକ୍ରିୟ କରାଯାଇଛି। ରାଷ୍ଟ୍ରାୟତ୍ତତୈଳ ବିପଣନ କମ୍ପାନୀଗୁଡ଼ିକ ଡିଜିଟାଲ୍ ବୁକିଂକୁ ପ୍ରୋତ୍ସାହିତ କରୁଛନ୍ତି।ସେଗୁଡ଼ିକ ଭୟଭୀତ ହୋଇ ବୁକିଂକୁ ନିରୁତ୍ସାହିତ କରୁଛନ୍ତି ଏବଂ ସୁଗମ ଯୋଗାଣକୁ ସହଜ କରିବା ପାଇଁ ରବିବାର ଏଲପିଜିବିତରକ ସଂସ୍ଥାକୁ ଖୋଲା ରଖିଛନ୍ତି।

ଯୁଦ୍ଧ ଗ୍ରସ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା ଭାରତୀୟ ଜାହାଜ ଏବଂ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି। ସୁଗମ ସାମୁଦ୍ରିକ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ ଜାହାଜ କର୍ତ୍ତୃପକ୍ଷ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ବଜାୟ ରଖାଯାଇଛି। ଏହି ଅଞ୍ଚଳରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ନାବିକମାନଙ୍କ ସହିତ କୌଣସି ଜାହାଜ ଚଳାଚଳ ଜନିତ ଦୁର୍ଘଟଣା ଘଟିନାହିଁ। ୧୪ ମାର୍ଚ୍ଚ ୨୦୨୬ରେ, ଯେତେବେଳେ ଭାରତୀୟ ଜାହାଜ ଜଗ ଲାଡକି ଫୁଜୈରାହ ସିଙ୍ଗଲ ପଏଣ୍ଟ ମୁରିଂରେ ଅଶୋଧିତ ତୈଳ ଲୋଡ୍ କରୁଥିବା ସମୟରେ ଫୁଜୈରାହ ତୈଳ ଟର୍ମିନାଲ ଉପରେ ଆକ୍ରମଣ ହୋଇଥିଲା। ଜାହାଜଟି ଆଜି ସକାଳ ସାଢ଼େ ୧୦ଟାରେ ପ୍ରାୟ ୮୦ ହଜାର ୮୦୦ ମେଟ୍ରିକ ଟନ୍ ମୁରବାନ ଅଶୋଧିତ ତୈଳ ନେଇ ଫୁଜୈରାହରୁ ସୁରକ୍ଷିତ ଭାବରେ ଯାତ୍ରା କରିଥିଲା ଏବଂ ଭାରତ ଅଭିମୁଖେ ଯାଉଛି। ଜାହାଜ ଏବଂ ସେଥିରେ ଥିବା ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ଦୁଇଟି ଭାରତୀୟ ଏଲପିଜି ବାହକ ଜାହାଜଶିବାଲିକ୍ ଏବଂ ନନ୍ଦ ଦେବୀ, ପ୍ରାୟ ୯୨,୭୧୨ ମେଟ୍ରିକ୍ ଟନ୍ ଏଲପିଜି ବହନ କରି୧୪ ମାର୍ଚ୍ଚ ୨୦୨୬ରେ ହର୍ମୁଜ୍ ପ୍ରଣାଳୀ ପାର କରିଥିଲା।ବର୍ତ୍ତମାନ ଏହା ଭାରତ ଆଡ଼କୁ ଅଗ୍ରସର ହେଉଛି ଏବଂ ୧୬ ମାର୍ଚ୍ଚରେ ମୁନ୍ଦ୍ରା ବନ୍ଦର ଏବଂ ୧୭ ମାର୍ଚ୍ଚରେ କାଣ୍ଡଲା ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ୬୧୧ ନାବିକଙ୍କ ସହିତ ୨୨ଟି ଭାରତୀୟଜାହାଜ ପାରସ୍ୟ ଉପସାଗର କ୍ଷେତ୍ରର ପଶ୍ଚିମରେ ରହିଛି। ଜାହାଜ ମାଲିକ, ଆରପିଏସଏଲଏଜେନ୍ସି ଏବଂ ଭାରତୀୟ ମିଶନ ସହିତ ସମନ୍ୱୟ ରଖି ଜାହାଜ ଚଳାଚଳ ନିର୍ଦ୍ଦେଶାଳୟ ପରିସ୍ଥିତି ଉପରେ ନଜର ରଖିଛି। ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ସକ୍ରିୟ ହେବା ପରଠାରୁ, ନାବିକ, ସେମାନଙ୍କ ପରିବାର ଏବଂ ସାମୁଦ୍ରିକ ଅଂଶୀଦାରମାନଙ୍କ ଠାରୁ ସୂଚନା ଓ ସହାୟତା ପାଇଁ ୨,୯୯୫ଟି ଫୋନ୍ କଲ୍ ଏବଂ ୫,୩୫୭ରୁ ଅଧିକ ଇମେଲ୍ ପାଇଛି ଏବଂ ଏହାର ଜବାବ ଦେଇଛି । ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟଏପର୍ଯ୍ୟନ୍ତ ଉପସାଗର କ୍ଷେତ୍ରରୁ ୨୭୬ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିଛି। ଗତ ୨୪ ଘଣ୍ଟାରେ ବିମାନବନ୍ଦର ଏବଂ ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ୨୩ ଜଣଙ୍କୁ ଅଣାଯାଇଛି । ସାମୁଦ୍ରିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ବନ୍ଦରଗୁଡ଼ିକ ଜାହାଜ ଚଳାଚଳ ଏବଂ ମାଲ ପରିବହନ ଉପରେ କଡ଼ା ନଜର ରଖିଛନ୍ତି। ମନ୍ତ୍ରଣାଳୟ ସାମୁଦ୍ରିକ ବାଣିଜ୍ୟ ଓ ବନ୍ଦର ପରିଚାଳନାର ନିରନ୍ତରତା ବଜାୟ ରଖି ଭାରତୀୟ ନାବିକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତୀୟ ମିଶନ, ଜାହାଜ କମ୍ପାନୀ ତଥା ସାମୁଦ୍ରିକ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ଜାରି ରଖିଛି।

# ବିବାହ କଲେ ଯଶ୍ ଦୟାଲ

ବେଙ୍ଗାଲୁରୁ, ୧୫/୩ (ଏଜେନ୍ସି) : ଆଇପିଏଲ୍ ୨୦୨୬ ସଂସ୍କରଣ ଆଉ ଦିନ କେଇଟା ପରେ ଆରମ୍ଭ ହେବ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଦ୍ରୁତ ବୋଲର ଯଶ୍ ଦୟାଲ ହଠାତ୍ ଚର୍ଚ୍ଚାକୁ ଆସିଛନ୍ତି। ସେ ଚୁପ୍‌ଚାପ୍ ବିବାହ କରିଛନ୍ତି। ଯସଙ୍କ ବିରୋଧରେ ଜଣେ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ, ଏନେଇ ମାମଲା ମଧ୍ୟ ରୁଜୁ ହୋଇଥିଲା। ବିବାଦୀୟ ଯସ୍‌ଙ୍କ ବିବାହ ନେଇ ଫ୍ରାଞ୍ଚାଇଜ୍ ପକ୍ଷରୁ କୌଣସି ବୟାନ ଜାରି କରାଯାଇନାହିଁ। ହିନ୍ଦୁସ୍ଥାନ ଟାଇମ୍ସ ପକ୍ଷରୁ ପ୍ରକାଶିତ ଖବର ଅନୁସାରେ ଯସ୍ ଦୟାଲ ବିବାହ କରିଛନ୍ତି। ଉତ୍ତରପ୍ରଦେଶର ନଇଡାରେ ଏହି ବିବାହ ଅନୁଷ୍ଠିତ ହୋଇଛି। କେବଳ ଦୁଇ ପରିବାରର ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଶ୍ୱେତା ପୁଣ୍ଡରୀଙ୍କୁ ବିବାହ କରିଛନ୍ତି ଯସ୍। ଉଭୟ ପରସ୍ପରକୁ ପସନ୍ଦ କରୁଥିଲେ। ନିକଟରେ ଯସଙ୍କ ସହ ଏକ ରିଲ୍ସ ମଧ୍ୟ ସେୟାର କରିଥିଲେ ଶ୍ୱେତା। ଏହା ପରେ ଉଭୟଙ୍କ ପ୍ରେମ ସମ୍ପର୍କର ଖୁଲାସା ହୋଇଥିଲା।



# ମହିଳା ସିନିୟର ଆନ୍ତଃଜୋନ୍ କ୍ରିକେଟ୍

## ପୂର୍ବାଞ୍ଚଳ ଦଳରେ ୪ ଓଡିଆ

ଭୁବନେଶ୍ୱର, ୧୫।୩(ସବ୍ୟୁ) : ମହିଳା ସିନିୟର ଆନ୍ତଃଜୋନ୍ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳ ଘୋଷଣା ହୋଇଛି। ଘୋଷିତ ଦଳରେ ଓଡିଶାର ୪ ଜଣ ସ୍ଥାନ ପାଇଛନ୍ତି। ଏମାନେ ହେଲେ ମାଧୁରୀ ମେହେର, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ ଓ ରିମା ଲକ୍ଷ୍ମୀଏକା ନିକଟରେ ମହିଳା ଦିନିକିଆ ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ସ୍ଥାନ ମିଳିଛି। ଓଡିଶା ବ୍ୟତୀତ ବେଙ୍ଗଲରୁ ୪ଜଣ, ଝାଡଖଣ୍ଡରୁ ୩ ଜଣ, ଆସାମରୁ ୨ ଜଣ, ବିହାର ଓ ତ୍ରିପୁରାରୁ ଜଣେ ଲେଖାଏଁ ଖେଳାଳି ପୂର୍ବାଞ୍ଚଳରେ ସ୍ଥାନ ପାଇଛନ୍ତି। ସାଇକା ଇସାକ୍ ଅଧିନାୟିକା ଦାୟିତ୍ୱ ତୁଲାଇବେ। ଓଡିଶାର ମଧୁସ୍ମିତା ବେହେରାଙ୍କୁ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତ କରାଯାଇଛି।



ପୂର୍ବାଞ୍ଚଳ ଦଳ : ସାଇକା ଇସାକ୍ (ଅଧିନାୟିକା), ବିଦିଶା ଦେ, ମିତା ପାଲ, ତନୁଶ୍ରୀ ସରକାର, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ, ମାଧୁରୀ ମେହେର, ରିମାଲକ୍ଷ୍ମୀ ଏକା,ଦେବଜାନୀ ପ୍ରସାଦ, କୁମାରୀ ମେଘା, ପ୍ରିୟଙ୍କା ଲୁଥରା, ଅପୂର୍ବ କୁମାରୀ, ଜିନ୍ତୀମଣି କଳିତା, ଗାୟତ୍ରୀ ଗୌରାଙ୍ଗ ଓ ମୋଟୀଟେ ଦେବନାଥ।

# ପଡିଆରେ ଚାଲିଗଲା ଜୀବନ

ନୂଆଦିଲ୍ଲୀ, ୧୫।୩(ଏଜେନ୍ସି) : ସବୁଠୁ ଫିଟ ରହୁଥିବା ବ୍ୟକ୍ତିଙ୍କୁ ହୃଦଘାତ ହୋଇପାରେ କି ? ଏବେ ସବୁଠୁ ବଡ ପ୍ରଶ୍ନ ଭାବେ ଉଭା ହୋଇଛି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଯାହା ସମସ୍ତଙ୍କୁ ଚକିତ କରିଛି। ଜଣେ ଫୁଟବଲ ଖେଳାଳି ମ୍ୟାଚ ସମୟରେ ହଠାତ୍ ହୃଦଘାତର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଛନ୍ତି। ନାମଧାରୀ ଏଫ୍‌ସିର ଯୁବ ଡିଫେଣ୍ଡର ରବିନ୍ଦର ସିଂଙ୍କର ମାତ୍ର ୨୫ ବର୍ଷ ବୟସରେ ମୃତ୍ୟୁ ହୋଇଛି। ପଞ୍ଜାବରେ ଏକ ମ୍ୟାଚ ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପଡିଆରେ ପଡିଯାଇଥିଲେ। ହସ୍ପିଟାଲ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଥି ଖେଳାଳି ଏବଂ ଆୟୋଜକ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେତେବେଳକୁ ସେ ଆଖି ବୁଜିସାରିଥିଲେ। ମୃତ୍ୟୁର ପ୍ରାଥମିକ କାରଣ ହୃଦଘାତ ବୋଲି କୁହାଯାଉଛି। ଡାକ୍ତରୀ ଯାଞ୍ଚ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଜନ୍ମସ୍ଥାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ରବିନ୍ଦରଙ୍କ ପରିବାର ସଦସ୍ୟ, ବନ୍ଧୁ ଏବଂ ସାଥି ଖେଳାଳିମାନେ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ନାମଧାରୀ ଏଫ୍‌ସି ଏବଂ ଇଣ୍ଡିଆନ ଫୁଟବଲ ଲିଗ୍ ସୋସିଆଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି।

## ପ୍ରଶାନ୍ତ -ସୁବାଶିଷ ମେମୋରିଆଲ ମୁକ୍ତେଶ୍ୱର କପ୍ କ୍ରିକେଟ୍

# ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର, ୧୫।୩(ସବ୍ୟୁ) : ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ସୁବାଶିଷ ଭୂୟାଁ ସ୍ମାରକୀ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ କିଶୋର ସ୍ପୋର୍ଟିଂକୁ ଭେଟିଥିଲା ପାରାମାଉଣ୍ଟ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ୨୧.୨ ଓଭର ସୁଦ୍ଧା ୬ ୱିକେଟ ହରାଇ ୧୧୦ ରନ କରିଥିଲା। କିନ୍ତୁ ସପ୍ତମ ୱିକେଟ ପାଇଁ ଅଂଶୁମାନ ସାହୁ ଓ ମିନାଲ ପରିଡାଙ୍କ ମଧ୍ୟରେ ୭୯ ରନର ପାର୍ଟନରସିପ ହୋଇଥିଲା। ତେଣୁ ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୮ ୱିକେଟ ହରାଇ ୨୩୮ ରନ କରିଥିଲା। ଅଂଶୁମାନ ସାହୁ ୯୯ ବଲରୁ ୭୨ ରନର ଇନିଂସ ଖେଳିଥିଲେ। ମିନାଲ ୪୦ ବଲରୁ ୩୭ କରିଥିଲେ। କିଶୋର ସ୍ପୋର୍ଟିଂର ଆଶୁତୋଷ ଦାସ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବ୍‌ରେ କିଶୋର ସ୍ପୋର୍ଟିଂ ଜମାଣିଆ ଆରମ୍ଭ କରିଥିଲା। ଦଳ ୧୯ ଓଭର ସୁଦ୍ଧା ୨ ୱିକେଟ୍ ହରାଇ ୯୩ ରନ କରିଥିଲା। ମିନାଲ ପରିଡା ୨ ୱିକେଟ ଅକ୍ତିଆର କରି କିଶୋର କ୍ଲବକୁ ଆଗକୁ ବଢିବାକୁ ଦେଇନଥିଲେ। ଏହା ସତ୍ତ୍ୱେ ଦେବବ୍ରତ ପ୍ରଧାନଙ୍କ ୪୨ ରନ ସହାୟତାରେ କିଶୋର ସ୍ପୋର୍ଟିଂ ୩୯.୧ ଓଭରରେ ୨୨୪ ରନ କରି ଅଲଆଉଟ୍ ହୋଇଥିଲା। ତେଣ ପାରାମାଉଣ୍ଟ ସ୍ପୋର୍ଟିଂ ୧୪ ରନ ବ୍ୟବଧାନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ମିନାଲ ପରିଡାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା, ମୁକ୍ତେଶ୍ୱର କ୍ଲବ ସଦସ୍ୟ ତଥା ପୂର୍ବତନ ଖେଳାଳି ଶଶାଙ୍କ ମହାନ୍ତି, ମୁକ୍ତେଶ୍ୱର କ୍ଲବର ଉପସଭାପତି ଅଜିତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ପୁରୀ ପାୟୋନିୟର ଏବଂ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।




# ପାଣିରେ ପଡିଲା ୨.୩୪ କୋଟି !

ନୂଆଦିଲ୍ଲୀ, ୧୫।୩ (ଏଜେନ୍ସି) : ଦ ହଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟ ପାଇଁ ନିକଟରେ ଖେଳାଳି ନିଲାମ ହୋଇଥିଲା। ଏହି ନିଲାମରେ ଏକ ବଡ ବିବାଦ ସାମ୍ନାକୁ ଆସିଥିଲା। ସନରାଇଜର୍ସ ହାଇଦ୍ରାବାଦର ମାଲିକ କାବ୍ୟା ମାରନଙ୍କ ମାଲିକାନାରେ ଥିବା ସନରାଇଜର୍ସ ଲିଡ୍ସ ପାକିସ୍ତାନର ମିଷ୍ଟ୍ରି ସ୍ପିନର ଅବରାର ଅହମ୍ମଦଙ୍କୁ ୧ ଲକ୍ଷ ୯୦ ହଜାର ପାଉଣ୍ଡ( ୨.୩୪ କୋଟି) ରେ କିଣିଥିଲା। ଏହି ନିଷ୍ପତ୍ତି ସହିତ ଭାରତୀୟ ମାଲିକାନା ଥିବା ଦଳଗୁଡିକରେ ପାକିସ୍ତାନୀ ଖେଳାଳିଙ୍କ ଉପରେ ଥିବା ଅଘୋଷିତ କଟକଟା ହଟିଥିବା ନେଇ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏବେ ଏହି ଖୁସି ଫିକା ପଡିବାରେ ଲାଗିଛି। ପାକିସ୍ତାନ କ୍ରିକେଟ ବୋର୍ଡର କଡା ନିୟମ ଏବଂ ଅନ୍ତର୍ଜାତୀୟ ମ୍ୟାଚ ସୂଚି କାରଣରୁ ସନରାଇଜର୍ସର ଏହି ଦାମି ଖେଳାଳି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିବା ସମ୍ଭାବନା ଦେଖାଦେଇଛି।



ଅବରାରଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି ତାଙ୍କ ଜାତୀୟ ଦଳର ଖେଳ ସୂଚି। ଗୋଟିଏ ସମୟରେ ଅନ୍ତର୍ଜାତୀୟ ସୂଚି ସହ ଦ. ହଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟର ସୂଚି ମିଶିଯାଉଛି ।ପାକିସ୍ତାନ ଦଳ ଜୁଲାଇ ୧୫ ରୁ ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବ। ଏହି ଶୃଙ୍ଖଳା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଅନ୍ୟ ପକ୍ଷରେ ଦ ଅଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟ ଜୁଲାଇ ୨୧ ରୁ ଆରମ୍ଭ ହୋଇ ଅଗଷ୍ଟ ୧୬ରେ ସରିବ। ଏହାର ଅର୍ଥ ଟୁର୍ଣ୍ଣାମେଣ୍ଟର ଗ୍ରୁପ ପର୍ଯ୍ୟାୟ ଚାଲିଥିବା ବେଳେ ଅବରାରଙ୍କୁ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଦଳ ସହ ରହିବାକୁ ପଡିବ। ନୋମାଲ ଅଲ୍ଲି ଓ ସାଜିଦ୍ ଖାନ୍ ପାକିସ୍ତାନର ମୁଖ୍ୟ ସ୍ପିନର ଅଛନ୍ତି। ତଥାପି ଅବରାର ଦଳର ପ୍ରମୁଖ ଖେଳାଳି। ତେଣୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚାଲିଥିବା ବେଳେ ଏକ ଫ୍ରାଞ୍ଚାଇଜ୍ ଲିଗ୍ ପାଇଁ ତାଙ୍କୁ ଜାତୀୟ ଦଳରୁ ବିରତି ଦିଆଯିବା ଅସମ୍ଭବ ମନେ ହେଉଛି।

## ପ୍ରଣବ-ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏମ.ଜେ ଷ୍ଟ୍ରାଇକର ଚାମ୍ପିଅନ

ରାଜକନିକା,୧୫/୩(ସବ୍ୟୁ) : ରାଜକନିକା ବ୍ଲକ ପାରିନୁଆପଡା ଖେଳ ପଡିଆରେ ସ୍ଥାନୀୟ ବହୁରୂପା କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ପ୍ରଣବ-ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ.ଜେ ଷ୍ଟ୍ରାଇକର ଭାରିଗଦା, ଇଗଲ ଷ୍ଟ୍ରାଇକର ବାନ୍ଧପଡା କୁ ୨୯ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି ଏମ ଜେ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଙ୍ଗ କରି ୧୪. ୩ ଓଭର ରେ ସମସ୍ତ ଉଇକେଟ ହରଇ ୧୪୯ ରନ କରିଥିବା ବେଳେ ଇଗଲ ଷ୍ଟ୍ରାଇକର ୧୫ ଓଭରରେ ୯ ଉଇକେଟ ହରାଇ ୧୨୦ ରନ କରି ପରାଜୟ ବରଣ କରିଥିଲା । ଯୁବ ସଂଗଠକ ଓ କ୍ରୀଡ଼ାବିତ ପବିତ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ମୁଖ୍ୟ ବକ୍ତା ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ସମ୍ମାନିତ ଅତିଥି ଭାବେ ୨୮ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ପ୍ରତାପ କୁମାର ବେହେରା, ଯୁବ ସଂଗଠକ କ୍ଷୀରୋଦ କୁମାର ବେହୁରିଆ,ଶିକ୍ଷାବିତ ସଞ୍ଜୟ କୁମାର ବରଜ, ଗ୍ରାମ ମୁରବି ରାହାସିହାରୀ ପରିଡା ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୩୩ ହଜାର ୩୩୩ ଟଙ୍କା ଓ ଉପ ବିଜେତା ଦଳକୁ ୨୫ ହଜାର ୫୫୫ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ବିଜେତା ଦଳର ଅମିତ ନାୟକ ଓ ଉପବିଜେତା ଦଳର ମଙ୍ଗଳା ଆଶିଷ ଧଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା ଅନୁଷ୍ଠାନର ସଭ୍ୟ ନଳିନୀ କାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କଳିଙ୍ଗ କିଶୋର ଜେନା ଓ ବିକ୍ରମ ଜେନା ଖେଳ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ମୃତ୍ୟୁଞ୍ଜୟ ବରଜ,ସମ୍ପାଦକ କିଶୋର ରାଉତ, ସୁନୀଲ ବରଜ, ରାକେଶ ବରଜ, ରୋହନ ପରିଡା, ଲକ୍ଷ୍ମୀଧର ବରଜ, ଆଶିଷ ନାୟକ, ରାଜେଶ ପରିଡାଙ୍କ ସମେତ ବହୁରୂପା ଯୁବକ ସଙ୍ଘର ସମସ୍ତ ସଭ୍ୟ ଏଥିରେ ସହଯୋଗ କରିଥିଲେ ।




# ଅଷ୍ଟ୍ରେଲିଆରେ ଶରଣ ଉଦ୍ୟମ ପଡିଲା ମହଙ୍ଗା

ତେହେରାନ୍, ୧୫।୩(ଏଜେନ୍ସି) : ଇରାନ ମହିଳା ଦଳର ଅଧିନାୟକ ଜହରା ଗନଗରୀଙ୍କ ପରିବାରକୁ ଧମକ ମିଳୁଛି। ଇରାନ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁସାରେ ଇରାନ ସୁରକ୍ଷା ଏଜେନ୍ସି ମାନେ ଖାସ୍ ଇସ୍ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସର ଇଣ୍ଟେଲିଜେନ୍ସି ୟୁନିଟ୍ ଗନବରୀଙ୍କ ମାଙ୍କୁ ଧମକ ଦେଇଛି। ଗନବରୀ ବର୍ତ୍ତମାନ କ୍ୱାଲାଲମପୁରରେ ଅଛନ୍ତି। ତାଙ୍କ ସାଥି ଖେଳାଳି ଏହି ସୂଚନା ତାଙ୍କ ନିକଟକୁ ପହଞ୍ଚାଇଛନ୍ତି। ଗନବରୀ ହେଉଛନ୍ତି ଇରାନ ମହିଳା ଜାତୀୟ ଦଳର ସବୁଠୁ ଅଧିକ ଗୋଲ କରିଥିବା ମହିଳା ଫୁଟବଲର। ଗତ ସପ୍ତାହରେ ସେ ଅଷ୍ଟ୍ରେଲିଆକୁ ସରଣ ମାଗିଥିଲେ। ରିପୋର୍ଟରେ କୁହାଯାଇଛି ଯେ, ଦଳର ଜୈନିକ ଷ୍ଟାଫ ମେମ୍ବର ଜୋହରା ସୁଲତାନ ମୋସକେହ ସେହି ଖେଳାଳିଙ୍କ ନିଟକୁ ଧମକପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି, ଯେଉଁମାନେ ଅଷ୍ଟ୍ରେଲିଆରେ ସରଣ ନିବେଦନ ଦେଇଛନ୍ତି।

ଏସିଆ କପ୍ ଖେଳିବାକୁ ଯାଇଥିବା ଇରାନ ମହିଳା ଫୁଟବଲ ଦଳର ୭ ଜଣ ସଦସ୍ୟ ଅଷ୍ଟ୍ରେଲିଆର ସରଣ ମାଗିଥିଲେ। ଏହି ଖେଳାଳିଙ୍କୁ ଇରାନରେ ଦେଶ ଦ୍ରୋହୀ କୁହାଯାଇଥିଲା। କାରଣ ସେମାନେ ମ୍ୟାଚ ପୂର୍ବରୁ ବାଜୁଥିବା ଜାତୀୟ ସଂଗୀତ ଗାନ କରିଥିଲେ। ହେଲେ ପରେ ସେମାନଙ୍କ ନିଷ୍ପତ୍ତି ବଦଳାଇଥିଲେ। ଅଷ୍ଟ୍ରେଲିଆ ଗୃହମନ୍ତ୍ରୀ ଟୋନି ବର୍କ କହିଛନ୍ତି ଯେ, ୩ ଜଣ ଖେଳାଳି ଟିମ୍ ସହିତ ଫେରିଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଅଷ୍ଟ୍ରେଲିଆ ସରକାର ଖେଳାଳିଙ୍କୁ ସରଣ ଦେବାକୁ ବିକଳ୍ପ ଦେଇଥିଲେ। ହେଲେ ସେମାନେ ସରଣ ନେବେ କି ନାହିଁ ନିଷ୍ପତ୍ତି ନେଇପାରିନଥିଲେ।

## ଧମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ୍ : ସେମିରେ ଝାଡଖଣ୍ଡ

ଗୋପ,୧୫,୩(ସବ୍ୟୁ) : ଗୋପ ବ୍ଲକ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଗୋପ ଆଥେଲେଟିକ ଆସୋସିଏସନ ପକ୍ଷରୁ ତୃତୀୟ ବାର୍ଷିକ ସର୍ବଭାରତୀୟ ଧମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ କପ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସ୍ୱାଇଁ, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁଙ୍କ ସମେତ ଆଉ କେତେକ ବରିଷ୍ଠ ବ୍ୟକ୍ତି ଯୋଗ ଦେଇ ଏହି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ ଘାଟନ କରିଥିଲେ । ପ୍ରଥମ କ୍ୱାର୍ଟର ଫାଇନାଲ ଖେଳରେ କଟକର ରାଇଜିଙ୍ଗ ସ୍ପୋର୍ଟସ କ୍ଲବ ଟସରେ ହାରି ବ୍ୟାଟିଂ କରିଥିଲା । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭର ବିଶିଷ୍ଟ ମ୍ୟାଚ ରେ ରାଇଜିଙ୍ଗ ସ୍ପୋର୍ଟସ ୧୫ ଓଭର ଦୁଇଟି ବଲ ଖେଳି ମାତ୍ର ୭୬ ରନ ରେ ସମସ୍ତ ଉଇକେଟ ହରାଇ ଥିଲା । କେବଳ ଦଳ ପକ୍ଷରୁ ଅଙ୍କିତ ବେହେରା ୨୧ ଓ ସୋମେଶ ବେହେରା ୩୪ ରନ କରିଥିଲେ । ସିକେଟି ଝାଡ଼ଖଣ୍ଡ କ୍ରିକେଟ କ୍ଲବ ର ରଂଜିତ ଟ୍ରଫି ଖେଳାଳି ଅମିତ ବେହେରା ୧୪ ରନ ଦେଇ ୫ ଗୋଟି ଉଇକେଟ ନେଇଥିଲେ । ଜବାବରେ ସିକେଟି ଝାଡ଼ଖଣ୍ଡ କ୍ରିକେଟ କ୍ଲବ ବିଜୟ ର ପିଛା କରି ମାତ୍ର ୬ ଓଭର ଖେଳି ଗୋଟିଏ ଉଇକେଟ ହରାଇ ୮୧ ରନ କରି ୯ ୱିକେଟରେ ବିଜୟ ହୋଇ ସେମିଫାଇନାଲରେ ପହଞ୍ଚିଛି ।

## ବିବି ସାହୁ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍

# ପ୍ରିୟଦର୍ଶନ ବିଜେତା

ଭୁବନେଶ୍ୱର, ୧୫।୩(ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ସଂଘ ଆନୁକୁଲ୍ୟରେ ଆୟୋଜିତ ଷଷ୍ଠ ବିବି ସାହୁ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକ ସିଡିଏ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ର ପ୍ରିୟଦର୍ଶନ ରାୟ ଚାମ୍ପିଅନ ହୋଇଛନ୍ତି।



ପ୍ରଭୁଜୀ ଇଂରାଜୀ ମିଡିୟମ ସ୍କୁଲର ମନିଷ ରଞ୍ଜନ ଦାସ ଦ୍ୱିତୀୟ, ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ୧ ର ଆୟୁଷ୍ମାନ ବେହେରା ତୃତୀୟ ଓ ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ତଥା ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ସିବେଶ ଅବତାର ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୮ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ତଥା ବିଭିନ୍ନ ବୟସ ବର୍ଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବଡଗଡ କେନାଲ ରୋଡରେ ଥିବା ଓମ୍ ଗୁରୁକୂଳ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଏବଂ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ଟିଲୋ କପ୍

# ସିଏଜି ଦିଲ୍ଲୀ ଚାମ୍ପିଅନ

ଭୁବନେଶ୍ୱର, ୧୫।୩(ସବ୍ୟୁ) : ଭଦ୍ରକ ଜିଲ୍ଲାର ବନ୍ତ ସ୍ଥିତ ହନୁମାନ ଜୀଉ ଷ୍ଟାଡିୟମରେ ଅନୁଷ୍ଠିତ ୩୦ତମ ଟିଲୋ କପ୍‌ରେ ସିଏଜି ଦିଲ୍ଲୀ ଚାମ୍ପିଅନ ହୋଇଛି। ରବିବାର ମହାଲଢେଇରେ ନିମପୁର ଓଡିଶାକୁ ଭେଟିଥିଲା ସିଏଜି ଦିଲ୍ଲୀ। ଏହି ରୋଚକ ଫାଇନାଲରେ ନିମପୁର ଓଡିଶା ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୧୯.୫ ଓଭରରେ ୯୭ ରନ କରି ଅଲଆଉଟ ହୋଇଥିଲା। ବିକ୍ରମ ସାମଲ ୩୦ ରନ, ସୁଶୀଲ କୁମାର ବାରିକ ୩୬ ରନ କରିଥିଲେ। ଅନ୍ୟମାନଙ୍କ ପ୍ରଦର୍ଶନ ସନ୍ତୋଷଜନକ ନଥିଲା। ବୋଲିଂରେ ସିଏଜି ଦିଲ୍ଲୀର ଦେବବ୍ରତ ପ୍ରଧାନ ୩ ଟି , ଅରାଫତ ଖାନ୍ ୨ ଟି ଓ ପ୍ରୟାସ ରାୟ ୨ ଟି ୱିକେଟ ସଫଳତା ହାସଲ କରିଥିଲେ। ଜବାବ୍‌ରେ ସିଏଜି ଦିଲ୍ଲୀ ୧୩.୩ ଓଭରରେ ୩ ୱିକେଟ ହରାଇ ୯୯ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। କାର୍ତ୍ତିକ ବିଶ୍ୱାଳ ୨୪ ରନ, ଗୁରିନ୍ଦର ସିଂ ୨୨ ରନ, ସୁନିତ ମାଥୁର ୨୪ ରନ କରିଥିଲେ। ନିମପୁରର ସୁଶିଲ କୁମାର ବାରିକ, ତାରିଣୀଶ ଓ ଜାମଳା ଭଞ୍ଜ ମହାପାତ୍ର ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ। ଅମ୍ପାୟାର ରଞ୍ଜନ ମହାନ୍ତି ଓ ଲଲାଟ କେଶରୀ ନନ୍ଦ ମ୍ୟାଚ ପରିଚାନଳା କରିଥିଲେ। ଦେବବ୍ରତ ପ୍ରଧାନଙ୍କୁ ପ୍ଲେୟାର ଅଫ ମ୍ୟାଚ ବିବେଚିତ କରାଯାଇଥିଲା। ସେହିଭଳି ସମଗ୍ର ଶୃଙ୍ଖଳାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସୁନିତ ମାଥୁରଙ୍କୁ ପ୍ଲେୟାର ଅଫ ଦ ସିରିଜ୍ ଓ ଶ୍ରେଷ୍ଠ ବ୍ୟାଟର, ଅରାଫତ ଖାନ୍ ଶ୍ରେଷ୍ଠ ବୋଲର, ଦେବବ୍ରତ ପ୍ରଧାନ ଶ୍ରେଷ୍ଠ କ୍ୟାଚ୍, କାର୍ତ୍ତିକ ବିଶ୍ୱାଳ ଶ୍ରେଷ୍ଠ କିପର ପୁରସ୍କାର ପାଇଛନ୍ତି।



ପୁରସ୍କାର ବିତରଣ ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଟିଲୋ ଆଥଲେଟିକ ଆସୋସିଏସନର ଉପଦେଷ୍ଟା ମନମଥ ରାଉଳ, ବନ୍ତ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ଘଡେଇ, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ବିଜେପି ବନ୍ତ ମଣ୍ଡଳ ସଭାପତି ସନ୍ତୋଷ ନାୟକ, ଜିଲ୍ଲା ବିଜେପି ସମ୍ପାଦକ କିଶୋର କିଙ୍କର ପଡିହାରୀ, ପୂର୍ବତନ ସରପଞ୍ଚ ନିହାରିକା ରାଉତ, ପୂର୍ବତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ସ୍ୱାଇଁ, ଅନାଦି ଓଝା, ପଙ୍କଜିନି ଲେଙ୍କା ତଥା ଟିଲୋ ଆଥଲେଟିକ ସଭାପତି ଲକି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି